- Vol.- 46, Issue No. 94
- Saturday, 04 July 2026
- ଶନିବାର, ୦୪ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ତୃତୀୟ ଦିନ: ଜିଦ୍‌ରେ ଅଟଳ ଡାକ୍ତର

★ ଆଜି ଡାକ୍ତରଙ୍କ ସହ ସରକାରଙ୍କ ଆଲୋଚନା ★ ପୂର୍ବାହ୍ନ ସାଢେ ୧୧ଟା ସମୟରେ ମନ୍ତ୍ରୀଙ୍କ ଚାମ୍ବରରେ ହେବ
★ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ କଲେ ଅନୁରୋଧ ★ ଡାକ୍ତର ନ ଥିଲେ, ଚାଲିଗଲା ୨ ଜୀବନ!





ଭୁବନେଶ୍ୱର ୩।୭: ରାଜ୍ୟରେ ସରକାରୀ ଡାକ୍ତରଙ୍କ ଆନ୍ଦୋଳନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଗତକାଲି ଆନ୍ଦୋଳନରତ ଡାକ୍ତରଙ୍କୁ କାର୍ଯ୍ୟରେ ଯୋଗ ନ ଦେଲେ ଦରମା ବନ୍ଦ ହେବ ବୋଲି ଚେତାବନୀ ଦିଆଯାଇଥିବା ବେଳେ ଶୁକ୍ରବାର ରାଜ୍ୟ ସରକାରଙ୍କ ମନୋଭାବ ବଦଳିଛି। ଫଳରେ ଶନିବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଡାକ୍ତରଙ୍କ ଆଲୋଚନା ହେବ । ପୂର୍ବାହ୍ନ ସାଢେ ୧୧ଟା ସମୟରେ ମନ୍ତ୍ରୀଙ୍କ ଚାମ୍ବରରେ ଆଲୋଚନା ହେବ ବୋଲି ସୂଚନା ମିଳିଛି । ଏ ନେଇ ଓମସା ସଭାପତି ଓ ସମ୍ପାଦକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି କରାଯାଇଛି । ସୂଚନା ଅନୁସାରେ, ଆନ୍ଦୋଳନରତ ଡାକ୍ତରଙ୍କ ବିରୋଧରେ ରାଜ୍ୟ ସରକାର ଗତକାଲି କଠୋର ଚେତାବନୀ ଦେଇଥିଲେ । ଆନ୍ଦୋଳନ ଛାଡି କାର୍ଯ୍ୟରେ ଯୋଗ ଦେବାକୁ ଚେତାବନୀ ଦେଇଥିଲେ । କାର୍ଯ୍ୟରେ ଯୋଗ ନ ଦେଲେ ଆନ୍ଦୋଳନରତ ଡାକ୍ତରଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସିଡିଏମ୍‌ଓ, ପିଏଚଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ସମସ୍ତ ମେଡିକାଲ କଲେଜ ଅଧ୍ୟକ୍ଷ ଏବଂ ଅଧୀକ୍ଷକଙ୍କୁ ଚିଠି କରାଯାଇଥିଲା । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ଚିଠି କରାଯାଇଥିଲା । ପ୍ରଥମେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ ଆଲୋଚନାରେ ସାମିଲ ହେବାକୁ ସରକାର ଅନୁରୋଧ କରିଥିଲେ । ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଥିଲା । ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମସା)ପକ୍ଷରୁ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, କମିଶନର ତଥା ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓମସା ପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ତରଫରୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା। ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି। କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜଣାଇ ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନର ପ୍ରଭାବ ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ବଲାଙ୍ଗୀରରେ ଏକ ୪ ବର୍ଷର ଶିଶୁପୁତ୍ର ଓ ମାଲକାନଗିରିରେ ସାପକାମୁଡ଼ା ଇଂଜେକସନ ନେଇ ନ ପାରିବା କାରଣରୁ ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ସାଙ୍ଗକୁ ଦୂରଦୂରାନ୍ତ ରୋଗୀ ବିଭିନ୍ନ ଡାକ୍ତରଖାନାକୁ ଆସି ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଥିଲେ ବୋଲି କୁହାଯାଇଛି। ବାଲେଶ୍ୱର ଗସ୍ତରେ ଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ପ୍ରସଙ୍ଗରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଥିଲେ।ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସିଥିବା ଶତାଧିକ ଡାକ୍ତରଙ୍କ ସହ ସାକ୍ଷାତ କରିଥିଲେ। ଫଳରେ ଆନ୍ଦୋଳନରୁ ସେମାନେ ନିବୃତ୍ତ ହୋଇଥିଲେ ବୋଲି କୁହାଯାଇଛି।

## ପେନସନ ଅର୍ଥ ହଡ଼ପ ମାମଲା, ଧରିଲା ଭିଜିଲାନସ

■ ୨ ପଞ୍ଚାୟତ ଅଧିକାରୀ ଗିରଫ
■ ପଦବୀର କରିଥିଲେ ଦୁରୁପଯୋଗ

ଭୁବନେଶ୍ୱର, ୩।୭: ଭିଜିଲାନ୍ସ ପୁରୀ ଜିଲ୍ଲାରେ ମଧୁବାବୁ ପେନସନ ଯୋଜନା ଅଧୀନରେ ବଣ୍ଟନ ପାଇଁ ଥିବା ସରକାରୀ ଧନର ଅପବ୍ୟବହାର ମାମଲାରେ ୨ ଜଣ ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ବୃଦ୍ଧ, ଭିନ୍ନକ୍ଷମ ଏବଂ ନିରାଶ୍ରୟ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ମୋଟ ୩୦,୭୮,୬୨୦ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ରହିଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗିରଫ ଅଭିଯୁକ୍ତମାନେ ହେଲେ ସୁଲମାନୀ ଜାନୀ, ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ , ଗଡ଼ାମୃଗସିରା ଓ ଜାମରସୁଆଁ ଗ୍ରାମ ପଞ୍ଚାୟତ (ସଦର ବ୍ଲକ, ପୁରୀ) ଏବଂ ଟୁନା ପ୍ରଧାନ, ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ , ସାହୁପଡ଼ା ଗ୍ରାମ ପଞ୍ଚାୟତ (କଣାସ ବ୍ଲକ, ପୁରୀ)। ବର୍ତ୍ତମାନ ଜାନୀ ସଦର ବ୍ଲକ କାର୍ଯ୍ୟାଳୟ ସହ ଏବଂ ପ୍ରଧାନ ଗୋପ ବ୍ଲକ କାର୍ଯ୍ୟାଳୟ ସହ ସଂଲଗ୍ନ ଥିଲେ। ଭିଜିଲାନ୍ସ ତଦନ୍ତରେ ଜଣାପଡ଼ିଛି ଯେ, ଉଭୟ ଅଧିକାରୀ ୨୦୨୨ ରୁ ୨୦୨୫ ମଧ୍ୟରେ ସେମାନଙ୍କର ପଦବୀର ଦୁରୁପଯୋଗ କରି ସୁଚିନ୍ତିତ ଭାବେ ଏହି ଆର୍ଥିକ ଅନିୟମିତତା କରିଥିଲେ। ତଦନ୍ତ ଅନୁସାରେ, ସୁଲମାନୀ ଜାନୀ ୧୫,୭୪,୮୨୦ ଟଙ୍କା ଏବଂ ଟୁନା ପ୍ରଧାନ ୧୫,୦୩,୮୦୦ ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ହିତାଧିକାରୀଙ୍କୁ ବଣ୍ଟନ ନ ହୋଇଥିବା ରାଶିକୁ ସେମାନେ ଅଟକାଇ ନିଜ ସ୍ୱାର୍ଥରେ ବ୍ୟବହାର କରିଥିଲେ।ଏହି ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ସାଙ୍ଗକୁ ମାମଲାର ତଦନ୍ତ ଜାରି ରହିଛି।



## ୨.୦୭ କୋଟିର 'ଡିଜିଟାଲ୍ ଗିରଫ' ଠକେଇ: ୩ ଗିରଫ

ନୂଆଦିଲ୍ଲୀ,୩।୭: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ଓଡ଼ିଶା ଓ ରାଜସ୍ଥାନର ୭ ଟି ସ୍ଥାନରେ ତଲାସି ଚଳାଇ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ୨.୦୭ କୋଟି ଟଙ୍କାର 'ଡିଜିଟାଲ୍ ଗିରଫ' ଠକେଇର ତଦନ୍ତର ଅଂଶ ସ୍ୱରୂପ, ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ମିଥ୍ୟା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇ ପାଣ୍ଠି ସ୍ଥାନାନ୍ତର କରିବାକୁ ବାଧ୍ୟ କରାଯାଇଥିଲା । ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଯାଉଥିବା ଏହି ମାମଲା ସହିତ ଜଡିତ ଜୁନ୍ ୩୦ ତାରିଖରେ ତଲାସି କରାଯାଇଥିଲା। ଆଇନ ପ୍ରବର୍ତ୍ତନ ଏବଂ ନିୟାମକ ଅଧିକାରୀ ଭାବରେ ନିଜକୁ ପରିଚୟ ଦେଇ ସାଇବର ଠକମାନେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ବିଭିନ୍ନ କାରବାର ମାଧ୍ୟମରେ ୨.୦୭ କୋଟି ଟଙ୍କା ସ୍ଥାନାନ୍ତର କରିବାକୁ ଭୟ ଦେଖାଇଥିବା ଅଭିଯୋଗ ଆସିବା ପରେ ସିବିଆଇ ମାର୍ଚ୍ଚ ୨୫ ତାରିଖରେ ମାମଲା ପଞ୍ଜିକରଣ କରିଥିଲା।

## ସହରାଞ୍ଚଳରେ କୃତ୍ରିମ ବନ୍ୟା ପାଇଁ ରୋଡ୍‌ମ୍ୟାପ

ଭୁବନେଶ୍ୱର,୩।୭ : ସହରାଞ୍ଚଳରେ ଆଉ କୃତ୍ରିମ ବନ୍ୟା ହେବ ନାହିଁ। ରୋଡ଼ ମ୍ୟାପ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ୧୦ଟି ସହରକୁ ବିପର୍ଯ୍ୟୟ ପରିଚାଳନା ବିଭାଗ ଅର୍ଥ ମଞ୍ଜୁର କରିବ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ବର୍ଷା ଯୋଗୁଁ ଆଉ କେଉଁଠି କୃତ୍ରିମ ବନ୍ୟା ହେବ ନାହିଁ। ଏହି କ୍ରମରେ ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି ।ଭୁବନେଶ୍ୱର ପାଇଁ ଆଇଆଇଟି ରୁର୍କୀ ପ୍ଲାନ କରିଛି। ନଗର ଉନ୍ନୟନ ବିଭାଗକୁ ପରାମର୍ଶ ଦିଆଯାଇଛି। ସେମାନେ ଅଧିକ କୃତ୍ରିମ ବନ୍ୟା ହେଉଥିବା ୧୦ ସହରର ନାଁ ଦେବେ। ସେହିଭଳି ସୁନାମୀର ଆଶଙ୍କା ଥିବା ୩୮୧ଟି ଗାଁକୁ ଚିହ୍ନଟ କରାଯାଇଛି। ଯାହା କି ସମୁଦ୍ରର ୧୦ କିମି ଭିତରେ ରହିଛି। ସେଠାରେ ଡ୍ରେନ୍ ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ବର୍ଷା ସମୟରେ ପାହାଡ଼ ଖସୁଛି। ପାହାଡ଼ ଖସିବାକୁ ରୋକିବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଛି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ

ଭୁବନେଶ୍ୱର,୩।୭: ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ଡକ୍ଟର ଅଜିତ କୁମାର ଶାସନୀଙ୍କୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟର କୁଳପତି (ଭିସି ) ଭାବରେ ନିଯୁକ୍ତ କରିଛି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି ଏକ ସରକାରୀ ସୂଚନା ଅନୁଯାୟୀ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପରିଦର୍ଶକ ଭାବରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଏହି ନିଯୁକ୍ତିକୁ ଅନୁମୋଦନ କରାଯାଇଛି। ଡକ୍ଟର ଶାସନୀ ବର୍ତ୍ତମାନ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି।

## ପରିତ୍ୟକ୍ତ କୂଅରୁ ମିଳିଲା ସ୍ୱାମୀ-ସ୍ତ୍ରୀଙ୍କ ଗଳିତ ମୃତଦେହ

କେନ୍ଦୁଝର,୩।୭: କେନ୍ଦୁଝର ଜିଲ୍ଲାରେ ଏକ ପରିତ୍ୟକ୍ତ କୂଅରୁ ଜଣେ ୪୯ ବର୍ଷୀୟ ବ୍ୟକ୍ତି ଏବଂ ତାଙ୍କ ୪୭ ବର୍ଷୀୟ ସ୍ତ୍ରୀଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ଦ୍ୱୟ ଦୈତାରୀ ପୋଲିସ ଥାନା ସୀମା ଅନ୍ତର୍ଗତ ବାଲିପର୍ବତ ଗ୍ରାମର ଖଗେଶ୍ୱର ସୋରେନ ଏବଂ ତାଙ୍କ ସ୍ତ୍ରୀ ଟୁନି ସୋରେନ ଭାବରେ ଚିହ୍ନଟ ହୋଇଛି। ଗତ ଜୁନ ୨୭ରୁ ସେମାନେ ନିଖୋଜ ଥିଲେ। ଖବର ଅନୁଯାୟୀ, ରାସୋଳ ପଞ୍ଚାୟତର ଡାହାରା ସାହି ଗ୍ରାମର ମୂଳ ବାସିନ୍ଦା ଖଗେଶ୍ୱର ପ୍ରାୟ ଏକ ଦଶନ୍ଧି ପୂର୍ବେ ବାଲିପର୍ବତରେ ବସବାସ କରୁଥିଲେ। ଖଗେଶ୍ୱର ଏବଂ ତାଙ୍କ ସ୍ତ୍ରୀ ଟୁନି ସାତ ଦିନ ପୂର୍ବରୁ ତାଙ୍କ ଘରୁ ନିଖୋଜ ହୋଇଯାଇଥିଲେ। ଦମ୍ପତିଙ୍କୁ ଖୋଜିବାରେ ବିଫଳ ହେବା ପରେ ସେମାନଙ୍କ ପରିବାର ସଦସ୍ୟମାନେ ଏ ସମ୍ପର୍କରେ ପୋଲିସରେ ଅଭିଯୋଗ କରିଥିଲେ। କିଛି ଗାଁ ଲୋକ ଏକ ପରିତ୍ୟକ୍ତ କୂଅରେ ଦମ୍ପତିଙ୍କ ଗଳିତ ମୃତଦେହ ଭାସୁଥିବାର ଦେଖିଥିଲେ। ପରେ ତାହାକୁ ଉଦ୍ଧାର କରାଯାଇଛି। ଏହା ଏକ ହତ୍ୟାକାଣ୍ଡ ଏବଂ ଏ ନେଇ ଜଣକୁ ଅଟକ ରଖାଯାଇଥିବା ଏକ ସୂତ୍ରରୁ ପ୍ରକାଶ ।

### ଜାପାନୀ ସଂସ୍ଥା ସହ ଓଡ଼ିଶାର ସହଯୋଗ ପତ୍ର ସ୍ୱାକ୍ଷରିତ

## ସବୁଜ ଶକ୍ତିର ପେଣ୍ଠ ହେବ ଓଡ଼ିଶା

- ପାରାଦୀପ ଓ ଗୋପାଳପୁରରେ ହେବ ୩ ପ୍ରକଳ୍ପ
- ନିବେଶ ହେବ ୬୭ ହଜାର କୋଟି, ନିଯୁକ୍ତି ପାଇବେ ୭,୬୦୦
- ଶିଳ୍ପ କ୍ଷେତ୍ରକୁ ଏହା ଆହୁରି ଉଜ୍ଜ୍ୱଳ କରିଛି: ମୁଖ୍ୟମନ୍ତ୍ରୀ
- ଶିଳ୍ପ ଅଭିବୃଦ୍ଧି ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି ଦ୍ୱାରା ହେବ ପରିଚାଳିତ
- ଦେଢ଼ ବର୍ଷରେ ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ



ଭୁବନେଶ୍ୱର, ୩।୭(ନିପ୍ର) ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ଏବେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସବୁଜ ଅର୍ଥନୀତି (ଗ୍ରୀନ୍ ଇକୋନୋମି) ଦ୍ୱାରା ପରିଚାଳିତ ହେବ । ଶୁକ୍ରବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ, ଜାପାନୀ ଶିଳ୍ପ ବ୍ୟାବସାୟିକ ପ୍ରତିନିଧି ମଣ୍ଡଳଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ କହିଛନ୍ତି ଯେ, ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗରେ ଓଡିଶାକୁ ଏକ 'ଗ୍ଲୋବାଲ୍ ଗ୍ରୀନ୍ ହବ୍' ରେ ପରିଣତ କରାଯିବ। ଏହି ଅବସରରେ ରାଜ୍ୟ ସରକାର ଏସିଏମଇ ଗ୍ରୁପ ଓ ଆଇଏଚଆଇ କର୍ପୋରେସନ୍ ସହିତ ଏକ ସହଯୋଗ ପତ୍ର (ମେମୋରାଣ୍ଡମ ଅଫ୍ କୋପରେସନ) ସ୍ୱାକ୍ଷର କରିଛନ୍ତି। ଏହି ଦୁଇଟି କମ୍ପାନୀ ଓଡିଶାରେ ସ୍ୱଚ୍ଛ ଶକ୍ତି ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପରେ ବ୍ୟାପକ ରୂପରେ ନିବେଶ କରିବେ। ଏହି ଦୁଇଟି କମ୍ପାନୀ ଏସିଏମଇ ଓ ଆଇଏଚଆଇ ଓଡିଶାରେ ୩ଟି ପ୍ରକଳ୍ପ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢାଇଛନ୍ତି। ଏହାର ସମୁଦାୟ ନିବେଶ ମୂଲ୍ୟ ପ୍ରାୟ ୬୭,୦୦୦ କୋଟି ଟଙ୍କା ଏବଂ ଏହା ଦ୍ୱାରା ୭,୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ ଗୁଡିକ ହେଲା ଗୋପାଳପୁରରେ ୦.୪ଏମଟିପିଏ କ୍ଷମତା ବିଶିଷ୍ଟ ଗ୍ରୀନ ଆମୋନିଆ ପ୍ରକଳ୍ପ। ଏଥିରେ ୨୦,୦୦୦ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୩,୪୦୦ ନିଯୁକ୍ତି ସୃଷ୍ଟି ହେବ। ଏହା ସହିତ ଏହି ପ୍ରକଳ୍ପରେ ଅତିରିକ୍ତ ୧,୦୦୦ କୋଟି ଟଙ୍କା ନିବେଶରେ ଏକ ଜେଟି ବିହୀନ ଫ୍ଲୋଟିଙ୍ଗ୍ ଟର୍ମିନାଲ୍ ଭିତ୍ତିଭୂମି ସୃଷ୍ଟି କରାଯିବ। ଏହା ସହିତ ପାରାଦୀପରେ ୩୪,୦୦୦ କୋଟି ଟଙ୍କା ବିନିଯୋଗରେ ୦.୮ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ଆମୋନିଆ ପ୍ରକଳ୍ପ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ୩,୬୦୦ ନିଯୁକ୍ତି ସୃଷ୍ଟି ହେବ। ତୃତୀୟ ପ୍ରକଳ୍ପଟି ହେଉଛି ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ପାରାଦୀପରେ ୦.୧ ଏମଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ୍ ପ୍ରକଳ୍ପ କରାଯିବ। ଏହା ଦ୍ୱାରା ୬୦୦ ନିଯୁକ୍ତି ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜାନୁଆରୀର 'ଉତ୍କର୍ଷ ଓଡ଼ିଶା' ପରଠାରୁ ରାଜ୍ୟରେ ଦ୍ୱିତୀୟ ଶିଳ୍ପ ବିପ୍ଲବ ଆରମ୍ଭ ହୋଇଛି ଏବଂ ବିଗତ ଦେଢ଼ ବର୍ଷ ମଧ୍ୟରେ ଓଡ଼ିଶା ସରକାର ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି।

### ମାଟି ତଳେ ଥିଲା ମୃତ୍ୟୁର ସାମଗ୍ରୀ

## କୋରାପୁଟ ତେନ୍ତୁଳିଗୁମା ଜଙ୍ଗଲରୁ ମାଓ ଡମ୍ପ ଠାବ

● ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ହେଲା ଜବତ ● ପଚିଶ ଜଣିଆ ଡିଭିଏଫ୍ ଯବାନଙ୍କ ଟିମ୍‌ର ଚଢ଼ଉ



ଜୟପୁର, ୩।୭(ନିପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡାର ତେନ୍ତୁଳିଗୁମା ଜଙ୍ଗଲରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି। ଶୁକ୍ରବାର ସକାଳୁ ପଚିଶ ଜଣିଆ ଡିଭିଏଫ୍ ଯବାନଙ୍କ ଟିମ୍ ଚଢ଼ଉ କରି ମାଓ ସାମଗ୍ରୀ ଉଦ୍ଧାର କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କୋରାପୁଟ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା। କୋରାପୁଟ ଜିଲ୍ଲାରେ ଏକ ସର୍ଚ୍ଚ ଅପରେସନ ସମୟରେ ସୁରକ୍ଷା ବାହିନୀ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଇମ୍ପ୍ରୋଭାଇଜଡ୍ ବିସ୍ଫୋରକ ଉପକରଣ ଆଇଇଡି ଠାବ କରିଛନ୍ତି । ଯାହା ମାଓ କ୍ୟାଡରଙ୍କର ବୋଲି ଅନୁମାନ କରାଯାଉଛି ।ଏଥି ନେଇ କୋରାପୁଟ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି । ପୋଲିସ ସୂଚନା ଅନୁଯାୟୀ, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପଚରାଉଚରା ସମୟରେ ଗୁପ୍ତ ସୂଚନା ସଂଗ୍ରହ ପରେ ଓଡ଼ିଶା-ଛତିଶଗଡ଼ ସୀମା ନିକଟସ୍ଥ ବୈପାରୀଗୁଡା ଥାନା ସୀମା ଅନ୍ତର୍ଗତ ତେନ୍ତୁଳିଗୁମା ଜଙ୍ଗଲ ଅଞ୍ଚଳରୁ ଏସବୁ ଉଦ୍ଧାର କରାଯାଇଥିଲା। ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ ଦ୍ୱାରା ସକାଳ ପ୍ରାୟ ୬ଟା ସମୟରେ କରାଯାଇଥିବା ଏହି ଅଭିଯାନରେ ଗୋଟିଏ ଦେଶୀ ନିର୍ମିତ ରିଭଲଭର, ଛଅଟି ଦେଶୀ ନିର୍ମିତ ବନ୍ଧୁକ, ବିଭିନ୍ନ କ୍ଷମତାର ୧୧ ଟିଫିନ୍ ବୋମା ଆଇଇଡ଼ି, ୨୫ଟି ଡେଟୋନେଟର, ୨୦ ମିଟର କୋଡେକ୍ସ ତାର, ଦୁଇଟି କ୍ୟାମେରା ଟର୍ଚ୍ଚଲାଇଟ୍, ବାରୁଦ ଏବଂ .୩୮ କ୍ୟାଲିବରର ଛଅ ରାଉଣ୍ଡ ଗୁଳି ଜବତ କରାଯାଇଛି। ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକଗୁଡ଼ିକ ଆନ୍ଧ୍ର-ଓଡିଶା ସୀମା ସ୍ୱତନ୍ତ୍ର ଜୋନାଲ କମିଟିର ମାଓ କ୍ୟାଡରମାନଙ୍କର ଏବଂ ସାଧାରଣ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ପୋଲିସ ଅନୁମାନ କରୁଛି । ପ୍ରେସ ଇସ୍ତାହାରରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ କୋରାପୁଟ ଜିଲ୍ଲା ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା 'ନକ୍ସଲ ମୁକ୍ତ' ହେବାର ଲକ୍ଷ୍ୟ ହାସଲ କରିବା ପରେ ଏହି ଉଦ୍ଧାର କରାଯାଇଥିବା ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି । ଜଣେ ମାଓ ନେତାଙ୍କୁ ମେ ୨୦୨୫ ରେ ଗିରଫ କରାଯାଇଥିଲା। ସେହିପରି ଅନ୍ୟ ଜଣେ କ୍ୟାଡର ଫେବୃଆରୀ ୨୦୨୬ ରେ ଆତ୍ମସମର୍ପଣ କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି । ଅଧିକାରୀମାନେ କହିଛନ୍ତି ଯେ, ଏହା ଗତ ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲାରେ ଉଦ୍ଧାର ହୋଇଥିବା ଦ୍ୱିତୀୟ ପ୍ରମୁଖ ମାଓ ଡମ୍ପ। ଜୁନ ୨୨ ତାରିଖରେ ସୁରକ୍ଷା ବାହିନୀ ବୈପାରୀଗୁଡା ଥାନା ସୀମା ଅନ୍ତର୍ଗତ ବାଦଲିପାହାଡ ଜଙ୍ଗଲରୁ ଏକ ଆଇଏନଏସଏଏସ ରାଇଫଲ, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ଆଇଇଡ଼ି ଏବଂ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଜବତ କରିଥିଲା ।ପୋଲିସ କହିଛି ଯେ, ଲୁଚାଇ ରଖାଯାଇଥିବା ମାଓ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକଗୁଡ଼ିକୁ ଚିହ୍ନଟ କରିବା ଏବଂ ମାଓବାଦୀ କାର୍ଯ୍ୟକଳାପର ପୁନରାବୃତ୍ତିକୁ ରୋକିବା ପାଇଁ ସ୍ପେଶାଲ୍ ଅପରେସନ୍ସ ଗ୍ରୁପ୍ ଏବଂ ସୀମା ସୁରକ୍ଷା ବଳ ଦ୍ୱାରା ନିୟମିତ କମ୍ବିଂ ଏବଂ ସନ୍ଧାନ ଅଭିଯାନ ଏହି ଅଞ୍ଚଳରେ ଜାରି ରହିବ ବୋଲି କୋରାପୁଟ ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି ।

### ବରଯାତ୍ରୀଙ୍କୁ କାଳ ହେଲା ବଜ୍ରପାତ

## ଜଣେ ମୃତ, ୨ଜଣ ଗୁରୁତର

ଢେଙ୍କାନାଳ,୩।୭: ବିବାହ ଉତ୍ସବର ଖୁସି ମୁହୂର୍ତ୍ତ ମଧ୍ୟରେ ଘଟିଛି ଅଘଟଣ। ବରଯାତ୍ରୀ ଦଳ କନ୍ୟା ଘରକୁ ଯାଉଥିବା ବେଳେ ବଜ୍ରପାତରେ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି ।ସୂଚନା ଅନୁଯାୟୀ, ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ଭାପୁର ଅଞ୍ଚଳର ଚନ୍ଦ୍ରଶେଖର ପ୍ରସାଦ ଗାଁରୁ ବର ଓ ବରଯାତ୍ରୀ ଦଳ ରଞ୍ଜା ଗାଁସ୍ଥିତ କନ୍ୟା ଘରକୁ ଯାଉଥିଲେ। କନ୍ୟା ଘରଠାରୁ ଅଳ୍ପ ଦୂରରେ ଥିବାବେଳେ ହଠାତ୍ ବର୍ଷା ସହ ପ୍ରବଳ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଏହି ସମୟରେ ତିନିଜଣ ବରଯାତ୍ରୀ ରଞ୍ଜା ଗାଁ ନିକଟରେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ହଠାତ୍ ବଜ୍ରପାତ ଘଟିବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ।ସେଠାରେ ଡାକ୍ତର କୋଇଲିପଙ୍ଗି ଗାଁର ୫୨ ବର୍ଷୀୟ ଅମିନ ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ତପନ ଜେନା ଓ ମନୋଜ ଦେହୁରୀଙ୍କ ଚିକିତ୍ସା ଚାଲିଥିବାବେଳେ ଗୁରୁତର ଅବସ୍ଥାରେ ଥିବା ମନୋଜ ଦେହୁରୀଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି ।ଏହି ଅଘଟଣ ପରେ ବିବାହ ଘରର ଖୁସିର ପରିବେଶ ଶୋକରେ ପରିଣତ ହୋଇଛି।

# ନିମ୍ବ କାଠରେ କାହିଁକି ଗଢ଼ା ହେଲେ ଦାରୁ ଦେବତା

- ହାତ ଅଛି, ହେଲେ କାହିଁକି ଦାରୁ ଦିଅଁଙ୍କର ନାହିଁ ପାପୁଲି
- ଅଧାଗଢ଼ା କାହିଁକି ମହାପ୍ରଭୁ ଶ୍ରୀଜଗନ୍ନାଥ ?
- କାହିଁକି ନିମ ବୃକ୍ଷ ପିତା ?
- ଛଳନା କରି ମାରିଥିଲେ ବାଳୀଙ୍କୁ ତାହାର ପରିଣାମ କି ?

*ପ୍ରଭୁ ହସି ହସି କହିଲେ, ହେ ବୃକ୍ଷ ଦେବତା । ତୁମ ପାପର ଭାର ଆଜିଠୁ ମୋର । ତୁମର ଦେହରେ ମୋର ଶରୀର ଗଢ଼ା ହେବ । ନିମ୍ବଦାରୁରେ ହିଁ ମୋ ବିଗ୍ରହ ତିଆରି ହେବ । ମୁଁ ଜଗନ୍ନାଥ ରୂପରେ ପୂଜା ପାଇବି । ସେଥିଲାଗି କାଳେ ମହାପ୍ରଭୁଙ୍କ ବିଗ୍ରହ ନିମ୍ବ କାଠରେ ତିଆରି ।*







ତ୍ରେତୟା ଯୁଗର କଥା । କିଷ୍କିନ୍ଧ୍ୟାର ରାଜା ବାଳିଙ୍କୁ ବଦ୍ଧ କଲେ ପ୍ରଭୁ ଶ୍ରୀରାମ । ନିଜର ପରମ ମିତ୍ର ବନ୍ଧୁ ସୁଗ୍ରୀବଙ୍କୁ ରାଜା ଭାବରେ ଅଭିଷେକ କରାଇଥିଲେ । ବନ୍ଧୁ ସୁଗ୍ରୀବଙ୍କୁ କଥା ଦେଇ କଥା ରଖିଲେ ପ୍ରଭୁ ଶ୍ରୀରାମଚନ୍ଦ୍ର । ଏଥିପାଇଁ ପରାକ୍ରମୀ ବାଳୀଙ୍କୁ ଛଳନା କରି ମାରିଥିଲେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର । ବାଳି ଏବଂ ସୁଗ୍ରୀବ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ଏକ ଗଛ ଆଢୁଆଳରେ ରହି ରଘୁନାଥ ବାଳୀଙ୍କ ଉପରକୁ ଶର ମାରିଥିଲେ । ବାଳି ସେହିଠାରେ ହିଁ ଲୋଟି ପଡ଼ିଲେ । ଏ ଘଟଣା ପରେ ମର୍ମାହତ ହେଲେ ଶ୍ରୀରାମ । ବାଳିଙ୍କୁ କହିଲେ, କଣ ତୁମର ମନସ୍କାମନା ଅଛି ? ମୃତ୍ୟୁ ପୂର୍ବରୁ ଯଦି କିଛି ବର ମାଗିବାକୁ ଚାହୁଁଛ ତେବେ ମାଗିପାର । ଯନ୍ତ୍ରଣାରେ ଛଟପଟ ବାଳି କହିଲେ, ହେ ପ୍ରଭୁ ଆପଣ ମର୍ଯ୍ୟାଦାପୁରୁଷ । ଆପଣ ନାରାୟଣଙ୍କ ଅବତାର ହୋଇ ମଧ୍ୟ ମୋତେ କପଟ କରି ହତ୍ୟା କଲେ । ମୁଁ ଆପଣଙ୍କୁ ଏ ବର ମାଗୁଛି ଯେ ଆପଣ ଯେଉଁ ପାପୁଲିରେ ଶରବିଦ୍ଧ କରିଛନ୍ତି, ସେହି ହାତର ପାପୁଲି ଆପଣଙ୍କର ନ ରହୁ । ବାଳିଙ୍କର ଏହି କଥା ଶୁଣି ଶ୍ରୀରାମ ମଧ୍ୟ କାନ୍ଦି ପକାଇଥିଲେ । ପ୍ରଭୁ କହିଲେ, ହେ ପରାକ୍ରମୀ ବାଳି, ତୁମର ଏହି ଅଭିଶାପକୁ ମୁଁ ଏହି ଜନ୍ମରେ ପୂରଣ କରିପାରିବି ନାହିଁ । କଳିଯୁଗରେ ମୁଁ ଯେବେ ଜନ୍ମ ନେବି, ଆପଣଙ୍କୁ ଦେଇଥିବା ବର ଅନୁସାରେ ମୋର ହାତ ରହିବ, ହେଲେ ପାପୁଲି ନଥିବ । ଅଧାଗଢା ହୋଇ ମୁଁ ଶ୍ରୀଜଗନ୍ନାଥ ରୂପରେ ଅବତାର ନେବି । ସେତେବେଳେ ମୋ ପାଖରେ ପାପୁଲି ନଥିବ । ମୁଁ କାହାକୁ ଛଳନା କରି ହତ୍ୟା କରିପାରିବି ନାହିଁ । ଏତିକି ଶୁଣିବା ପରେ ବାଳି ଶ୍ରୀରାମଙ୍କ କୋଳରେ ପ୍ରାଣତ୍ୟାଗ କରିଥିଲେ । ତେଣୁ ତ୍ରେତୟା ଯୁଗରେ ବାଳିଙ୍କୁ ଦେଇଥିବା ବରଦାନ ଏବଂ ପ୍ରତିଜ୍ଞା ଯୋଗୁଁ କଳି ଯୁଗରେ ଅଧାଗଢା ହୋଇ ରହିଛନ୍ତି ପ୍ରଭୁ ନାରାୟଣଙ୍କ ଅବତାର ଶ୍ରୀଜଗନ୍ନାଥ । ପୁରାଣ କହୁଛି, ବାଳି କାଳେ ରଘୁକୁଳ ତିଳକ ଶ୍ରୀରାମଙ୍କୁ କହିଲେ, ପ୍ରଭୁ ମୁଁ ହେଉଛି ଏହି ରାଜ୍ୟର ରାଜା । ଏହି ରାଜ୍ୟରେ ସମସ୍ତ ବାନର ସହ ଯେତେ ଗଛ ଲତା ପଶୁ ପକ୍ଷୀ ଅଛନ୍ତି ସେ ସବୁ ମୋର । ହେଲେ ଯେଉଁ ଗଛ ପଛରେ ଆପଣ ଲୁଚି ଯାଇ ମୋତେ ଆକ୍ରମଣ କଲେ ସେହି ଗଛ ବେଇମାନ୍ । ରାଜ୍ୟର ରାଜାଙ୍କ ସହ ଏ ନିମ୍ବ ଗଛ ବିଶ୍ୱାସଘାତକତା କରିଛି । ଆଜିଠୁ ପ୍ରଭୁ ଏ ଗଛକୁ ଏମିତି କରିଦିଅନ୍ତୁ ଯେମିତି ତାର ଫଳ, ପତ୍ରକୁ ଯିଏ ବି ପାଟିରେ ଦେବେ ଥୁ ଥୁ କରିବ । ପ୍ରଭୁ କହିଲେ ତଥାସ୍ତୁ । ନିମ୍ବ ବୃକ୍ଷ ପ୍ରଭୁଙ୍କ ପାଦ ତଳେ ପଡିଯାଇ କହିଲା, ଆପଣ ପ୍ରଭୁ କେତେ ସ୍ୱାର୍ଥପର ? ନିଜର ପତ୍ନୀଙ୍କୁ ଉଦ୍ଧାର କରିବାକୁ ସୁଗ୍ରୀବଙ୍କ ସହ ବନ୍ଧୁତା କଲେ । ବାଳୀକୁ ମାରିବାକୁ ମୋ ଉହାଡ଼କୁ ବାଛିଲେ । ମୋତେ ପୁଣି ଆପଣ ବାଳୀର କହିବା ଅନୁସାରେ ଅଭିଶାପ ଦେଇ ଯାଉଛନ୍ତି । ପ୍ରଭୁ ହସି ହସି କହିଲେ, ହେ ବୃକ୍ଷ ଦେବତା । ତୁମ ପାପର ଭାର ଆଜିଠୁ ମୋର । ତୁମର ଦେହରେ ମୋର ଶରୀର ଗଢ଼ା ହେବ । ନିମ୍ବଦାରୁରେ ହିଁ ମୋ ବିଗ୍ରହ ତିଆରି ହେବ । ମୁଁ ଜଗନ୍ନାଥ ରୂପରେ ପୂଜା ପାଇବି । ସେଥିଲାଗି କାଳେ ମହାପ୍ରଭୁଙ୍କ ବିଗ୍ରହ ନିମ୍ବ କାଠରେ ତିଆରି । ଏହା ବି କୁହାଯାଏ ଯେ, ବିଶ୍ୱକର୍ମା ଶ୍ରୀଜିଉଙ୍କ ମୂର୍ତ୍ତି ନିର୍ମାଣ କରୁଥିବା ସମୟରେ ରାଜା ଇନ୍ଦ୍ରଦ୍ୟୁମ୍ନ ସର୍ତ୍ତ ଖିଲାପ କଲେ । ଦିଅଁ ଗଢୁଥିବା ବିଶ୍ୱକର୍ମାଙ୍କ ନିହଣ ଶବ୍ଦ ନଶୁଭିବାରୁ ଶଙ୍କାଗ୍ରସ୍ତ ହୋଇ ନିବୁଜ କବାଟ ଭାଙ୍ଗିଦେଲେ । ଅନ୍ତର୍ଦ୍ଧାନ ହୋଇଗଲେ ବିଶ୍ୱକର୍ମା । ଅଧାଗଢା ହୋଇ ରହିଗଲେ ଦିଅଁ । ମହାପ୍ରଭୁଙ୍କର ଏହା ତ ହେଉଛି ମହାଲୀଳା ।

# 'ନୀଳାଦ୍ରି ମହୋଦୟ'ରେ ପଟିଦିଅଁ ଲୀଳା



*ଉପର ବାମ ହାତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଏବଂ ତଳ ବାମ ହାତରେ ପଦ୍ମ ଓ ଦକ୍ଷିଣ ହସ୍ତରେ ଗଦା ଧରିଥାନ୍ତି। ଠାକୁରଙ୍କ ହୃଦ ପଦ୍ମରେ କୌସ୍ତୁଭ ଏବଂ ହଳଦିଆ ରଙ୍ଗର ପଇତା ଶୋଭା ପାଉଥାଏ। ସେ ସ୍ମିତ ଗାମ୍ଭୀର୍ଯ୍ୟ ମୁଖରେ ଉଭାସିତ ହେଉଥାନ୍ତି।*





ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର। ଯାହାଙ୍କ ରହସ୍ୟ ବ୍ରହ୍ମାଦି ଶଙ୍କରଙ୍କୁ ଅଗୋଚର , ସେହି ରହସ୍ୟମୟଙ୍କ ରହସ୍ୟକୁ କିପରି ବା ସାମାନ୍ୟ ମଣିଷ ଜାଣିପାରିବ ? ତେଣୁ ଶାସ୍ତ୍ରରେ କୁହାଯାଇଛି: ସ୍ୱ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବାଃ ନ ଜାନନ୍ତି କୁତଃ ମନୁଷ୍ୟ ? ଏହାଙ୍କ ଲୀଳା ମଧ୍ୟ ଅତ୍ୟନ୍ତ ରହସ୍ୟପୂର୍ଣ୍ଣ। ଅନବସର ସମୟରେ ଗୋଟାଏ ଲୀଳା ଅନୁଷ୍ଠିତ ହୋଇଥାଏ ଶ୍ରୀମନ୍ଦିର ଭିତରେ। ଯାହାକୁ କୁହାଯାଏ ପଟବ୍ରହ୍ମ ବା ପଟିଦିଅଁ ଲୀଳା। ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି ଦିନ ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ନୀତି ବଢ଼ିବା ପରେ ଠାକୁରମାନେ ଗଜାନନ ବେଶରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହାପରେ ବେଶଗୁଡ଼ିକୁ ଓଲାଗି ( ବାହାର) କରାଯାଏ ଏବଂ ମହାପ୍ରଭୁଙ୍କ ଠାରୁ ପଟିଦିଅଁମାନଙ୍କ ପାଖକୁ ଆଜ୍ଞାମାଳ ଯାଇଥାଏ। ସ୍ନାନ ବେଦୀର ନୀତି ବଢ଼ିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘର ବା ଅଣସର ପିଣ୍ଡିକୁ ଅଣାଯାଏ ବୋଲି ନୀଳାଦ୍ରି ମହୋଦୟରେ ଏପରି 'ସ୍ନାନୋତ୍ସବସ୍ୟ ତସ୍ୟାନ୍ତେ ନୀରୋଧନଗୃହେ ବିଭୁମ୍' ବୋଲି କୁହାଯାଇଛି । ଏଥି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ତାଟିକୁ ଅଣସର ଘର ଆଗରେ ଆବରଣ କରାଯାଏ। ଏହି କାର୍ଯ୍ୟକୁ କୋଠ ସୁଆଁସିଆ ସେବକମାନେ କରିଥାନ୍ତି। ତା'ସହିତ ଅଣସର ଘର ଆଗରେ ଏକ ଖଟସହ ବାଉଁଶରୁ ତିଆରି ତାଟିକୁ ରୁନ୍ଧା ( ବନ୍ଧା) ଯାଏ। ସେହି ତାଟିର ପ୍ରଭୁ ବଳଭଦ୍ରଙ୍କ ବାଡ଼ରେ ବାସୁଦେବ, ମା' ସୁଭଦ୍ରାଙ୍କ ବାଡ଼ରେ ଭୁବନେଶ୍ୱରୀ ଓ ମହାପ୍ରଭୁ ଜଗନ୍ନାଥଙ୍କ ବାଡ଼ରେ ନାରାୟଣ ଏପରି ତିନୋଟି ପଟିଦିଅଁଙ୍କୁ ସ୍ଥାପନ କରାଯାଏ। ଏହାସହ ଶ୍ରୀମନ୍ଦିରର ଦକ୍ଷିଣ ଘରୁ ପଞ୍ଚଟି ଧାତୁ ବିଗ୍ରହ ଯଥା: ବାଡ଼ି ନୃସିଂହ, ରାମ, କୃଷ୍ଣ, ମଦନମୋହନ ଓ ଦୋଳଗୋବିନ୍ଦ ଏବଂ ମନ୍ଦିର ଭିତରୁ ଦୁଇଟି ବିଗ୍ରହ ଶ୍ରୀଦେବୀ ଓ ଭୂଦେବୀ ଏପରି ସାତଟି ବିଗ୍ରହ ଅଣାଯାଏ। ଶ୍ରୀବଳଭଦ୍ରଙ୍କ ବାଡ଼ରେ ଶୋଭା ପାଉଥିବା ଧବଳ ବର୍ଣ୍ଣର ବାସୁଦେବ ପଟିଦିଅଁ ଚତୁର୍ଭୁଜ ଅଟନ୍ତି ବୋଲି ନୀଳାଦ୍ରି ମହୋଦୟରେ କୁହାଯାଇଛି:

ତତ୍ୱେ ନିର୍ମିତଂ ରାମଂ ଧବଳଂ ଚ୍ ଚତୁର୍ଭୁଜମ୍ ।
ଶଙ୍ଖଚକ୍ରଂ ହଳଂ ତାବଦ୍ଧାଧାନଂ ପଦ୍ମାସନ ଗତାଂ ଶୁଭାମ୍ ।।

ସେ ଉପର ବାମ ହାତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଏବଂ ତଳ ବାମ ହାତରେ ହଳ ଓ ଦକ୍ଷିଣ ହସ୍ତରେ ମୂଷଳ ଧାରଣ କରିଥାନ୍ତି। ବକ୍ଷଦେଶରେ ଯଜ୍ଞ ଉପବୀତ ଏବଂ ମସ୍ତକ ଉପରେ ସପ୍ତଫେଣୀ ଶେଷନାଗ ଶୋଭା ପାଉଥାଏ। ଠାକୁରଙ୍କ ଡାହାଣ ପାର୍ଶ୍ୱରେ ଭଗବାନ୍ ଶଙ୍କର ଓ ବାମରେ ନାରଦ ନମସ୍କାର ମୁଦ୍ରାରେ ଦଣ୍ଡାୟମାନ ରହିଥାନ୍ତି। ପ୍ରଭୁ ବାସୁଦେବ ଏକ ବହୁତଳ ବିଶିଷ୍ଟ କୁଞ୍ଜ ମଧ୍ୟରେ ପଦ୍ମାସନ ମୁଦ୍ରାରେ ବସିଥାନ୍ତି। ସେଭଳି ମା ସୁଭଦ୍ରାଙ୍କ ବାଡ଼ରେ ପୀତବର୍ଣ୍ଣା ଦେବୀ ଭୁବନେଶ୍ୱରୀଙ୍କୁ ସ୍ଥାପନ କରାଯାଏ ବୋଲି ବର୍ଣ୍ଣନା ରହିଛି:

ସୁଭଦ୍ରାଂ ପୀତବର୍ଣ୍ଣାଭାଂ ପଦ୍ମାସନ ଗତାଂ ଶୁଭାମ୍।
ଚତୁର୍ଭୁଜାଂ କରଦ୍ୱନ୍ଦେ ଧୃପପଦ୍ମଦ୍ୱୟଂ ପରମ୍ ।।

ସେ ଚତୁର୍ଭୁଜା, ଉପର ଦୁଇ ହାତରେ ପଦ୍ମ ଫୁଲ ଏବଂ ତଳ ବାମ ହାତ ବରଦା ମୁଦ୍ରା ଓ ଦକ୍ଷିଣ ଅଭୟ ମୁଦ୍ରା ସହ ପଦ୍ମାସନରେ ବିଶିଷ୍ଟ କୁଞ୍ଜ ମଧ୍ୟ ଦେଶରେ ବସିଥାନ୍ତି। ଦେବୀଙ୍କ ଦୁଇ ପାଖରେ ଜୟା ଓ ବିଜୟା ବେନି ସଖୀ ଆଲଟ ଚାମର ସେବା କରି ଚାଲିଥାନ୍ତି। ସେପରି ଜଗନ୍ନାଥଙ୍କ ବାଡ଼ରେ କୃଷ୍ଣ ବର୍ଣ୍ଣର ନାରାୟଣ ପଟିଦିଅଁ ସ୍ଥାପନ କରାଯାଏ ବୋଲି କଥିତ ରହିଛି:

ନୀଳାଜୀମୂତ ସଂକାଶଂ ପଦ୍ମାସନ ବିରାଜିତମ୍
ଶଙ୍ଖଚକ୍ରଗଦାପଦ୍ମ ବିଲସତ୍କର ପଙ୍କଜମ୍ ।।

ମହାପ୍ରଭୁ ପାଟପୀତାମ୍ବରି ଏବଂ ଆଭୂଷଣରେ ଆଭୂଷିତ ହୋଇ ଏକ ସୁସଜ୍ଜିତ କୁଞ୍ଜ ମଧ୍ୟ ଭାଗରେ ଚତୁର୍ଭୁଜ ଯୁକ୍ତ ଛନ୍ଦା ଚରଣ ପଦ୍ମମୁଦ୍ରାରେ ଉପବେଶନ କରିଥାନ୍ତି। ଉପର ବାମ ହାତରେ ଶଙ୍ଖ ଓ ଦକ୍ଷିଣ ହସ୍ତରେ ଚକ୍ର ଏବଂ ତଳ ବାମ ହାତରେ ପଦ୍ମ ଓ ଦକ୍ଷିଣ ହସ୍ତରେ ଗଦା ଧରିଥାନ୍ତି। ଠାକୁରଙ୍କ ହୃଦ ପଦ୍ମରେ କୌସ୍ତୁଭ ଏବଂ ହଳଦିଆ ରଙ୍ଗର ପଇତା ଶୋଭା ପାଉଥାଏ। ସେ ସ୍ମିତ ଗାମ୍ଭୀର୍ଯ୍ୟ ମୁଖରେ ଉଭାସିତ ହେଉଥାନ୍ତି। ବସିଥିବା ପଦ୍ମାସନର ଦକ୍ଷିଣ ପାଖରେ ଚାରିଜଣ ଓ ବାମ ପାଖରେ ତିନିଜଣ ସପ୍ତର୍ଷି ଦଣ୍ଡାୟମାନ ହୋଇ ବନ୍ଦନା କରୁଥାନ୍ତି।

ପୂର୍ବରୁ ଆସିଥିବା ସପ୍ତ ଧାତୁ ବିଗ୍ରହ ମଧ୍ୟରୁ ବାଡ଼ି ନୃସିଂହ, ରାମ ଓ କୃଷ୍ଣ ଆଦିଙ୍କୁ ବାସୁଦେବ ପଟିଦିଅଁଙ୍କ ଖଟ ଉପରେ ରଖାଯାଏ। ସେହିପରି ଭୁବନେଶ୍ୱରୀ ପଟିଦିଅଁଙ୍କ ଡାହାଣ ପାର୍ଶ୍ୱରେ ଭୂଦେବୀ ଓ ବାମ ପାଖରେ ଶ୍ରୀଦେବୀ ଏବଂ ନାରାୟଣ ପଟିଦିଅଁଙ୍କ ଡାହାଣରେ ମଦନ ମୋହନ ଓ ବାମରେ ଦୋଳଗୋବିନ୍ଦଙ୍କୁ ଯଥା ରୀତିରେ ସ୍ଥାପନ କରାଯାଏ। ଦୁଇଗୋଟି ଦୀପକୁ କାଠରୁଖା ଉପରେ ରଖାଯାଇ ଥାଏ। ଏହି ସ୍ଥାନରେ ପତିମହାପାତ୍ର ଉପସ୍ଥିତ ରହିଥାନ୍ତି। ପ୍ରତିଦିନ ମଙ୍ଗଳ ଆଳତି ଠାରୁ ପୌଢ ନୀତି ପର୍ଯ୍ୟନ୍ତ ସମସ୍ତ ବିଧି ବିଧାନ ବଢ଼ିଥାଏ। ଏହା ସହ ଷାଠିଏ ପଉଟି ସଙ୍ଖୁଡ଼ି (ଅମୁଣିଆ) ଭଣ୍ଡ ଘରେ ଏବଂ ସକାଳ ଧୂପ ( ଭୋଗ), ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପ ପଞ୍ଚୋପଚାର ବିଧିରେ ହିଁ ହୋଇଥାଏ। କିନ୍ତୁ ପୂଜା ସମୟରେ ଘଣ୍ଟି କିମ୍ବା ଝାଞ୍ଜାଦି ବାଜେନାହିଁ। କିନ୍ତୁ ଅନବସର ଘରେ ଚତୁର୍ଦ୍ଧାମର୍ତ୍ତିଙ୍କୁ ଚକଟା ଭୋଗ ହୋଇଥାଏ। କାରଣ ଠାକୁରମାନେ ଜ୍ୱରରେ ପୀଡ଼ିତ ଥାନ୍ତି। ଉଭୟ ପଟିଦିଅଁ ଓ ଦାରୁବ୍ରହ୍ମ ଭିତରେ କିଛି ବି ପ୍ରଭେଦ ନାହିଁ।

*-ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ*
*ମୋ:୯୮୬୧୩୩୪୮୬୮*

# ଗଜ ଶବ୍ଦ 'ଜଗନ୍ନାଥ' ଶବ୍ଦର ଏକ ଅଂଶ

*ଶ୍ରୀକ୍ଷେତ୍ରକୁ କେବଳ ଭକ୍ତ ଗଣପତି ଭଟ୍ଟ ନୁହନ୍ତି, କବୀର, ନାନକ, ତୁଳସୀ ଦାସ, ମନୋହର ଦାସ, ଶ୍ରୀ ଚୈତନ୍ୟ ପ୍ରମୁଖ ଭକ୍ତଗଣ ଆସିଛନ୍ତି ଓ ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କ ସହିତ ବିଭିନ୍ନ ଲୀଳା ରଚିଛନ୍ତି ।*

ଗଜ ଶବ୍ଦ 'ଜଗନ୍ନାଥ' ଶବ୍ଦର ଏକ ଅଂଶ ମାତ୍ର। କାରଣ ଜଗକୁ ଲେଉଟାଇଦେଲେ ଗଜ'। କେବଳ ଅକ୍ଷରର ଏପାଖସେପାଖ ହେବା ମାତ୍ରେ 'ଗଜ' 'ଜଗ' ଶବ୍ଦ ବ୍ରହ୍ମ ପ୍ରତିପାଦକ ଅଟନ୍ତି। ସୁତରାଂ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱକାରକ ବ୍ରହ୍ମ ବା ଗଜ। ଗଣେଶ ଯେପରି ଗଣପତି, ଜଗନ୍ନାଥ ସେହିପରି ଗଣଦେବତା । ଗଜାନନ ବେଶ ପ୍ରସ୍ତୁତିରେ ମୁଖ୍ୟତଃ ଧଳା, କଳା ରଙ୍ଗର ଭେଲଭେଟ୍ ଓ ସିଲ୍କ କନା ଜରି, ସୋଲ, କଦଳୀପଟୁକା, ଜମୁରା, କଇଥ ଅଠା ପ୍ରଭୃତି ଉପକରଣ ଲାଗିଥାଏ। ବେଶ ବଢ଼ିବା ପରେ କର୍ପୂର ଲାଗି ହୋଇ ସ୍ନାନବେଦି ଭୋଗ ପାଇଁ ଶୋଧ କରାଯାଏ। ଠାକୁରଙ୍କ ହାତୀବେଶ ଓ ଲାଗି ପରେ ସ୍ନାନ ବେଦିରେ ଅନ୍ୟାନ୍ୟ ନୀତି ସମ୍ପାଦିତ ହୁଏ। ଏହି ବେଶରେ ଶ୍ରୀବଳଭଦ୍ରଙ୍କର ଧଳା ଗଜାନନ ବେଶ ଓ ଶ୍ରୀଜଗନ୍ନାଥଙ୍କର କଳା ଗଜାନନ ବେଶ ହୋଇଥାଏ। କେତେକ ଗବେଷକ ମତ ଦିଅନ୍ତି ପ୍ରାଚୀନ ପଦ୍ମପୁରାଣ, ବ୍ରହ୍ମପୁରାଣ, ସ୍କନ୍ଦପୁରାଣ, ବାମଦେବ ସଂହିତା ଇତ୍ୟାଦି ଗ୍ରନ୍ଥରେ ଗଜାନନ ବେଶ ବା ହସ୍ତୀ ବେଶ କରାଯିବାର ବର୍ଣ୍ଣନା ନାହିଁ। ତେଣୁ ସପ୍ତଦଶ ଶତାବ୍ଦୀରେ ଏହି ବେଶ ଆରମ୍ଭ ହୋଇଥିଲା। କେତେକ ପଣ୍ଡିତଙ୍କ ମତାନୁଯାୟୀ ତିନି ଠାକୁର ସ୍ନାନ ମଣ୍ଡପରେ ହରିଦ୍ରା ଗଣପତି, ଖଜିର ଗଣପତି ଓ ମାତଙ୍ଗୀ ରୂପ ଧାରଣ କରି ମଣ୍ଡପରେ ବିରାଜମାନ ହୋଇଥା'ନ୍ତି। ଶ୍ରୀକ୍ଷେତ୍ରକୁ କେବଳ ଭକ୍ତ ଗଣପତି ଭଟ୍ଟ ନୁହନ୍ତି, କବୀର, ନାନକ, ତୁଳସୀ ଦାସ, ମନୋହର ଦାସ, ଶ୍ରୀ ଚୈତନ୍ୟ ପ୍ରମୁଖ ଭକ୍ତଗଣ ଆସିଛନ୍ତି ଓ ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କ ସହିତ ବିଭିନ୍ନ ଲୀଳା ରଚିଛନ୍ତି । କେତେକ ଭକ୍ତଙ୍କୁ ନେଇ କେତେକ ବେଶ ମଧ୍ୟ ହୋଇଆସୁଛି। ତେଣୁ ସେହିପରି ଭକ୍ତ ଗଣପତି ଭଟ୍ଟଙ୍କୁ ନେଇ ମହାପ୍ରଭୁଙ୍କର ଏହି ଗଜାନନ ବେଶ।



## ରାୟଗଡ଼ାରେ 'ଭିବି ଜି ରାମ ଜି'ର ଶୁଭାରମ୍ଭ

ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନ ସମ୍ମିଳନୀ- ତଥା-ଭିବି ଜି ରାମ ଜିର ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଏସ୍‌ଡିସି ଅଧକ୍ଷ ବିଦ୍ୟାଧର ଶବର, ଏସ୍‌ଡିସି ଉପାଧକ୍ଷା ମଞ୍ଜୁଳା ମିଣିଆକା, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ନବୀନ ଚନ୍ଦ୍ର ନାୟକ,ସିଡିଓ- ତଥା-ଇଓ, ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ଏବଂ ରାୟଗଡ଼ା ଜିଲ୍ଲାର ଓମ୍ବୁଡ୍‌ସ୍ମ୍ୟାନ ଉପସ୍ଥିତ ଥିଲେ ।



ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ , ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଜନପ୍ରତିନିଧିମାନେ ଏବଂ ହିତାଧିକାରୀମାନେ ମଧ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭ ଦୀପ ପ୍ରଜ୍ୱଳନ ସହିତ ହୋଇଥିଲା, ପରେ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଏହି ନୂତନ ଆଇନର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ତିନିଜଣ ହିତାଧିକାରୀଙ୍କୁ ଯୋଜନା ଅଧୀନରେ ନୂତନ କାର୍ଯ୍ୟ ମଞ୍ଜୁର କରାଯାଇଥିଲା । ନୂତନ ଆଇନର ବିଭିନ୍ନ ପ୍ରାବଧାନ ଏବଂ କାର୍ଯ୍ୟାନ୍ୱୟନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟସ୍ଥଳରେ ଯୋଗାଇଦେବାକୁ ଥିବା ଆବଶ୍ୟକ ସୁବିଧା ସମ୍ପର୍କରେ ଅଂଶଗ୍ରହୀମାନଙ୍କୁ ସଚେତନ କରିବା ପାଇଁ ସ୍ଥଳରେ କାର୍ଯ୍ୟସ୍ଥଳ ସୁବିଧାର ଏକ ସଜୀବ ପ୍ରଦର୍ଶନ ମଧ କରାଯାଇଥିଲା ।

## ସୁବଳୟା ଯୁକ୍ତ ୨ ଅଧକ୍ଷଙ୍କୁ ଉପଜିଲ୍ଲାପାଳଙ୍କ କାରଣ ଦର୍ଶାଅ ନୋଟିସ

ସୋନପୁର,(ନିପ୍ର) : ସୁବଳୟା, ସୁବଳୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାପତି ତଥା ବିରାମହରାଜପୁର ଉପା-ଜିଲ୍ଲାପାଳ ସୁରେନ୍ଦ୍ର ମେହେର ଅଚାନକ ଯୁକ୍ତ ଦୁଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଦିନ ୧୨ ଟା ସମୟରେ ପହଂଚି ଅଧକ୍ଷ ରମାକାନ୍ତ ପୁରୋହିତ ଅନଧିକୃତ ଅନୁପସ୍ଥିତ ରହିଥିବା ଦେଖିବାକୁ ପାଇଥିଲେ । ଏହାଛଡା ସେ ବିନାକାରଣରେ ମନଇଚ୍ଛା ଶ୍ରେଣୀ ବାତିଲ କରିଥିବା ଜାଣିବାକୁପାଇଥିଲେ । ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମୋଦନରେ ସେ ଅନେକ ଦିନ ଛୁଟିରେ ରହି ଏବଂ ଶିକ୍ଷାଦନ ବାତିଲ କରିବାରେ ଅଭ୍ୟସ୍ତ ବୋଲି ଶିକ୍ଷକ ଏବଂ କର୍ମଚାରୀ ମାନଙ୍କ ଠାରୁ ଜାଣିବାକୁ ପାଇଥିଲେ । ଏପରି କାର୍ଯ୍ୟରେ ଅବହେଳା ଯୋଗୁଁ ସଭାପତି ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ ପ୍ରେରଣ କରିଛନ୍ତି । ସନ୍ତୋଷଜନକ ଉତ୍ତର ନ ମିଳିଲେ ତାଙ୍କର ଦରମା କାଟି ଦିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । କାର୍ଯ୍ୟାନୁଷ୍ଠାନ ଦେଖି ସମସ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଛନକା ପଶିଯାଇଛି । ଏହାଦ୍ୱାରା ବିଦ୍ୟାଳୟର ଶିକ୍ଷାର ମାନ ବୃଦ୍ଧି ହେବ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଥିବା ସହିତ ପୂର୍ବରୁ ଅଧକ୍ଷ ବହୁ ପୁରାତନ ଦାମିକା ମୂଲ୍ୟବାନ ଗଛ ଗୁଡିକ ବିନା କାରଣରେ କାଟିଦେଇଥିଲେ ଯାହାକି ଜିଲ୍ଲାପାଳ ସୁବର୍ଣ୍ଣପୁର ବିରକ୍ତି ପ୍ରକାଶ କରିଥିବା ନଜର ମଧ ରହିଛି । ଅଧକ୍ଷଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଅଂଚଳରେ ଜନସାଧାରଣ ଦୃଢ ଦାବି କରୁଥିବା ଜଣାପଡ଼ିଛି ।

## ମା'ଙ୍କ ନାମରେ ଗଛଟିଏ

ରାୟଗଡା:୩/୭/(ନି:ପ୍ର): ରାୟଗଡା ବନଖଣ୍ଡ ଅନ୍ତର୍ଗତ ରାୟଗଡା ବନାଞ୍ଚଳର ଅଡୁଗୁଡା ଗ୍ରାମ ନିକଟସ୍ଥ ସହରାଞ୍ଚଳ ବନୀକରଣ ପରିସରରେ ଜିଲ୍ଲା ସ୍ତରୀୟ ୭୭ ତମ ବନମହୋତ୍ସବ ସପ୍ତାହ ପାଳନ ଉଦ୍ଦେଶ୍ୟରେ ମାଙ୍କ ନାମରେ ଗଛଟିଏ କାର୍ଯକ୍ରମ ଅନୁଷୀତ ହୋଇଥିଲା । ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଆପଲସ୍ୱମୀ କାଡ୍ରାକା , ବିଧାୟକ, ରାୟଗଡା ଯୋଗଦାନ କରି ନିଜ ମାଁ ଙ୍କ ନାମରେ ଏକ ଗଛ ଟିଏ ରୋପଣ କରି କାର୍ଯକ୍ରମ ର ଶୁଭାରମ୍ଭ କରିଥିଲେ । ଅନ୍ୟାନ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ପ୍ରତିନିଧି ବୃନ୍ଦ, ରାୟଗଡା,ନବୀନ ନାୟକ, ଅତିରିକ୍ତ ଜିଲ୍ଲାପାଳ,



ରାୟଗଡା, ସୁଜିତ କୁମାର ମିଶ୍ର , ଗୋଷ୍ଠୀ ଉନ୍ନୟନ ଅଧିକାରୀ , ରାୟଗଡା ବ୍ଲକ , ପ୍ରିୟଦର୍ଶିନୀ ସ୍ୱାଇଁ , ତହସିଲଦାର , ରାୟଗଡା , କୁଳଦୀପ କୁମାର ,ନିର୍ବାହୀ ଅଧିକାରୀ , ରାୟଗଡା ମୁନିସିପାଲିଟି, ଧନୁଞ୍ଜୟ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାୟଗଡା , ପ୍ରଭାକର ଉପାଧ୍ୟାୟ , ମାଙ୍କ ନାମରେ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ ।

କାର୍ଯକ୍ରମରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥି ଭାବେ ଭାରତୀୟଜନତା ପାର୍ଟିର ପ୍ରତିନିଧି ବୃନ୍ଦ, ରାୟଗଡା,ନବୀନ ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାୟଗଡା, ସୁଜିତ କୁମାର ମିଶ୍ର , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାୟଗଡା ବ୍ଲକ , ପ୍ରିୟଦର୍ଶିନୀ ସ୍ୱାଇଁ , ତହସିଲଦାର, ରାୟଗଡା , ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଡୁଗୁଡ଼ା ଗ୍ରାମର ଗ୍ରାମବାସୀ ଏବଂ ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଉପସ୍ଥିତ ରହି ସମସ୍ତେ ନିଜ ମାଙ୍କ ନାମରେ ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ ।

# ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଓ ଆଜୀବିକା ମିଶନ

ରାଉରକେଲା,(ନିପ୍ର): ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଏବଂ ଅଜୀବିକା ମିଶନ ଗ୍ରାମୀଣର ଜାତୀୟସ୍ତରୀୟ ଶୁଭାରମ୍ଭ ସୁନ୍ଦରଗଡ ସାଲେପାଲି ଗ୍ରାମ ପଞ୍ଚାୟତରେ ହୋଇଯାଇଛି । ଏହି ଅବସରରେ ସୁନ୍ଦରଗଡ଼ ଡିପିଆରସି ଭବନରେ ଆଭାସୀ ମାଧମରେ ଜିଲ୍ଲା ପ୍ରଶାସନର ଅଧିକାରୀ, ଜନପ୍ରତିନିଧି , ହିତାଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ପଞ୍ଚାୟତରେ ବିକଶିତ ଭାରତ ଗ୍ରାମୀଣ ଗ୍ୟାରେଣ୍ଟି ରୋଜଗାର ଯୋଜନା ଏବଂ ଆଜୀବିକା ମିଶନ ଗ୍ରାମୀଣର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ସନ୍ତୋଷ ଅମାତ, ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ସଦର ବିଡିଓ ମୋତିଲାଲ ସୁଲିଆ, ସରପଞ୍ଚ ସ୍ୱର୍ଣ୍ଣ କୁମାରୀ ମାଝୀ, ସମିତି ସଭ୍ୟ ଜିତେନ୍ଦ୍ର କରା ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ ଯେ ଗ୍ରାମର ବିକାଶ ହେଲେ ଦେଶର ବିକାଶ ସମ୍ଭବ । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ନେଇ ଗ୍ରାମ ସ୍ତରରେ ସମନ୍ୱିତ ଉନ୍ନୟନ ଯୋଜନା ପ୍ରସ୍ତୁତ କରାଯାଉଛି । ଏହି ଯୋଜନା ଅଧୀନରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି, ଗ୍ରାମ ସଭା ମାଧ୍ୟମରେ ଗ୍ରାମ ସ୍ତରୀୟ ପରିକଳ୍ପନା, ଗ୍ରାମୀଣ ସଡ଼କ ସଂଯୋଗ, ରୋଜଗାର ସୃଷ୍ଟି ଓ ଭିତ୍ତିଭୂମି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା ବ୍ୟତୀତ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ । ଏଥିରେ ପ୍ରତ୍ୟେକ ଗ୍ରାମୀଣ ପରିବାର ପ୍ରତିବର୍ଷ ୧୨୫ ଦିନ ନିଶ୍ଚିତ କର୍ମ ନିଯୁକ୍ତି ପାଇବେ । ଏହି ଯୋଜନା ଅଧୀନରେ ୪ଟି ବର୍ଗରେ ମୋଟ ୩୧୮ଟି କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ସାଲେପାଲି ନର୍ସରୀଠାରେ ଷ୍ଟୋନ ଗାର୍ଡ ଟ୍ରେଞ୍ଚ ଖନନ କାର୍ଯ୍ୟର ଶୁଭାରମ୍ଭ ମଧ କରାଯାଇଥିଲା । ଅତିଥିମାନେ ବୃକ୍ଷ ରୋପଣ ମଧ କରିଥିଲେ ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଅଭାବ

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗ୍ରୀଣ୍ଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଭାବ ଲାଗି ରହିଥିବାରୁ ପାଠପଢ଼ା ଗୁରୁତର ଭାବେ ବ୍ୟାହତ ହେଉଛି । ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯ଟି ଶ୍ରେଣୀରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କୁ ପାଠ ପଢ଼ାଇବା ପାଇଁ ମାତ୍ର ୩ ଜଣ ସ୍ଥାୟୀ ଶିକ୍ଷକ ଓ ଡେପୁଟେସନରେ ଆସିଥିବା ଜଣେ ଶିକ୍ଷକଙ୍କ ଉପରେ ସମଗ୍ର ଦାୟିତ୍ୱ ନିର୍ଭର କରୁଛି ।ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବିଦ୍ୟାଳୟରେ ଜଣେ ମଧ ଶିକ୍ଷୟିତ୍ରୀ ନାହାନ୍ତି । ଫଳରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା କିଶୋରୀ ଛାତ୍ରୀମାନଙ୍କ ପାଇଁ ସରକାରଙ୍କ




'ଖୁସି' ଯୋଜନାର ସଠିକ କାର୍ଯ୍ୟକାରିତା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ଋତୁସ୍ରାବ ସ୍ୱାସ୍ଥ୍ୟ, ପରାମର୍ଶ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ବିଷୟରେ ଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି ଅଭିଭାବକମାନେ ।ଶିକ୍ଷକ ଅଭାବକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଆନ୍ଦୋଳନର ସ୍ୱର ମଧ ଜୋର ଧରିଛି । ଅଭିଭାବକମାନଙ୍କ ଅଭିଯୋଗ, ଏକପଟେ ଶିକ୍ଷକ ସଂଖ୍ୟା ଅତ୍ୟନ୍ତ କମ୍ ଥିବାବେଳେ ଅନ୍ୟପଟେ ବିଭିନ୍ନ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଉଥିବାରୁ ନିୟମିତ ପାଠପଢ଼ା ଆହୁରି ବ୍ୟାହତ ହେଉଛି ।ଏନେଇ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, ଜୁଲାଇ ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହି ସମସ୍ୟାର ସମାଧାନ କରାଯିବ ।ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନର ପ୍ରତିଶ୍ରୁତି କେତେ ଶୀଘ୍ର ବାସ୍ତବ ରୂପ ନେଉଛି ଏବଂ କେବେ ଗ୍ରୀଣ୍ଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଅତି କମରେ ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏବଂ କିଶୋରୀମାନଙ୍କ ପାଇଁ 'ଖୁସି' ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେବ ।

## ସି.ପି.ଆଇ(ଏମ୍-ଏଲ୍) ରେଡ୍ ଷ୍ଟାର, ପି.ପାର୍ବତୀ ହେଲେ ଜିଲ୍ଲା ସଂପାଦିକା

ଆସିକା,(ନିପ୍ର): ସି.ପି.ଆଇ(ଏମ୍-ଏଲ୍) ରେଡ୍ ଷ୍ଟାର ୪ର୍ଥ ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଆସିକା ଟାଉନ ହଲରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ୧୧ ଜଣ ଜିଲ୍ଲା କମିଟି ସଦସ୍ୟ ଏବଂ ପି ପାର୍ବତୀ ଜିଲ୍ଲା ସଂପାଦିକା ନିର୍ବାଚିତ ହୋଇଛନ୍ତି । ବିଦାୟୀ ସଂପାଦକ ଶଙ୍କର ଇନକିଲାବ ଲାଲ୍ ପତକା ଉତ୍ତୋଳନ କରିଥିଲେ ଏବଂ ଶହୀଦ୍ ବେଦୀରେ ସମସ୍ତ ସାଥୀ ପୁଷ୍ପ ଅର୍ପଣ କରିଥିଲେ । ସିପିଆଇ (ଏମ୍ -ଏଲ୍) ରେଡଷ୍ଟାରର ରାଜ୍ୟ ସଂପାଦିକା ଆନୁଷ୍ଠାନିକ ଭାବରେ ୪ର୍ଥ ଗଞ୍ଜାମ ଜିଲ୍ଲା ସମ୍ମିଳନୀକୁ ଉଦ୍‌ଘାଟନ କହିଲେ ଯେ ଡବଲ ଇଞ୍ଜିନ ସରକାର ଡବଲ ବିନାଶକାରୀ ସରକାର ପାଲଟିଛି । ଏଥିପାଇଁ କମ୍ୟୁନିଷ୍ଟ ଆନ୍ଦୋଳନକୁ ତୀବ୍ରତର କରି ଜନସାଧାରଣଙ୍କ ଅଧିକାର ହାସଲ କରିବାକୁ ହେବ । ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ଆସିକା ମାଟିର ସ୍ୱତନ୍ତ୍ର ପରିଚୟ ଆଣିଦେଇଥିବା ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୦ମ ସ୍ଥାନ ଦଖଲ କରିଥିବା ଇତିଶ୍ରୀ ଜେନାଙ୍କ ବାପା ପ୍ରକାଶ ଜେନା ଏବଂ ମାତା ଗାୟତ୍ରୀ ଜେନା, ୬୩ତମ ସ୍ଥାନ ହାସଲ କରିଥିବା ସ୍ନିଗ୍ଧା ସେନାପତିଙ୍କ ପିତା ତାରିଣୀ ସେନାପତି ମାନପତ୍ର ସହ ଉପଢୌକନ ରାଜ୍ୟ ସଂପାଦିକାଙ୍କ ହାତରୁ ଗ୍ରହଣ କରିଥିଲେ । ଖୋଲା ଅଧିବେଶନ କାର୍ଯ୍ୟକ୍ରମ ପରେ ପ୍ରତିନିଧି ଅଧିବେଶନରେ ବିଦାୟୀ ଜିଲ୍ଲା ସଂପାଦକ ଶଙ୍କର ଇନକିଲାବ ଜିଲ୍ଲା ସାଙ୍ଗଠନିକ ଓ ରାଜନୈତିକ ରିପୋର୍ଟ ଉପସ୍ଥାପିତ କରିଥିଲେ । ଏହାକୁ ଆଲୋଚନା କରି ଗୃହୀତ କରାଯାଇଥିଲା ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭବାନୀପାଟଣା,(ନି.ପ୍ର): ସରକାରୀ ପ୍ରାଥମିକ ବିଦ୍ୟାଳୟ ପରଦେଶୀପଡ଼ାଠାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମୁଦୁଲିଙ୍କ ସମ୍ମାନାର୍ଥେ ଏକ ଭବ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଭାବବିହ୍ୱଳ ସମାରୋହରେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ଶୁଭଲକ୍ଷ୍ମୀ ନାୟକ ଓ ହେମସାଗର ମହାନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ସବର, ପ୍ରମୁଖ ଯୋଗଦେଇଥିଲେ । କେନ୍ଦ୍ର ସଂଯୋଜିକା ସ୍ୱାଧିନୀ ସାହୁ ମାନପତ୍ର ପଠନ କରିଥିଲେ ଓ ଗୀତା ଦେଇ ଅତିଥି ସ୍ୱାଗତ କରିଥିଲେ ।



## ପିଚୁକୁଳି ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଅସନ୍ତୋଷ

ବୋଲଗଡ଼ ୩/୭(ନିପ୍ର)ରାଜ୍ୟ ସରକାର ଶିକ୍ଷାର ଉନ୍ନତି କରଣ ନିମନ୍ତେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ବିଭିନ୍ନ ସମୟରେ ନେଉଥିବା ଦେଖିବାକୁ ମିଳିଛି । ସେହି ପରି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଶିକ୍ଷକ୍ଷବ୍ଲକ ଅନ୍ତର୍ଗତ ପିଚୁକୁଳିସ୍ଥିତ




ଆଦର୍ଶ ବିଦ୍ୟାଳୟ ବର୍ତ୍ତମାନ ସପ୍ତମ ବର୍ଷରେ ପଦାର୍ପଣ କରିଛି । ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି । ତଳେ ଓ ଉପରେ ମହଲାରେ ପ୍ରାୟ ପନ୍ଦରୁରୁ କୋଡ଼ିଏଟି ଶ୍ରେଣୀ ଗୃହ । ବର୍ଷକ ବାର ମାସ ଯାକ ଉଭୟ ବାଳକ ବାଳିକାମାନଙ୍କ ଶୌଚାଳୟ ଗୁଡ଼ିକ ଅପରିଷ୍କାର ରହୁଥିବା ଅନେକ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଶୌଚ ଗୃହ ଗୁଡିକରେ ବାଲ୍ଟି କିମ୍ବା ମଗଟିଏ ବି ଦେଖିବାକୁ ମିଳୁ ନାହିଁ । ଏନେଇ ବିଦ୍ୟାଳୟ ଅଧକ୍ଷଙ୍କ ଠାରେ ଅଭିଯୋଗ କରିଆସୁଅଛନ୍ତି । ଏ ସଂକ୍ରାନ୍ତରେ ବିଦ୍ୟାଳୟର ଭାରପ୍ରାପ୍ତଙ୍କୁ ଅନେକ ଅଭିଭାବକମାନେ ଅଭିଯୋଗ କରି ଥିଲେବି , ସବୁ ଶୁଣି, ସବୁ ଜାଣି, ନଜାଣିଲା ଭଳି ଅଭିନୟ କରୁଥିବାସହିତ ଅଧକ୍ଷ କାର୍ଯ୍ୟ ନେଇକୁ ସାଧାରଣରେ ଆଲୋଚନା ହେଉଛି । ଏହି ବିଦ୍ୟାଳୟକୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ, କୋଟି କୋଟି ଟଙ୍କା ବ୍ୟୟରେ ଛାତ୍ରୀ ନିବାସ ନିର୍ମାଣ ହୋଇଥିଲେବି ଛାତ୍ରୀମାନେ ଛାତ୍ରୀ ନିବାସରେ ରହିବା ପାଇଁ ନାମ ପଞ୍ଜିକରଣ କରିଥିଲେ ବି ରହିବାକୁ ଅନିଛା ପ୍ରକାଶ କରୁ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଅନେକ ଛାତ୍ରୀ ଓ ଅଭିଭାବକଙ୍କ କହିବା ଅନୁଯାୟୀ ଯେହେତୁ ବିଦ୍ୟାଳୟର ଶୌଚାଳୟ ଗୁଡ଼ିକ ପରିଷ୍କାର ରହୁ ନାହିଁ, ଛାତ୍ରୀ ନିବାସରେ ପିଲା ରହିଲେ, ପିଲାମାନେ ଅପରିଷ୍କାର ପାଇଁ ରୋଗଗ୍ରସ୍ତ ହେବାର ଆଶଙ୍କା ଏଡ଼ାଇ ଦିଆଯାଇ ନପାରେ । ଭାର ପ୍ରାପ୍ତ ଅଧକ୍ଷ ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନ ପାଇଁ ଦାୟିତ୍ୱ ନେଉ ନଥିବା ଅନେକ ଅଭିଭାବକ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ଅନେକ ସମୟରେ ମଧ୍ୟାହ୍ନ ଭୋଜନ ନିମ୍ନମାନର ହେଉଥିବାରୁ, ଅନେକ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉ ନଥିବା ଶୁଣିବାକୁ ମିଳୁଛି । ଏସବୁ ଅଭିଯୋଗର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଛାତ୍ର ଓ ଛାତ୍ରୀମାନଙ୍କ ନିମନ୍ତେ ଉତ୍ତମ ଖାଦ୍ୟ ବ୍ୟବସ୍ଥା ଓ ଶୌଚାଳୟ ଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ କରାଯିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି ।

## ଭାପୁର : ୯୬୭ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ

ଭାପୁର,(ନିପ୍ର): ବିଜେଡି ସରକାର ସମୟରେ ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଏକ ମାଇଲ ଖୁଣ୍ଟ ରୂପେ ପରିଗଣିତ ହୋଇଥିବାବେଳେ ବର୍ତ୍ତମାନ ଏହି ବିଭାଗ ନିର୍ଜୀବ ରହିଯିବା ଭଳି ଏସ.ଏସ.ଜି. ମାନଙ୍କୁ ଲାଗୁଛି । ମହିଳା ମାନେ ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ହେବା ପାଇଁ ପୂର୍ବ ସରକାର ର ଯୋଜନା ରହିଥିଲା । ଗ୍ରୁପ ର ସଭ୍ୟା ମାନେ ବ୍ୟାଙ୍କରୁ ବିନା ସୁଧରେ ଋଣ ନେଇ ବିଭିନ୍ନ ବେପାର ଓ ବାଣିଜ୍ୟ କରି ଲାଭାଂଶରେ ନିଜ ପରିବାର ଚଳାଉଥିଲେ । ଗ୍ରୁପର ସଭ୍ୟା ମାନେ ବ୍ୟାଙ୍କକୁ ମୂଳ ସୁଧ ସହିତ ମାସିକ କିସ୍ତି ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ତିନି ମାସରେ ଥରେ ଗ୍ରୁପକୁ ଦେଇଥିବା ସୁଧ ଟଙ୍କା ଫେରସ୍ତ କରୁଥିଲେ କିନ୍ତୁ,ବିଜେପି ସରକାର ଆସିଲାପରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି ଅର୍ଥାତ ସୁଧ ଫେରସ୍ତ ଟଙ୍କା ଠିକରେ ଆସୁନଥିବା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଭିଯୋଗ କରିଛନ୍ତି । ଭାପୁର ବ୍ଲକରେ ସର୍ବମୋଟ ୧୬୩୧ ଗୋଟି ସ୍ୱୟଂ ସହାୟକ ସରକାରୀ ରୂପେ ତାଲିକାଭୁକ୍ତ ହୋଇଥିବାବେଳେ ସେଥିମଧ୍ୟରୁ ୯୬୭ ଟି ଗ୍ରୁପ ବିଭିନ୍ନ ବ୍ୟାଙ୍କ ମାନଙ୍କରୁ ଋଣ ଆଣି ରୋଜଗାରକ୍ଷମ ହେଉଛନ୍ତି । ଏହି ୯୬୭ ଗୋଟି ଗ୍ରୁପ ମଧ୍ୟରୁ ଅନେକ ଗ୍ରୁପ ବ୍ୟାଙ୍କକୁ ଠିକ ସମୟରେ ଋଣ ପରିଶୋଧ କରୁନଥିବାରୁ ବ୍ୟାଙ୍କ ମାନେ କଳା ତାଲିକାଭୁକ୍ତ କରିଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ରାଜ୍ୟ ସରକାର ଜୁନ ମାସରେ ୫୫ ଲକ୍ଷ ୫୩ ହଜାର ୨୪୨ ଟଙ୍କା ସୁଧ ଫେରସ୍ତ ବାବଦରେ ବ୍ୟାଙ୍କ ମାନଙ୍କୁ ପ୍ରଦାନ କରିଥିବା ଭାପୁର ବ୍ଲକ ମିଶନ ଶକ୍ତି ବିଭାଗରୁ ପ୍ରକାଶ ।

## ଖୋ-ଖୋ ଟୁର୍ଣ୍ଣାମେଣ୍ଟ ୫ ପର୍ଯ୍ୟନ୍ତ

ରାଉରକେଲା,(ନିପ୍ର): ସେକ୍ଟର-୧୮ ଜିଟିବି ପବ୍ଲିକ୍ ସ୍କୁଲରେ ଆୟୋଜିତ ହେବାକୁ ଯାଉଛି ଜୋନାଲ ସିଆଇଏସସ ଖୋ-ଖୋ ଟୁର୍ନାମେଣ୍ଟ - ୨୦୨୬ । ଏହି ମେଗା ଇଭେଣ୍ଟ ୨୦୨୬ ଜୁଲାଇ ୩ରୁ ୫ ଜୁଲାଇ ପର୍ଯ୍ୟନ୍ତ ଜିଟିବି ସ୍କୁଲ ପରିସରରେ ଜାରି ରହିବ ।




ଏହି ସ୍କଲ ସ୍ତରୀୟ ଇଭେଣ୍ଟରେ ରାଉରକେଲା ଜୋନର ୩୧ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଆଜିର ଉଦ୍ଘାଟନୀ ମ୍ୟାଚରେ, ସ୍କୁଲ କ୍ରୀଡା ପରିଚାଳନାର ସଦସ୍ୟମାନଙ୍କ ମଧ୍ୟରେ ଜିଟିବି ସ୍କୁଲ ପ୍ରିନ୍ସିପାଲ ଆର କେ ଆଚାର୍ଯ୍ୟ, ପି.ଇ.ଟି. ବିକ୍ରମ କିଶୋର ସ୍ୱାଇଁ, କ୍ରୀଡା ସଂଯୋଜକ ଜେ. ମହନ୍ତଙ୍କ ସମେତ ସ୍କୁଲ କମିଟିର ସଭାପତି ଏସ. ବଲବିନ୍ଦର ସିଂହ, ସମ୍ପାଦକ ଏସ. ଜର୍ନାଲ ସିଂହ, ଯୁଗ୍ମ ସମ୍ପାଦକ ଏସ. ତେଜିନ୍ଦର ସିଂହ ଉପ୍ପାଲ, କୋଷାଧକ୍ଷ ଏସ. ପ୍ରୀତପାଲ ସିଂହ, ସଦସ୍ୟ ଏସ. ରଣଜିତ ସିଂହ, ସଦସ୍ୟ ଏସ. ହରବଂସ ସିଂହ, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦ୍ଘାଟନୀ କ୍ରୀଡା ଉତ୍ସବରେ ବହୁ ଦର୍ଶକ କାର୍ଯ୍ୟକ୍ରମକୁ ଦେଖିଥିଲେ ଏବଂ କ୍ରୀଡ଼ାକୁ ଉପଭୋଗ କରିଥିଲେ ।

## ପ୍ରକୃତ ସୁଖ ଅନ୍ତରମନରେ ହିଁ ରହିଛି

ଆସିକା,(ନିପ୍ର): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଦ୍ୱାରା ହରିହର ଉଚ୍ଚ ବିଦ୍ୟାଳୟ ଷ୍ଟାଡିୟମ ପଡିଆରେ ଏକ ଆଧ୍ୟାତ୍ମିକ ସତସଙ୍ଗ ସଭା ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ମୁଖ୍ୟାଳୟ ମାଉଣ୍ଟ ଆବୁ, ରାଜସ୍ଥାନରୁ ପ୍ରେରଣାଦାୟୀ ବକ୍ତା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମେମୋରୀ ଟ୍ରେନର ଡାଃ ଶକ୍ତିରାଜ ଆୟୋଜିତ ସଭାକୁ ସମ୍ବୋଧିତ କରିଥିଲେ ଯେ ଆଜିର ମଣିଷ ଧନ, ପଦ ଓ ସୁବିଧା ପଛରେ ଦୌଡୁଛି, କିନ୍ତୁ ପ୍ରକୃତ ସୁଖ ତା'ର ଅନ୍ତରମନରେ ରହିଛି । ସୁଖ କୌଣସି ବାହ୍ୟ ବସ୍ତୁରୁ ମିଳେ ନାହିଁ; ଏହା ମନର ଏକ ସ୍ଥିତି । ହାପିନେସ୍ ହାଏ.. ଟେନସନ ବାଏ ବାଏ ଶୀର୍ଷକ ଅଧିବେଶନ ଉପରେ ଆଲୋଚନା କରିବା ଅବସରରେ ଏକ ହୃଦୟସ୍ପର୍ଶୀ ଅନ୍ଦାଜ୍‌ରେ ଡାଃ ଶକ୍ତିରାଜ ଉପସ୍ଥିତ ଆଧ୍ୟାତ୍ମପ୍ରେମୀ ସମାବେଶକୁ ଉଦବୋଧନ ଦେଇ ଅନୁଭବ କରାଇଥିଲେ ଯେ ଟେନ୍ସନ୍‌ର ମୂଳ କାରଣ ହେଉଛି ନକାରାତ୍ମକ ଚିନ୍ତା, ଅନାବଶ୍ୟକ ଆଶା, ଭୟ ଏବଂ ନିଜର ପ୍ରକୃତ ସ୍ୱରୂପକୁ ଭୁଲିଯିବା । ଯେତେବେଳେ ଆମେ ନିଜକୁ ଏକ ଶାନ୍ତ, ପବିତ୍ର ଓ ଶକ୍ତିଶାଳୀ ଆତ୍ମା ବୋଲି ଅନୁଭବ କରୁ ଏବଂ ପରମାତ୍ମା ଶିବଙ୍କ ସହ ରାଜଯୋଗ ମାଧ୍ୟମରେ ଯୋଗ ସ୍ଥାପନ କରୁ, ସେତେବେଳେ ମନରେ ଶାନ୍ତି, ଖୁସି ଓ ଆତ୍ମବିଶ୍ୱାସ ସ୍ୱତଃ ଭରିଯାଏ । ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ସବଜୋନ୍ ପ୍ରଭାରୀ ରାଜ ଯୋଗିନୀ ବ୍ରହ୍ମାକୁମାରୀ ମାଳା ଦିଦିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସେବା କେନ୍ଦ୍ର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ପରିଚାଳନା କରିଥିବା ବେଳେ ଉଦ୍‌ଘାଟନୀ କାର୍ଯ୍ୟ କ୍ରମରେ ସୁଶ୍ରୀ ଭୂମିକା ସ୍ୱାଗତ ନୃତ୍ୟ ପରିବେଷଣ କରିଥିବାବେଳେ ସ୍ୱାଗତ୍ ସଙ୍ଗୀତ ପରିବେଷଣ କରିଥିଲେ ସୁଜ୍ଞାନୀ ସେଠୀ । ସମାରୋହରେ ଆସିକା ପୌରପାଳିକା ବିନୀତା ସ୍ୱାଇଁ ଓ ସମାଜସେବୀ ସତ୍ୟ ନାରାୟଣ ସ୍ୱାଇଁ,ଜିଲ୍ଲା ପରିଷଦ ଅଧକ୍ଷା ଅଂଜଳି ସ୍ୱାଇଁ ସ୍ମାରକୀ ପ୍ରଦାନକରି ରାଜଯୋଗି ଡାଃ ଶକ୍ତିରାଜଙ୍କୁ ସହରବାସୀଙ୍କ ତରଫରୁ ସ୍ୱାଗତ ଜଣାଇଥିବା ବେଳେ ଉପଢୌକନ ଦ୍ୱାରା ସମ୍ମାନିତ କରିଥିଲେ ବିଧାୟକ ପ୍ରତିନିଧି ସଙ୍ଗୀତ ପାଢୀ ।

# ଟ୍ରାଫିକ ସମସ୍ୟା ସମାଧାନ ନେଇ ପ୍ରଶାସନ ଓ ବୁଦ୍ଧିଜୀବୀଙ୍କ ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,(ନି.ପ୍ର): ହିଞ୍ଜିଳିକାଟୁ ସହରର ୨ ପ୍ରମୁଖ ରାସ୍ତା ସର୍ବଦା ଭିଡ ଗହଳିରେ ପରିପୂର୍ଣ୍ଣ । ଏପରିକି ରାସ୍ତା ପାର ହେବା ପାଇଁ ସାଧାରଣ ଲୋକଟିଏ ମଧ ନାକେଦମ ହେବାକୁ ପଡୁଛି ।ଏହାକୁ ନେଇ ବେଳେ ବେଳେ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ଏହା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା ବେଳେ ଏହାର କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହେଉ ନ ଥିବାରୁ ଟ୍ରାଫିକ ସମସ୍ୟା ଅଣାୟତ୍ତ ହେବା ସହ ଦୁର୍ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବା ସହ ବିଭିନ୍ନ ସ୍ତରରେ ମଧ୍ୟ ଅନେକ ଅଭିଯୋଗ ହୋଇଛି । ଶେଷରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ଟ୍ରାଫିକ ସମସ୍ୟା ନେଇ ତତ୍ପରତା ପ୍ରକାଶ ପାଇଛି । ସହରର



ବିଜୁ ପଟ୍ଟନାୟକ ଛକ ଠାରୁ ବୃନ୍ଦାବନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଉଭୟ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରି ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୌର ପରିଷଦ ସଭା କକ୍ଷ ଠାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

ଅଧକ୍ଷ ସୁବାସ ଚନ୍ଦ୍ର ପୋଲେଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ଭାବେ ସରନ୍ୟା ଏସ, ଆଇଏଏସ,ପ୍ରୋବେସନ,ଉପାଧକ୍ଷା ସୁଚିତ୍ରା କୁମାରୀ ପଣ୍ଡା, ତହସିଲଦାର ତପନ କୁମାର ମହାପାତ୍ର, ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ,ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିନାୟକ ବିଶ୍ୱାଳ ଓ ପୂର୍ବ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଦିନ ସନ୍ଧ୍ୟା ସମୟରେ ମୁଖ୍ୟ ରାସ୍ତା ପାର୍କିଂ କରି ସମସ୍ୟା ସୃଷ୍ଟି କରୁଥିବା ବସଗୁଡିକୁ ବସଷ୍ଟାଣ୍ଡ ଭିତରକୁ ଯିବା ପାଇଁ ବାଧ୍ୟତା କରିବା, ବସଷ୍ଟାଣ୍ଡ ପରିସରରେ କାର ପାର୍କିଂ ବନ୍ଦ କରିବା ସହ କେବଳ ୫ ଗୋଟି ଅଟୋକୁ ରହିବା ପାଇଁ ଅନୁମତି ଦେବା, ସମସ୍ତ ସରକାରୀ ଓ ବେସରକାରୀ ବସ ଗୁଡିକର ନିର୍ଦ୍ଧାରିତ ରହଣି ସମୟର ତାଲିକା ପ୍ରସ୍ତୁତି କରିବା, ତିନି ଗୋଟି ବସ ରହଣି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରିବା, ଘୋଡାହଡ ସେତୁ, ଆରଏମସି ଛକ ଓ କାଳୀ ମନ୍ଦିର ଛକ ପର୍ଯ୍ୟନ୍ତ ଅତ୍ୟଧିକ ଟ୍ରାଫିକ ସମସ୍ୟା ଦେଖା ଦେଉଥିବାରୁ ଉଭୟ ରାଜପଥରେ ଦୁଇ ଚକିଆ ଗାଡି ନିମନ୍ତେ ନିର୍ଦ୍ଦିଷ୍ଟ ପାର୍କିଂ ଲାଇନ ଏବଂ ପଥଚାରୀଙ୍କ ନିମନ୍ତେ ଜେବ୍ରା କ୍ରସିଙ୍ଗ ଲାଇନ ଚିହ୍ନିତ କରିବା ।

ଏହି ସମସ୍ତ ସ୍ଥାନ ଗୁଡିକରେ ଥିବା ଅସ୍ଥାୟୀ ଭାବେ ଥିବା ଉଠା ଫଳ, ପରିବା, ଫାଷ୍ଟଫୁଡ, ଜଳଖିଆ ଦୋକାନ ଗୁଡିକୁ ଆରଏମସି ନିକଟକୁ ସ୍ଥାନାନ୍ତର କରିବା ପାଇଁ ବୁଦ୍ଧିଜୀବୀ ମାନେ ପ୍ରସ୍ତାବ ଦେଇଥିଲେ । ଉଚ୍ଛେଦ ଓ ସ୍ଥାନାନ୍ତର ପୂର୍ବରୁ ସ୍ୱଳ୍ପ ରୋଜଗାର କରି ବଞ୍ଚୁଥିବା ନିରୀହ, ଗରିବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟବସାୟୀଙ୍କୁ ଉପଯୁକ୍ତ ଭାବେ ଥଇଥାନ କରିବା ପାଇଁ ହିଞ୍ଜିଳିକାଟୁ ବିକାଶ ପରିଷଦ ସଭାପତି ପ୍ରମୋଦ କୁମାର ପଣ୍ଡା ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକରେ ପୌର ପ୍ରତିନିଧି ପ୍ୟାରୀ ମୋହନ ପାଢ଼ୀ, ଏସଆଇ ରଶ୍ମୀ ରଞ୍ଜନ ସାମଲ,ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଭଜରାମ ସାହୁ, ଜାତୀୟ ରାଜପଥ ସହକାରୀ ନିର୍ବାହୀ ଯନ୍ତ୍ରୀ ସଚିନ ସତ୍ୟବ୍ରତ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ଦାଶ,ପଶ୍ଚିମ କଂଗ୍ରେସ ଉପ ସଭାପତି ସୁନାରାମ ସାବତ,ବିଜେପି ନଗର ସଭାପତି ସୁଧାଂଶୁ ଶେଖର ସାବତ, ଅଜୟ କୁମାର ସାହୁ, ନୃସିଂହ ଚରଣ ପଟ୍ଟନାୟକ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ତିଥି :(ଚତୁର୍ଥୀ): (ଧନିଷ୍ଠା କୁମ୍ଭ)
ଅମୃତ ବେଳା: ଦିବା ଘ ୬।୫୧ ଗତେ ଘ ୯।୧୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି କାମନାର ବାସସ୍ଥାନ ବୋଲି କୁହାଯାଇଛି। ଏହି କାମନା ଏମାନଙ୍କ ଦ୍ୱାରା ଜ୍ଞାନକୁ ଆଚ୍ଛାଦିତ କରି ଦେହାଭିମାନୀ ମନୁଷ୍ୟକୁ ମୋହିତ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ନ୍ୟାୟସଂଗତ ପଦକ୍ଷେପ ନିଆଯାଉ

ରାଜ୍ୟରେ ସ୍ୱାସ୍ଥ୍ୟସେବା ଖୁବ୍ ସନ୍ତୋଷଜନକ ରହିଛି, କାର୍ଯ୍ୟରତ ଡାକ୍ତରମାନେ ସବୁ ସୁବିଧା ପାଉଛନ୍ତି, ଏହାକୁ ଠୋସ୍ କରି କହିହେବନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗିରହିଥିବା ସମସ୍ତେ ଭଣାଅଧିକେ ଜାଣନ୍ତି। ତେବେ ଏହି ସେବା କ୍ଷେତ୍ରର ମୁଖ୍ୟ ବିନ୍ଧାଣୀ ହେଲେ ଡାକ୍ତର। କହିବାକୁ ଗଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜୀବନରେଖା ହେଉଛନ୍ତି ଡାକ୍ତର। ସେମାନଙ୍କର ମଧ୍ୟ ସମସ୍ୟା ରହିଛି। ଓଡ଼ିଶା ସରକାରୀ ମେଡିକାଲ ଚିକିତ୍ସକମାନେ ଡାକ୍ତର ଦିବସରେ ହିଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦୁଇ ଦିନ ଟପି ସାରିଛି। ସେମାନଙ୍କ ଦାବି ୧୦ ଦଫା ପୂରଣ ହେଉ। ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁ ରୋଗୀସେବା ବ୍ୟାହତ ହେବା ସ୍ୱାଭାବିକ। ଚିକିତ୍ସା ଅଭାବରୁ ଏକାଧିକଙ୍କ ଜୀବନ ଯାଇଥିବା ଓ ଏକାଧିକ ଶବ ବ୍ୟବଚ୍ଛେଦ ହୋଇପାରିନଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଉଲ୍ଲେଖ କରାଯାଇପାରେ ଯେ ଡାକ୍ତର ସଂଘ ଆନ୍ଦୋଳନ କରିବ ବୋଲି ଆଗରୁ ଘୋଷଣା କରିଥିଲା। ଏହା ଅତର୍କିତ ଆନ୍ଦୋଳନକୁ ଓହ୍ଲାଇନାହିଁ। ଏହାର ଅର୍ଥ ଆନ୍ଦୋଳନ ପୂର୍ବରୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇପାରିଥାନ୍ତା। ଆନ୍ଦୋଳନରତ ଡାକ୍ତରମାନଙ୍କ ଦରମା ବନ୍ଦ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ଚୁକ୍ତିଭିତ୍ତିକ ଡାକ୍ତରଙ୍କ ନିଯୁକ୍ତି ରଦ୍ଦ କରାଯିବ। ଏପରି ଚେତାବନୀ ସରକାରଙ୍କ ପକ୍ଷରୁ ଦିଆଯାଇଥିଲେ ହେଁ ଆନ୍ଦୋଳନକାରୀ ଡାକ୍ତରମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିନାହିଁ। ମେଡିକାଲ କ୍ୟାଡର ସଂଶୋଧନ ହେଉ କି ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗେସନ ହେଉ ଅବା ସବୁ ଗ୍ରେଡରେ ଆନୁପାତିକ କ୍ୟାଡର ହେଉ ଅଥବା କେନ୍ଦ୍ର ସରକାରଙ୍କ ବେତନ ହାରରେ ରାଜ୍ୟ ଡାକ୍ତରଙ୍କ ଦରମା କରାଯାଉ। ଏସବୁ ଦାବି ସାଙ୍ଗକୁ ଡାକ୍ତରଙ୍କ ସୁରକ୍ଷା ପ୍ରସଙ୍ଗ ସରକାରଙ୍କ ନିକଟରେ ଉପସ୍ଥାପିତ ହୋଇଛି।

ଡାକ୍ତର ସଂଘ ସୂତ୍ର ଯାହା କହୁଛି, ଏକାଧିକ ଦାବି ସଂପର୍କରେ ଏବେ ନୁହେଁ, ପ୍ରାୟ ଦେଢବର୍ଷ ଧରି ସରକାରଙ୍କ ସହ ଆଲୋଚନା ହୋଇଥିବା ସତ୍ତ୍ୱେ ତାହା ପ୍ରତିଶ୍ରୁତିରେ ହିଁ ସୀମିତ ରହିଛି। ତେଣେ ସରକାରୀ ସୂତ୍ର ଚର୍ଚ୍ଚା ମୁତାବକ ଗତ ପ୍ରାୟ ୩ ମାସ ହେବ ଦାବିଗୁଡ଼ିକ ସଂପର୍କରେ ଆଲୋଚନା କରାଯାଉଛି। କେନ୍ଦ୍ରୀୟ ଟିମ୍ ଏଥିଲାଗି ଗଠିତ ହୋଇଛି। ଦାନ୍ତ ଡାକ୍ତରଙ୍କ ଦାବି ହେଉ କି ପୋଷ୍ଟମର୍ଟମ ଆଲାଉନସ ହେଉ ଏସବୁ ଆଲୋଚନା ପୂର୍ବକ ନିର୍ଣ୍ଣାୟକ ସ୍ତରରେ ରହିଛି। ସୁତରାଂ ଏହି ଦୁଇପକ୍ଷଙ୍କ ସ୍ଥିତି ଏପରି ଥିବାବେଳେ ତୃଣମୂଳସ୍ତରରେ ରୋଗୀ ରାଜ୍ୟବ୍ୟାପୀ ହନ୍ତସନ୍ତ ହେଉଛନ୍ତି।

ଓପିଡି ହେଉ କି ଅସ୍ତ୍ରୋପଚାର ହେଉ, ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତ୍ୱରିତ ସେବା ହେଉ ଏସବୁ ଏବେ ବନ୍ଦ ହେଉଥିବା ହେତୁ ରୋଗୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ବ୍ଲକ ହେଉ ଜିଲ୍ଲାସ୍ତରରେ ଏହି ଆନ୍ଦୋଳନ ଚାଲିନାହିଁ। ଅଧିକନ୍ତୁ ରାଜ୍ୟସ୍ତରରେ ଚାଲିଥିବା ହେତୁ କଟକ ବଡ଼ଡାକ୍ତରଖାନା ସାଙ୍ଗକୁ ଦକ୍ଷିଣ ଓଡ଼ିଶାର ଏମ୍‌କେସିଜିକୁ ରୋଗୀଙ୍କ ସୁଅ ଛୁଟୁଛି। ରୋଗୀସେବା ହେଉଛି ବ୍ରତ। କିଛି ଡାକ୍ତର ଅବଶ୍ୟ କିଛି ଡାକ୍ତରଖାନାରେ ରୋଗୀ ଦେଖୁଛନ୍ତି। ତେବେ ତାହା କାଁ ଭାଁ। ଗଣମାଧ୍ୟମରେ ଏହି ଖବର ଚର୍ଚ୍ଚା ହେଉଛି। ମୋଟ ଉପରେ ଡାକ୍ତର ସଂଘ ଓ ସରକାରଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଏକପ୍ରକାର ଉପୁଜିଥିବା ବେଳେ ରୋଗୀଙ୍କ ଦୁଃଖ ବଢିଚାଲିଛି। ଏସ୍‌ମା ଲାଗୁ ସତ୍ତ୍ୱେ ଡାକ୍ତର ସଂଘର ଜିଦ୍‌ଖୋରତା ପରିଲକ୍ଷିତ। ଏଭଳି ପରିସ୍ଥିତିରେ ଯଦି ମୁଖ୍ୟମନ୍ତ୍ରୀ ନିଜ ହସ୍ତକ୍ଷେପ କରିବେ, ତେବେ ଡାକ୍ତର ସଂଘ ଆସ୍ଥା ରଖି ଆନ୍ଦୋଳନରୁ ଓହରି ପାରନ୍ତି। ଡାକ୍ତରଙ୍କ ଦାବିଗୁଡ଼ିକ ମଧ୍ୟରୁ ଯାହାସବୁ ନ୍ୟାୟସଂଗତ ତାହା ପୂରଣରେ ରାଜ୍ୟ ସରକାର ବିଳମ୍ବ କରିବା ଅନୁଚିତ।

# ଶିକ୍ଷା ଆଣେ ବିକାଶ

**ଅଧ୍ୟାପକ ଗୋପବନ୍ଧୁ**

> **ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢ଼ାଅ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ'। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ।**

ଯେକୌଣସି ରାଷ୍ଟ୍ରର ବିକାଶ ଶିକ୍ଷାର ବିକାଶ ଉପରେ ନିର୍ଭରଶୀଳ। ଶିକ୍ଷାଦୃଷ୍ଟିରୁ ଗୋଟିଏ ଅନଗ୍ରସର ଦେଶ କ୍ଷିପ୍ର ଭାବେ ଆଗକୁ ବଢିବା ସମ୍ଭବପର ନୁହେଁ। ଯେଉଁ ଦେଶଗୁଡ଼ିକ ଆଜି ବିକଶିତ ରାଷ୍ଟ୍ରଭାବେ ବିବେଚିତ ହେଉଛନ୍ତି, ଅନୁଧ୍ୟାନରୁ ଉପଲବ୍ଧି କରାଯାଇପାରେ ଯେ ତାଙ୍କ ବିକାଶ ପଛରେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତବର୍ଷ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ହେଲେ ତାଙ୍କ ତୁଲ୍ୟ ଆମକୁ ମଧ୍ୟ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ। ଏ ଦିଗରେ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। କେବଳ ସ୍ଲୋଗାନ ଆମକୁ ବିଶ୍ୱଗୁରୁ ବନାଇବ ନାହିଁ। ଏଥିପାଇଁ ଆମକୁ ଭିତ୍ତିଭୂମି ତିଆରି କରିବାକୁ ପଡ଼ିବ। ଏଦିଗରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ବୌଦ୍ଧିକ ଚେତନାର ବିକାଶ ଘଟାଇବା ସହିତ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ଦିଗରେ ସହାୟକ ହେବ।

ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକ କଥନ ରହିଛି। ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନ ତମାମ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢ଼ାଅ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ'। ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟି କୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଭାରତବର୍ଷରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷାର ବ୍ୟାପକ ପ୍ରସାର ବିନା ଏହା ଅସମ୍ଭବ।

ଏକ ତୁଳନାତ୍ମକ ବିଚାରକଲେ ଶିକ୍ଷାଦୃଷ୍ଟିରୁ ଆମର ବର୍ତ୍ତମାନ ସ୍ଥିତି କ'ଣ ତାହା ସହଜରେ ଜଣା ପଡ଼ିଯିବ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭରତବର୍ଷରେ ଶିକ୍ଷାର ହାର ହେଉଛି ଶତକଡା ୭୪ ଭାଗ ଓ ଓଡ଼ିଶାରେ ହେଉଛି ଏହି ହାରରୁ ସାମାନ୍ୟ କମ୍ ଶତକଡା ୭୨ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି।

ଆମ ଦେଶରେ କେରଳ ହେଉଛି ସର୍ବାଧିକ ଶିକ୍ଷିତ ରାଜ୍ୟ, ଯାହାର ଶିକ୍ଷା ହାର ଶତ ପ୍ରତିଶତକୁ ଛୁଇଁଛି। ତା ତଳକୁ ଅଛି ଗୋଆ। ଦୁଃଖର କଥା ଯେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଦେଶରେ ଶତ ପ୍ରତିଶତ ଶିକ୍ଷାହାର ପ୍ରାପ୍ତ ହୋଇପାରି ନାହିଁ। ସଂଖ୍ୟାଧିକ ଅଶିକ୍ଷିତ ଲୋକ ପ୍ରାୟତଃ ଆଦିବାସୀ, ଦଳିତ ଓ ଓବିସି ବର୍ଗରେ ଅଛନ୍ତି। ନାରୀମାନେ ମଧ୍ୟ ତୁଳନାତ୍ମକ ଭାବେ ପଛରେ ଅଛନ୍ତି। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ବିଷମ ସମାଜ ତିଆରି ହୋଇଛି। କେଉଁଠି ନା କେଉଁଠି ଶିକ୍ଷା ପ୍ରସାର ଯୋଜନା ଦେଶରେ ବିଫଳ ହୋଇଛି। ଯୋଜନାରେ ତ୍ରୁଟି ରହିଛି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ରହିଛି। ଦେଶରେ ଯେଉଁମାନଙ୍କୁ ଶିକ୍ଷିତରେ ଗଣା ହେଉଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ଭାବରେ ପଢି ପାରିବେ ନାହିଁ କି ଲେଖି ପାରିବେ ନାହିଁ।

ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ୍ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପିଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ଏବେ ଚୀନର ସାମଗ୍ରିକ ଶିକ୍ଷାହାର ପାଖାପାଖି ଶତପ୍ରତିଶତ। ସେହିପରି କ୍ୟୁବା ଏକ ଛୋଟଦେଶ ଯେଉଁଠାରେ ବିପ୍ଳବୀ ସରକାର ୧୯୭୯ ରେ ସ୍ଥାପିତ ହୋଇଥିଲା। ସେ ଦେଶ ମଧ୍ୟ ଶିକ୍ଷା ଦୃଷ୍ଟିରୁ ଆମଠାରୁ ବହୁ ଆଗରେ। ସେଠାକାର ତତ୍‌କାଳୀନ ରାଷ୍ଟ୍ରପତି ଫିଡ଼େଲ କାଷ୍ଟ୍ରୋ ଥରେ ଗର୍ବର ସହିତ କହିଥିଲେ ଯେ ମୋ ଦେଶର ସଫେଇ କର୍ମଚାରୀମାନେ ମଧ୍ୟ ସ୍ନାତକୋତ୍ତର। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। କେବେବି ଏମାନଙ୍କ ସହିତ ଆମେ ନିଜକୁ ତୁଳନା କରୁନା। ଆମେ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର ପାକିସ୍ଥାନ, ବାଂଲାଦେଶ, ଶ୍ରୀଲଙ୍କା ପରି ଦେଶ ସହିତ ନିଜକୁ ତୁଳନା କରିଥାଉ। ଯେଉଁ ଦେଶମାନଙ୍କୁ ଆମେ ବିକଶିତ ରାଷ୍ଟ୍ର ବୋଲି କହୁଛୁ ସେ ସମସ୍ତ ଦେଶରେ ଶିକ୍ଷାର ହାର ବହୁ ଉପରେ ରହିଛି। ଆମ ଦେଶରେ ଶିକ୍ଷାର ବିକାଶ ଯେଉଁ ମନ୍ଥର ଗତିରେ ହେଉଛି, ଆମକୁ ସେହି ସ୍ତରରେ ପହଞ୍ଚିବାକୁ ହେଲେ ଆହୁରି ଅନେକ ଦଶନ୍ଧି ଲାଗିଯିବ। ବିଶ୍ୱଗୁରୁ ହେବାର ସ୍ୱପ୍ନ କଳ୍ପନାରେ ରହିଯିବ।

ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ଗ୍ରାଜୁଏସନ ବା ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡା ୫୦ ଭାଗ। କାନାଡାରେ ଗ୍ରାଜୁଏଟ୍ ମାନଙ୍କ ସଂଖ୍ୟା ସର୍ବାଧିକ ୫୬ପ୍ରତିଶତ ରହିଛି। ପ୍ରତିଦ୍ୱନ୍ଦ୍ୱୀ ଚୀନ ବି ବହୁ ଆଗରେ ରହିଛି। ସେହି ତୁଳନାରେ ଆମ ଦେଶରେ ଏ ହାର ମାତ୍ର ଶତକଡା ୫ ଭାଗ। ବିକଶିତ ରାଷ୍ଟ୍ରଗୁଡ଼ିକ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଯେଉଁ ଗୁରୁତ୍ୱ ଦିଅନ୍ତି ଆମେ ସେହି ଗୁରୁତ୍ୱ ଦେଉନା। କାରଣ ସେମାନେ ଜାଣିଛନ୍ତି ବିକାଶର ମୂଳ ଆଧାର ହେଉଛି ଶିକ୍ଷା। କେବଳ ଉଚ୍ଚ ଶିକ୍ଷିତମାନେ ଦେଶକୁ କ୍ଷିପ୍ର ଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତିର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂରକରେ। ସମାଜକୁ ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ। ଏକଥାକୁ ବୋଧହୁଏ ଆମ ରାଷ୍ଟ୍ରନୀତିଜ୍ଞମାନେ ଏଯାଏଁ ଉପଲବ୍ଧି କରିନାହାନ୍ତି। ତେଣୁ ସ୍ୱାଧୀନତା ପରଠାରୁ ଏହାକୁ ଏତେ ଗୁରୁତ୍ୱର ସହିତ ବିବେଚନା କରାଯାଇ ନାହିଁ। ଏବେ ତ ଅବସ୍ଥାରେ ଆହୁରି ଅବନତି ଦେଖାଯାଉଛି।

ଆମ ଦେଶରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ଏହା ସହିତ ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂର କରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ୍ୟ ଲଗାମ ଲଗାଇବ। ଉଚ୍ଚଶିକ୍ଷା ବ୍ୟକ୍ତିତ୍ୱ ବିକାଶର ଅମୋଘ ଅସ୍ତ୍ର। ସମାଜରେ ଦେଖାଦେଉଥିବା ଜାତିଗତ ଭେଦଭାବ ଓ ଧାର୍ମିକ ବିଭେଦ ଅନେକାଂଶରେ ଉଚ୍ଚଶିକ୍ଷାର ପ୍ରସାର ମାଧ୍ୟମରେ ରୋକାଯାଇ ପାରିବ। ଉଚ୍ଚଶିକ୍ଷିତମାନେ ସମାଜରେ ନିଜ ପରିଚୟ ତିଆରି କରିବାକୁ ଚେଷ୍ଟା କରନ୍ତି। ଏହା ତାଙ୍କୁ ବିକଶିତ ହେବାକୁ ପ୍ରେରିତ କରେ। ଅନେକ ବ୍ୟକ୍ତିଙ୍କ ଏତାଦୃଶ ପ୍ରୟାସ ରାଷ୍ଟ୍ରକୁ ଆଗେଇ ନେବାରେ ସହାୟକ ହୁଏ। ଶିକ୍ଷା ମନୁଷ୍ୟର ବିଚାରଶୀଳତାକୁ ବିକଶିତ କରାଏ। ଅନ୍ୟ ପକ୍ଷରେ ଅଶିକ୍ଷିତଙ୍କ ମଧ୍ୟରେ ଅନ୍ଧଭକ୍ତଙ୍କ ସଂଖ୍ୟା ବୃଦ୍ଧିପାଏ, ଯେଉଁମାନେ ରାଷ୍ଟ୍ରକୁ ରସାତଳକୁ ନେଇଯିବାର କାମ କରନ୍ତି। ରାଜନୈତିକ ଦଳ ଓ ବ୍ୟକ୍ତିମାନେ ଏମାନଙ୍କୁ ସହଜରେ ବ୍ୟବହାର କରିପାରନ୍ତି। ଭିଡ଼ତନ୍ତ୍ରର ସୃଷ୍ଟିପାଇଁ ଜାଣିଶୁଣି ଲୋକଙ୍କୁ ଅଶିକ୍ଷିତ ରଖିବାର ପ୍ରୟାସ ହୁଏ।

ବିକଶିତ ରାଷ୍ଟ୍ରମାନଙ୍କରେ ଶିକ୍ଷା ବଜେଟ୍ ପ୍ରାୟତଃ ଆମ ଦୁଇଗୁଣ। ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଶତକଡ଼ା ତିନି ଭାଗରୁ ସାମାନ୍ୟ ଅଧିକ। ଆମ ପ୍ରତିଦ୍ୱନ୍ଦ୍ୱୀ ଚୀନର ଶିକ୍ଷା ବଜେଟ୍ ପାଖାପାଖି ୧୦%। ଏପରି ପରିସ୍ଥିତିରେ ଆମେ ବିଶ୍ୱଗୁରୁ ହେବା କିପରି ? ତେଣୁ କରି ଆମ ଦେଶରେ ଶିକ୍ଷା ବଜେଟ୍ ଜିଡ଼ିପିର ଅନ୍ୟୂନ ୧୦% ହେବା ଉଚିତ। ଚାଲିଥିବା ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡିବ। ଆଗାମୀ ଏକ ଦଶକ ମଧ୍ୟରେ ଦେଶର ସମସ୍ତ ନାଗରିକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡିବ। ଏତଦ୍ ବ୍ୟତୀତ ଆମକୁ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୂନ ୫୦% ଲୋକଙ୍କୁ ସର୍ବନିମ୍ନ ଗ୍ରାଜୁଏଟ ବନାଇବାର ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଭାଗିତା ଓ ସଂକଳ୍ପ ଲୋଡ଼ା।

ବାରିପଦା, ମୟୂରଭଞ୍ଜ,
ମୋ- ୭୦୦୮୯୭୬୧୮୦

# କାଳଜୟୀ ସ୍ୱାମୀ ବିବେକାନନ୍ଦ

**ଡ.ଅରୁନ୍ଧତୀ ଦେବୀ**

ସମସ୍ତେ ଜାଣନ୍ତି ସାରା ବିଶ୍ୱରେ ଭାରତୀୟ ସଂସ୍କୃତି ପ୍ରାଚୀନ ଓ ମହାନ ପ୍ରାକ୍ ଐତିହାସିକ ଯୁଗରୁ ବହୁ ମୁନି, ଋଷି, ସାଧୁ, ସନ୍ଥ ଓ ସଂସ୍କାରକ ଆଦି ଏହି ଆର୍ଯ୍ୟଭୂମିରେ ଜନ୍ମ ଗ୍ରହଣ କରି ତାଙ୍କର ମହାନ କାର୍ଯ୍ୟାବଳୀ ଦ୍ୱାରା ସମଗ୍ର ମାନବ ଜାତିକୁ ଦିଗ୍‌ଦର୍ଶନ ଦେଇଆସିଛନ୍ତି। ସେମାନଙ୍କ ମଧ୍ୟରୁ ସ୍ୱାମୀ ବିବେକାନନ୍ଦ ଅନ୍ୟତମ। ତାଙ୍କର କାର୍ଯ୍ୟାବଳୀ ଓ ଚିନ୍ତାଧାରା କେବଳ ପ୍ରାଚ୍ୟରେ ନୁହେଁ, ପାଶ୍ଚାତ୍ୟଜଗତ ସମେତ ସମଗ୍ର ବିଶ୍ୱକୁ ଉଦ୍‌ବୁଦ୍ଧ କରିପାରିଛି।

ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନରନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା। ସେ କୋଲକାତାର ଜେନ୍‌ରଲ୍ ଆସେମ୍ବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟଣା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ଡ୍ୱିଲିଅମ୍ ହାଷ୍ଟି ଡ୍ୱିଲିଅମ୍ ଓ୍ୱର୍ଡ଼ସଓ୍ୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବାକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ।



୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ କଲିକତାସ୍ଥିତ ଶିମଳାପଲ୍ଲୀରେ ଏହି ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ। ଆଜିର ଦିନରେ ୧୯୦୨ ମସିହାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପିତାଙ୍କ ନାମ ଥିଲା ବିଶ୍ୱନାଥ ଦତ୍ତ ଓ ମା'ଙ୍କ ନାମ ଥିଲା ଭୁବନେଶ୍ୱରୀ ଦେବୀ। ବୀରେଶ୍ୱରଙ୍କ କୃପାରୁ ଜନ୍ମ ଲାଭ କରିଥିବାରୁ ତାଙ୍କର ପ୍ରଥମ ନାମ ଥିଲା ବୀରେଶ୍ୱର। ପରେ ତାଙ୍କୁ ନରେନ୍ଦ୍ରନାଥ ନାମରେ ନାମକରଣ କରାଯାଇଥିଲା। ପିଲାଟି ଦିନରୁ ସେ ଥିଲେ ବୀର, ନିର୍ଭୀକ ତଥା ଧାର୍ମିକ। ୧୮୮୧ ମସିହାରେ ଏକ ଦ୍ୱନ୍ଦ୍ୱାତ୍ମକ ମୁହୂର୍ତ୍ତରେ ଦକ୍ଷିଣେଶ୍ୱର ଠାରେ ତାଙ୍କର ସାକ୍ଷାତ ହୋଇଥିଲା ସିଦ୍ଧପୁରୁଷ ରାମକୃଷ୍ଣ ପରମହଂସଙ୍କ ସହିତ। ଶ୍ରୀରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସିବାପରେ ନରେନ୍ଦ୍ରନାଥଙ୍କ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାରେ ପରିପ୍ରକାଶ ଘଟିଲା।

କଟକ, ମୋ : ୯୯୩୭୧୭୨୮୧୦

# ବଢୁଥିବା ବୈଶ୍ୱିକ ପ୍ରଭାବ ଓ ଏଫ୍‌ଏଟିଏଫ୍‌ରେ ଭାରତ

**ଡ. ସମନ୍ୱୟ ନନ୍ଦ**

> **ବର୍ତ୍ତମାନ ସୁଦ୍ଧା ଭାରତ ଏଫଏଟିଏଫରେ ଏକ ଦୀର୍ଘ ଓ ସଫଳ ଯାତ୍ରା ଅତିକ୍ରମ କରି ସାରିଛି। ଭାରତ ୨୦୦୬ ମସିହାରେ ଏଫଏଟିଏଫରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲା । ୨୦୧୦ ମସିହାରେ ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା। ଏହାପରେ ଭାରତ ନିଜର ଆର୍ଥିକ ଏବଂ ଆଇନଗତ ଢାଞ୍ଚାରେ ବ୍ୟାପକ ସଂସ୍କାର ଆଣିଥିଲା। ପ୍ରିଭେନ୍ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ), ଅବୈଧ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ (ୟୁଏପିଏ), ବେନାମୀ ସମ୍ପତ୍ତି ଆଇନ ଏବଂ ବିଦେଶୀ ମୁଦ୍ରା ପରିଚାଳନା ଅଧିନିୟମ ( ଫେମା ପରି ଆଇନଗୁଡ଼ିକୁ ଏଫଏଟିଏଫର ମାନକ ଅନୁରୂପ ଅଧିକ ସୁଦୃଢ଼ କରାଯାଇଥିଲା।**

କୌଣସି ଦେଶର ନିରାପତ୍ତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପୂର୍ବରୁ ବାହ୍ୟ ଶତ୍ରୁ କହିଲେ ଦେଶର ସୀମାରେ ଠିଆ ହୋଇଥିବା ଶତ୍ରୁ କଥା ବୁଝାଯାଉଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହି ସ୍ଥିତି ନାହିଁ । ବୈଶ୍ୱିକ ନିରାପତ୍ତାକୁ ନେଇ ଯେଉଁ ଆହ୍ୱାନ ବର୍ତ୍ତମାନ ରହିଛି ତାହା କେବଳ ସୀମାରେ ଠିଆ ହୋଇଥିବା ଶତ୍ରୁ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ । ବାହ୍ୟ ଶତ୍ରୁମାନେ ଏବେ ସୀମାରେ ପ୍ରତ୍ୟକ୍ଷ ଆକ୍ରମଣ କରିବା ପରିବର୍ତ୍ତେ ଅନ୍ୟ ପନ୍ଥା ଆପଣାଉଛନ୍ତି । ତେଣୁ ପାକିସ୍ତାନ ଭଳି ଦେଶ ଗତ କିଛି ଦଶନ୍ଧି ଧରି ସିଧା ସିଧା ଲଢିବା ପରିବର୍ତ୍ତେ ଭାରତ ଭଳି ଦେଶକୁ ଅସ୍ଥିର କରିବା ପାଇଁ ପ୍ରଶିକ୍ଷିତ ଆତଙ୍କବାଦୀମାନଙ୍କୁ ପଠାଇ ଭାରତ ଉପରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି । ଏହାଦ୍ୱାରା କମ୍ ଖର୍ଚ୍ଚରେ ପାକିସ୍ତାନ ଭାରତକୁ ଲହୁଲୁହାଣ କରି ଆସୁଛି । ତେବେ ଏହି ଆତଙ୍କବାଦୀ ସଂଗଠନ ଓ ଦେଶ ଭିତରେ 'ରେଡିକାଲାଇଜେସନ' ପାଇଁ ଅର୍ଥର ଆବଶ୍ୟକତା ରହିଥାଏ । ଆତଙ୍କବାଦ ପାଇଁ ଅର୍ଥ ବିଭିନ୍ନ ବେଆଇନ ଉପାୟରେ ଏକତ୍ର କରାଯାଇଥାଏ । ମନି ଲଣ୍ଡ୍ରିଂ ନେଟଓ୍ୱର୍କ, ସାଇବର ଅପରାଧ, ଡ୍ରଗ୍ସ କାର୍ଟେଲ, ହାୱାଲା ନେଟଓ୍ୱର୍କ ତଥା ସଂଗଠିତ ଅପରାଧ ଜରିଆରେ ଏହି କାର୍ଯ୍ୟ କରାଯାଇଥିଲା । ତେଣୁ ଆତଙ୍କବାଦକୁ ରୋକିବାକୁ ହେଲେ ସେମାନଙ୍କୁ ଅର୍ଥ ପହଞ୍ଚାଉଥିବା ଆର୍ଥିକ ତନ୍ତ୍ର ଓ ଇକୋ ସିଷ୍ଟମ ଉପରେ ଲଗାତାର କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇଥାଏ । ତେଣୁ ଅନ୍ୟ ଶବ୍ଦରେ କହିବାକୁ ଗଲେ କୌଣସି ଦେଶର ସ୍ଥିରତା ଓ ସୁରକ୍ଷା ପାଇଁ ଆତଙ୍କବାଦକୁ ଧନ ପ୍ରଦାନ କରାଯାଉଥିବା ଇକୋ ସିଷ୍ଟମକୁ ଧ୍ୱସ୍ତ କରିବା ଅତ୍ୟନ୍ତ ଆବଶ୍ୟକ ।

ଏଭଳି ପରିସ୍ଥିତିରେ ବିଶ୍ୱର ଆର୍ଥିକ ସୁରକ୍ଷାର ପ୍ରହରୀ ଭାବେ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ବା (ଏଫଏଟିଏଫ) ନାମକ ସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । କିଛି ଦିନ ପୂର୍ବରୁ ଭାରତର ଜଣେ ଅଧିକାରୀ ବିବେକ ଅଗ୍ରଓ୍ୱାଲଙ୍କୁ ଏହି ବୈଶ୍ୱିକ ସଂସ୍ଥାର ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି । ଏହା କେବଳ ଜଣେ ଭାରତୀୟ ଅଧିକାରୀଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ବିଶ୍ୱ ଆର୍ଥିକ ଶାସନ ବ୍ୟବସ୍ଥାରେ ଭାରତର ବୃଦ୍ଧି ପାଉଥିବା ସ୍ୱୀକୃତି, ବିଶ୍ୱସନୀୟତା ଏବଂ ପ୍ରଭାବର ଏକ ସ୍ପଷ୍ଟ ପ୍ରତୀକ ବୋଲି କୁହାଯାଇ ପାରେ।

ଏବେ ବୁଝିବାକୁ ଚେଷ୍ଟା କରିବା ଯେ ଏଫଏଟିଏଫ କ'ଣ ଏବଂ ଏହାର ଭୂମିକା କାହିଁକି ଗୁରୁତ୍ୱପୂର୍ଣ୍ଣ ? ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ) ର ସ୍ଥାପନା ୧୯୮୯ ମସିହାରେ ପ୍ୟାରିସରେ ଆୟୋଜିତ ଜି-୭ ସମ୍ମିଳନୀ ସମୟରେ କରାଯାଇଥିଲା। ପ୍ରାରମ୍ଭରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅର୍ଥ ଶୋଧନ (ମନି ଲଣ୍ଡରିଂ) ଉପରେ ନିୟନ୍ତ୍ରଣ ସ୍ଥାପନ କରିବା। କିନ୍ତୁ ୨୦୦୧ ମସିହାର ୧୧ ସେପ୍ଟେମ୍ବର ଆମେରିକାରେ ଆତଙ୍କବାଦୀ ଆକ୍ରମଣ ପରେ ଏହାର କାର୍ଯ୍ୟକ୍ଷେତ୍ରକୁ ବିସ୍ତାର କରାଯାଇ ଆତଙ୍କବାଦର ଅର୍ଥ ପହଞ୍ଚାଇବାକୁ ରୋକିବାର ଦାୟିତ୍ୱକୁ ମଧ୍ୟ ସାମିଲ କରାଗଲା। ପରବର୍ତ୍ତୀ ସମୟରେ ଗଣବିନାଶକାରୀ ଅସ୍ତ୍ରର ପ୍ରସାର ସହ ଜଡିତ ଆର୍ଥିକ ନେଟଓ୍ୱାର୍କଗୁଡ଼ିକ ଉପରେ ନଜର ରଖିବା ମଧ୍ୟ ଏହାର ଦାୟିତ୍ୱ ମଧ୍ୟରେ ଆସିଲା ।

ବର୍ତ୍ତମାନ ଏଫଏଟିଏଫଙ୍କ ମାନକ ଓ ନିର୍ଦ୍ଦେଶାବଳୀକୁ ବିଶ୍ୱର ୨୦୦ରୁ ଅଧିକ ଦେଶ ଅନୁସରଣ କରୁଛନ୍ତି । ଏହାର ସୁପାରିସଗୁଡ଼ିକ ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସୁରକ୍ଷା ସୁନିଶ୍ଚିତ କରିବାର ମୌଳିକ ଆଧାର ଭାବେ ବିବେଚିତ ହୋଇଥାଏ । ଆତଙ୍କବାଦୀ କାର୍ଯ୍ୟକଳାପକୁ ଆର୍ଥିକ ପ୍ରୋତ୍ସାହନ ଦେବା ଉପରେ ନଜର ରଖୁଥିବା ଏହି ସଂସ୍ଥା କୌଣସି ଦେଶକୁ ଗ୍ରେ ଲିଷ୍ଟ କିମ୍ବା ବ୍ଲାକ ଲିଷ୍ଟରେ ସାମିଲ କରିଥାଏ । ଏହି ଭଳି ଗ୍ରେ କିମ୍ବା ବ୍ଲାକ ଲିଷ୍ଟରେ ସାମିଲ ହେବା ଦ୍ୱାରା ଉକ୍ତ ଦେଶମାନଙ୍କର ଆର୍ଥିକ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ ଓ ଏହା ଦ୍ୱାରା ବିଦେଶୀ ପୁଞ୍ଜି ନିବେଶକାରୀମାନେ ଉକ୍ତ ଦେଶରେ ପୁଞ୍ଜି ନିବେଶ କରି ନଥାନ୍ତି। ଏଭଳି ସ୍ଥିତିରେ ଉକ୍ତ ଦେଶମାନଙ୍କରେ ପୁଞ୍ଜି ନିବେଶ ସମ୍ଭାବନା ଉପରେ ଗଭୀର ଓ ଦୀର୍ଘମିଆଦି ପ୍ରଭାବ ପଡିଥାଏ ।

ବର୍ତ୍ତମାନ ସୁଦ୍ଧା ଭାରତ ଏଫଏଟିଏଫରେ ଏକ ଦୀର୍ଘ ଓ ସଫଳ ଯାତ୍ରା ଅତିକ୍ରମ କରି ସାରିଛି। ଭାରତ ୨୦୦୬ ମସିହାରେ ଏଫଏଟିଏଫରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲା । ୨୦୧୦ ମସିହାରେ ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା। ଏହାପରେ ଭାରତ ନିଜର ଆର୍ଥିକ ଏବଂ ଆଇନଗତ ଢାଞ୍ଚାରେ ବ୍ୟାପକ ସଂସ୍କାର ଆଣିଥିଲା। ପ୍ରିଭେନ୍ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ), ଅବୈଧ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ (ୟୁଏପିଏ), ବେନାମୀ ସମ୍ପତ୍ତି ଆଇନ ଏବଂ ବିଦେଶୀ ମୁଦ୍ରା ପରିଚାଳନା ଅଧିନିୟମ ( ଫେମା ପରି ଆଇନଗୁଡ଼ିକୁ ଏଫଏଟିଏଫର ମାନକ ଅନୁରୂପ ଅଧିକ ସୁଦୃଢ଼ କରାଯାଇଥିଲା। ଏହା ସହିତ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ ( ଏଫଆଇୟୁ) , ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ), ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ସେବି (ସେବି ) ପରି ସଂସ୍ଥାମାନଙ୍କ ମାଧ୍ୟମରେ ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ ଓ ପ୍ରଭାବଶାଳୀ କରାଯାଇଥିଲା। ୨୦୧୭ ମସିହାରେ ରାଜସ୍ୱ ବିଭାଗ ଅଧୀନରେ ଏଫଏଟିଏଫ ସେଲ୍‌ର ସ୍ଥାପନା ମଧ୍ୟ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।ଏହି ସମସ୍ତ ପ୍ରୟାସର ପରିଣାମସ୍ୱରୂପ, ଭାରତକୁ ଏଫଏଟିଏଫର ନିୟମିତ ଅନୁପାଳନ ଶ୍ରେଣୀରେ ସ୍ଥାନ ଦିଆଯାଇଥିଲା । ଅନେକ ସମୟରେ ଏହାର ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା ମଧ୍ୟ ମିଳିଥିଲା।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ, ଭାରତୀୟ ଅଧିକାରୀ ବିବେକ ଅଗ୍ରଓ୍ୱାଲଙ୍କ ଏଫଏଟିଏଫର ଉପାଧ୍ୟକ୍ଷ ପଦକୁ ନିର୍ବାଚିତ ହେବାର କ'ଣ ମହତ୍ତ୍ୱ ରହିଛି ? ଆନ୍ତର୍ଜାତିକ ସ୍ତରରେ ଭାରତର ଆର୍ଥିକ ସ୍ୱଚ୍ଛତା ଏବଂ ଆତଙ୍କବାଦ ବିରୋଧୀ ପ୍ରତିବଦ୍ଧତା ଉପରେ ସମ୍ପୂର୍ଣ୍ଣ ବିଶ୍ୱର ଗଭୀର ଆସ୍ଥା ରହିଥିବାର ଏହା ହେଉଛି ସ୍ପଷ୍ଟ ସଂକେତ । ଏଫଏଟିଏଫର ଇତିହାସରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ଅଧିକାରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଏହି ସଫଳତା ଯେ କେବଳ ଭାରତକୁ ଏଫଏଟିଏଫର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶୀଦାର କରିବ ତାହା ନୁହେଁ ବରଂ ବିଶ୍ୱ ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ଏଜେଣ୍ଡାକୁ ପ୍ରଭାବିତ କରିବାର ଏକ ମୂଲ୍ୟବାନ ସୁଯୋଗ ମଧ୍ୟ ପ୍ରଦାନ କରିବ । ଭାରତର ଦୀର୍ଘ ଦିନ ଧରି ସ୍ପଷ୍ଟ ମତ ରହି ଆସିଛି ଓ ଭାରତ ଦାବି କରିଆସୁଛି ଯେ, ଆତଙ୍କବାଦ ଏବଂ ଏହାକୁ ଅର୍ଥ ପ୍ରଦାନ କରୁଥିବା ସମୂହ ଗୁଡିକ ହେଉଛନ୍ତି ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆତଙ୍କବାଦକୁ ଫଣ୍ଡିଂ ବନ୍ଦ କରାଯାଇ ପାରିଲେ ଆତଙ୍କବାଦକୁ ସମାପ୍ତ କରାଯାଇ ପାରିବ।

ବର୍ତ୍ତମାନ ଭାରତ ନିଜର ଏହି ଦୃଷ୍ଟିକୋଣକୁ ଆନ୍ତର୍ଜାତିକ ନୀତି ନିର୍ମାଣ ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରିପାରିବ। ବିଶେଷକରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ, ହାୱାଲା ନେଟଓ୍ୱାର୍କ, ସୀମାପାର ଆର୍ଥିକ ଅପରାଧ ଏବଂ ଆତଙ୍କବାଦୀ ଫଣ୍ଡିଂ ପରି ପ୍ରସଙ୍ଗଗୁଡ଼ିକ ଉପରେ ଭାରତର ସ୍ୱର ପୂର୍ବାପେକ୍ଷା ଅଧିକ ଦୃଢ଼ ଏବଂ ପ୍ରଭାବଶାଳୀ ହେବ। ଭାରତ ନିଜକୁ କେବଳ ନିଜର ରାଷ୍ଟ୍ରୀୟ ସ୍ୱାର୍ଥର ସୀମା ମଧ୍ୟରେ ସୀମିତ ରଖିନାହିଁ । ଭାରତ ସର୍ବଦା ଏସିଆ, ଆଫ୍ରିକା ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶମାନଙ୍କର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ବିଶ୍ୱସ୍ତରୀୟ ମଂଚରେ ଉପସ୍ଥାପନ କରି ଆସିଛି । ଏଫଏଟିଏଫରେ ଭାରତକୁ ଉପାଧ୍ୟକ୍ଷ ପଦ ମିଳିବା ଦ୍ୱାରା ଭାରତର ଭୂମିକା ନିଶ୍ଚିତ ଭାବେ ବଢିବ । ଅନ୍ୟ ବିକାଶଶୀଳ ଦେଶମାନଙ୍କର ସମସ୍ୟା, ଆବଶ୍ୟକତାକୁ ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥାରେ ଯଥୋଚିତ ସ୍ଥାନ ପ୍ରଦାନ କରାଇବାରେ ଭାରତ ନିଶ୍ଚିତ ଭାବେ ସହାୟକ ହେବ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଭାରତକୁ ଗ୍ଲୋବାଲ ସାଉଥ ଦେଶ ମାନଙ୍କର ସ୍ୱର ହେବାର ସୁଯୋଗ ମିଳିବ ।

ଏଫଏଟିଏଫରେ ଭାରତକୁ ଉପାଧ୍ୟକ୍ଷ ପଦ ପ୍ରାପ୍ତ ହେବା କେବଳ ଏକ କୂଟନୈତିକ ସଫଳତା ନୁହେଁ, ବରଂ ଭାରତର ବଢୁଥିବା ବିଶ୍ୱସନୀୟତା, ଆର୍ଥିକ କ୍ଷମତା ଏବଂ ରଣନୈତିକ ପ୍ରଭାବର ଏକ ଦୃଢ଼ ପ୍ରମାଣ। ଅତୀତକୁ ଯଦି ଆମେ ଦେଖିବା ତେବେ ଦୁଇ ଦଶନ୍ଧି ପୂର୍ବରୁ ଯେଉଁ ଭାରତ ଏଫଏଟିଏଫର ସଦସ୍ୟତା ହାସଲ କରିବା ପାଇଁ ପ୍ରୟାସରତ ଥିଲା, ସେହି ଭାରତ ଆଜି ବିଶ୍ୱ ଆର୍ଥିକ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ଢାଂଚାର ନେତୃତ୍ୱ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସ୍ଥିତିକୁ ପହଂଚିଛି । ଆଗାମୀ ବର୍ଷଗୁଡ଼ିକରେ କ୍ରିପଟୋ କରେନ୍ସି, କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଆର୍ଥିକ ଅପରାଧ, ଡାର୍କ ଓ୍ୱେବ୍ ଏବଂ ସୀମାପାର ଆତଙ୍କବାଦୀ ଫଣ୍ଡିଂ ପରି ନୂତନ ଚ୍ୟାଲେଞ୍ଜ ସାମ୍ନାକୁ ଆସିବ। ଏପରି ସମୟରେ ଏଫଏଟିଏଫରେ ଭାରତର ଉପସ୍ଥିତି କେବଳ ଜାତୀୟ ସ୍ୱାର୍ଥର ସୁରକ୍ଷା କରିବ ନୁହେଁ, ବରଂ ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ କରିବାରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ଦେବ ।

# ସୁନା ଅଳଙ୍କାର ଚୋରି ମାମଲାରେ ୩ ଅଭିଯୁକ୍ତଙ୍କ ଗିରଫ

## ସୁନା ଅଳଙ୍କାର ଜବତ କଲା ରାଉରକେଲା ସେକ୍ଟର-୭ ପୋଲିସ

ରାଉରକେଲା,୩।୭ (ନିପ୍ର): ସୁନା ଅଳଙ୍କାର ଚୋରି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିବା ସହ ଚୋରି ସୁନା ଅଳଙ୍କାରକୁ ଜବତ୍ କରିଛି ରାଉରକେଲା ସେକ୍ଟର-୭ ପୋଲିସ। ସୂଚନା ଅନୁସାରେ ୨୦୨୬ ମେ ୪ ତାରିଖ ପୂର୍ବାହ୍ନ ୧୧ଟା ୨୦ ସମୟରେ ରାଉରକେଲା ସେକ୍ଟର-୭, କ୍ୱାର୍ଟର ନଂ. ଏ/୭୧ର ନୃସିଂହ ଚରଣ ରାଉତ (୬୧) ବର୍ଷ, ସେକ୍ଟର-୭ ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଯାଇଛି। ସେକ୍ଟର-୭ ପୋଲିସ୍ ମାମଲା ନଂ. ୧୧୧ ତାରିଖ ୦୪.୦୫.୨୦୨୬ ୟୁ/ଏସ୍. ୩୩୧ (୪)/୩୦୫ (କ) ବି.ଏନ୍.ଏସ୍. ରେ ପଞ୍ଜୀକୃତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ୍ ଅଭିଯୁକ୍ତ ଶେଖର ମୁଖୀ ଏବଂ ଭୂଷଣ ନାୟକଙ୍କୁ ଜୁନ୍ ୨ ତାରିଖ ଦିନ ୧ଟା ୧୫ରେ ଗିରଫ କରିଥିଲା।



ଅପରାହ୍ନରେ ଅଭିଯୁକ୍ତଙ୍କ କ୍ରାଇମ୍ ରେକର୍ଡ ଯାଞ୍ଚ କରିବା ପରେ ସେମାନେ ସେକ୍ଟର-୭ ଥାନାର ଦୁଇଟି ଏବଂ ସେକ୍ଟର-୧୯ ଥାନାରେ ଗୋଟିଏ ମାମଲାରେ ଅଭିଯୁକ୍ତ ଥିବା ଜଣାପଡିଥିଲା। ତଦନ୍ତ ସମୟରେ ଉଭୟ ଅଭିଯୁକ୍ତ କହିଥିଲେ ଯେ ସେମାନେ ତିନୋଟି ପର୍ଯ୍ୟାୟରେ ଗୋଟିଏ ହଳ ସୁନା କାନ ମୁଦି, ଗୋଟିଏ ହଳ ସୁନା ଚୁଡି (ସାଙ୍ଖୀ), ଗୋଟିଏ ହଳ ରୂପା ପାଦୁକା, ଗୋଟିଏ ରୂପା କଙ୍କଣ, ଦୁଇ ନାକ ମୁଦି ବିକ୍ରି କରିଛନ୍ତି। ରିସିଭର ସମୀର କର୍ମକାର ଚୋରି ସୁନା ନେଇ ତାଙ୍କୁ ୬୫୦୦୦ ଟଙ୍କା ମଧ ଦେଇଥିଲେ। ତଦନ୍ତ ସମୟରେ, ପୋଲିସ ରିସିଭର ସମୀର କର୍ମକାରଙ୍କ ନିକଟରୁ ଦୁଇଟି ସୁନା ଆଙ୍ଗୁଠି ମୁଦି, ଗୋଟିଏ ହଳ ସୁନା ଶଙ୍ଖ (ଚୁଡି), ଗୋଟିଏ ରୂପା ପ୍ଲେଟ୍, ଗୋଟିଏ ରୂପା ଗ୍ଲାସ୍ (ଉଭୟ ଛୋଟ), ଗୋଟିଏ କଙ୍କଣ ଏବଂ ତିନି ହଳ ରୂପା ନେକଲେସ୍ ଜବତ କରିଛି। ଏପର୍ଯ୍ୟନ୍ତ ହୋଇଥିବା ତଦନ୍ତରୁ ପ୍ରାଥମିକ ପ୍ରମାଣ ଏବଂ ଅଭିଯୁକ୍ତମାନଙ୍କ ଅପରାଧିକ କାର୍ଯ୍ୟକଳାପରେ ରାଉରକେଲା ସେକ୍ଟର-୭ର ଜାମଟୋଲି ବସ୍ତିର ଭୁଷଣ ନାଏକ (୨୦), ପ୍ଲାଣ୍ଟସାଇଟ୍ ଥାନା ଅଧିନସ୍ଥ ରେଲୱେ କଲୋନୀ ବିବେକାନନ୍ଦ ପଲ୍ଲିର ଶେଖର ମୁଖୀ (୨୧), ଏବଂ ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ବିର୍ସା ଡାହାର ରୋଡ ହନୁମାନ ମନ୍ଦିର ନିକଟ ସମୀର କର୍ମକାର (୬୨)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ସୁନା ଆଙ୍ଗୁଠି ମୁଦି, ଗୋଟିଏ ଯୋଡ଼ା ସୁନା ଚୁଡ଼ି, ଗୋଟିଏ ରୁପା ପ୍ଲେଟ୍, ଗୋଟିଏ ରୂପା ଗ୍ଲାସ୍ (ଉଭୟ ଛୋଟ), ଗୋଟିଏ କଙ୍କଣ ଏବଂ ତିନିଟି ରୂପା ନେକଲେସ୍ ଜବତ କରାଯାଇଛି । ସମସ୍ତ ୩ ଅଭିଯୁକ୍ତଙ୍କୁ ସେକ୍ଟର-୭, କେସ୍ ନମ୍ବର-୧୧୧ ବିଏନ୍ଏସର ଧାରା ୩୩୧(୪)/୩୦୫(ଏ)ରେ ଗିରଫ୍ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# କାକଟପୁର ଥାନାରେ 'ନିଶାମୁକ୍ତ ଭାରତ ଅଭିଯାନ'

କାକଟପୁର,୩।୭ (ନିପ୍ର): ସମାଜକୁ ନିଶାମୁକ୍ତ କରିବା ଏବଂ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ କାକଟପୁର ଥାନା ପରିସରରେ 'ନିଶାମୁକ୍ତ ଭାରତ ଅଭିଯାନ' ଅଧୀନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୁରୀଜିଲ୍ଲା କାକଟପୁର ଥାନା ଆମ ପୁଲିସ ସମିତି ପକ୍ଷରୁ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ,ସମସ୍ତ ପୁଲିସ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ରାଜନେତା, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ମାନେ ଏକତ୍ର ହୋଇ ନିଶା ବିରୋଧରେ ଲଢ଼େଇ କରିବା ପାଇଁ ସାମୂହିକ ଶପଥ ଗ୍ରହଣ କରିଛନ୍ତି। ସମାଜରୁ ନିଶା କାରବାରର ସମ୍ପୂର୍ଣ୍ଣ ବିଲୋପ ଏବଂ ଯୁବପିଢ଼ିକୁ ଏହି ସାମାଜିକ ବ୍ୟାଧିରୁ ରକ୍ଷା କରିବା ପାଇଁ ପୁଲିସ ପ୍ରଶାସନ ସର୍ବଦା ଚେଷ୍ଟିତ ବୋଲି ଥାନାଧିକାରୀ ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ନିଜେ ସମାଜର ଆଦର୍ଶ ସାଜି ଲୋକଙ୍କୁ ସଚେତନ କରିବା ଏହି ଶପଥ ପାଠରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାକଟପୁର ପୁଲିସର ଏହିଭଳି ପ୍ରଶଂସନୀୟ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣ ଜନତା ସ୍ୱାଗତ କରିବା ସହ ଏହା ନିଶାମୁକ୍ତ ସମାଜ ଗଠନ ଦିଗରେ ଏକ ସକାରାତ୍ମକ ବାର୍ତ୍ତା ଦେବ ବୋଲି ଆଶା ପ୍ରକଟ କରିଛନ୍ତି।

# ବୃକ୍ଷରୋପଣ ଅଭିଯାନ ଉତ୍ତରପିଢ଼ି ନିମନ୍ତେ ବରଦାନ ସଦୃଶ

ବ୍ରହ୍ମପୁର,୩।୭(ନିପ୍ର): ଜୁଲାଇ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି ୭୭ତମ ବନ ମହୋତ୍ସବ। ଅତ୍ୟାଧୁନିକ ଯୁଗର ବିପନ୍ନ ପରିବେଶର କ୍ଷତିପୂରକ ଭାବେ ତଥା ଏକ ସବୁଜିମାମୟ ପରିବେଶ ମଧ୍ୟରେ ଜୀବଜଗତର କଲ୍ୟାଣ ନିମନ୍ତେ ବନ ମହୋତ୍ସବ ପାଳନର ପରିକଳ୍ପନା ଉପାଦେୟ ସାବ୍ୟସ୍ତ ହେଉଛି । ବ୍ୟସ୍ତବହୁଳ ଜୀବନ ଭିତରେ ଏପରି ଏକ ମହୋତ୍ସବ ପାଳନ ବ୍ୟାପକ ଜନ ସଚେତନତା ସୃଷ୍ଟି କରିପାରୁଛି । ସ୍କୁଲ୍, କଲେଜ ସ୍ତରରୁ ଆରମ୍ଭ କରି ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଏହି ମହୋତ୍ସବ ପାଳନ ପୂର୍ବକ ବୃକ୍ଷରୋପଣ ଅଭିଯାନ ଚାଲିଛି । ଏହି କ୍ରମରେ ବ୍ରହ୍ମପୁର କରାପାଲ୍ଲି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ ପୂର୍ବକ ବୃକ୍ଷରୋପଣ କରାଯାଇଛି । ପ୍ରଶସ୍ତ ଟାଙ୍ଗରା ମାଟିରେ ସବୁଜିମା ବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ଉକ୍ତ ସ୍କୁଲ ପରିସରରେ ପୂର୍ବରୁ ଆରମ୍ଭ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଉ ପାଦେ ଆଗକୁ ବଢ଼ିଛି । ଏଠାରେ କଦମ୍ବ, ଡାଳିମ୍ବ, ଅଁଳା, ଜାମୁ ଓ ପିଜୁଳି ପରି ଚାରା ରୋପଣ କରାଯାଇଛି । ସେକ୍ରେଟାରୀ, ଜିଲ୍ଲା ନ୍ୟାୟିକ ସେବା କର୍ତ୍ତୃପକ୍ଷ, ଗଞ୍ଜାମ, ବ୍ରହ୍ମପୁର ବ୍ୟୋମକେଶ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୃକ୍ଷରୋପଣ ଅଭିଯାନ ଆଗାମୀ ଦିନରେ ଚାଲୁ ରହିବ ବୋଲି ବିଦ୍ୟାଳୟର ନ୍ୟାୟିକ ସାକ୍ଷରତା କ୍ଲବ ଇନ୍‌ଚାର୍ଜ (ଏସ୍ଏଲ୍ଏଲ୍ସି) ମଧୁସୂଦନ ମିଶ୍ର ସୂଚନା ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍କୁଲ ପିଲାଙ୍କ ଆଗ୍ରହ ଓ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ ।

# 'ଭି.ବି.-ଜି ରାମ ଜି ଅଧିନିୟମ-୨୦୨୫'ର ସଫଳ କାର୍ଯ୍ୟକାରିତା

ବଲାଙ୍ଗୀର,୩।୭ (ନିପ୍ର): 'ଭି.ବି.-ଜି ରାମ ଜି ଅଧିନିୟମ-୨୦୨୫'ର ସଫଳ କାର୍ଯ୍ୟକାରିତା ଏବଂ ଏହା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବଲାଙ୍ଗୀର ଡିଏଫଓ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧିନିୟମର ଉଦ୍ଦେଶ୍ୟ, ବୈଶିଷ୍ଟ୍ୟ ଏବଂ ତୃଣମୂଳସ୍ତରରେ ଏହାର ସଫଳ ରୂପାୟନ ନେଇ ବିସ୍ତୃତ ଆଲୋଚନା କରାଯିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସ୍ୱତନ୍ତ୍ର ଉନ୍ନୟନ ବୋର୍ଡର ଅଧ୍ୟକ୍ଷ ବଲ୍ଲଭ ଧରୁଆ, ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ମାଧବ ସାଏ, ବନଖଣ୍ଡ ଅଧିକାରୀ ଅଜିତ ବିଶି ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ ଇସଲଓ୍ୱାର କହିଥିଲେ ଯେ, 'ଭି.ବି.-ଜି ରାମ ଜି ଅଧିନିୟମ-୨୦୨୫'ର ସଫଳତା ଜନସାଧାରଣଙ୍କ ସକ୍ରିୟ ସହଭାଗିତା ଓ ବ୍ୟାପକ ସଚେତନତା ଉପରେ ନିର୍ଭରଶୀଳ। ଏହି ଅଧିନିୟମ ଗ୍ରାମୀଣ ଅଞ୍ଚଳରେ ରୋଜଗାର ସୁଯୋଗ ବୃଦ୍ଧି କରିବା ସହ ଦାଦନ ସମସ୍ୟା ହ୍ରାସରେ ସହାୟକ ହେବ।

# ରାୟଗଡରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ କାର୍ଯ୍ୟକ୍ରମ

ରାୟଗଡା,୩।୭ (ନିପ୍ର):ସ୍ଥାନୀୟ ଜିଲ୍ଲା ଶିଳ୍ପ କେନ୍ଦ୍ର ରାୟଗଡ ଆନୁକୂଲ୍ୟରେ ଉଦ୍ୟୋଗ ଦିବସ ପାଳନ ନିମନ୍ତେ ଗୋବିନ୍ଦ ଚନ୍ଦ୍ର ଦେବ ହାଇସ୍କୁଲ ପଡିଆରେ, ଚାଲୁଥିବା 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ ପାଳନ କରାଯାଇଛି। ମୁଖ୍ୟ ଅତିଥି ଏ ମ୍ . ନରିନ କୁମନ୍ଦନ , ଶିଳ୍ପ ସଂଘ ସଭାପତି, ମୁଖ୍ୟ ବକ୍ତା, ସବ୍ୟସାଚୀ ସାହୁ, ବରିଷ୍ଠ ଅବସରପ୍ରାପ୍ତ ସହକାରୀ ଶିଳ୍ପ ଅଧିକାରୀ, ସମ୍ମାନିତ ଅତିଥି ରୂପେ ରାକେଶ କୁମାର ପାଢ଼ୀ, ନିର୍ଦ୍ଦେଶକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ରାୟଗଡ ଯୋଗଦେଇଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ସ୍ୱାଗତ ବକ୍ତବ୍ୟ ଆରମ୍ଭ କରି ପ୍ରାରମ୍ଭିକ ସୂଚନା, ବିଭାଗ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ସାମ୍ନା କରୁଥିବା ସାଧାରଣ ସମସ୍ୟାଗୁଡ଼ିକ ଓ ତାହାର ସମାଧାନ ନିମନ୍ତେ ଉପଲବ୍ଧ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ସଫଳ ଉଦ୍ୟୋଗୀମାନେ ଓ ସଫଳ ଏସଏଚଜିର ସଭାପତି ମାନେ ସେମାନଙ୍କ ଅନୁଭୂତି ବର୍ଣନା କରି ଆଗାମୀ ଉଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠିତ ହୋଇଥିବା ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଭାଗିଦାର ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ ପୋଖରୀ ଆବର୍ଜନାପୂର୍ଣ୍ଣ, ବ୍ୟାନରରେ ସ୍ୱଚ୍ଛତାର ପ୍ରଚାର

ପାରଳାଖେମୁଣ୍ଡି,୩।୭ (ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗଜପତି ଜିଲ୍ଲାରେ ତାହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। 'ସ୍ୱଚ୍ଛତା ହିଁ ସେବା' ଅଭିଯାନର ପ୍ରଚାର ବ୍ୟାପକ ଭାବେ ହେଉଥିବା ସତ୍ତ୍ୱେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀର ଦୟନୀୟ ଅବସ୍ଥା ସ୍ୱଚ୍ଛତା ଅଭିଯାନର ବାସ୍ତବତାକୁ ପଦାରେ ପକାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏହି ପୋଖରୀର ଗୋଟିଏ ପାର୍ଶ୍ୱରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ଅନ୍ୟ ପାର୍ଶ୍ୱରେ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ରହିଛି। ଏହାସହ ପରିସରରେ ଚାରିରୁ ଅଧିକ ଜିଲ୍ଲାସ୍ତରୀୟ ସଭାଗୃହ ଅବସ୍ଥିତ। ପ୍ରତିଦିନ ଏଠାରେ ବିଭିନ୍ନ ସରକାରୀ ବୈଠକ ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସତ୍ତ୍ୱେ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି କାହାରି ନଜର ପଡୁନାହିଁ । ଦୀର୍ଘଦିନ ଧରି ଅବହେଳିତ ହୋଇ ପଡ଼ିଥିବା ଏହି ପୋଖରୀ ଚାରିପାଖରେ ଗଛ, ବୁଦା ଓ ଘାସ ବଢ଼ିଯାଇଛି। ପୋଖରୀ ପାଣି ଉପରେ ପ୍ଲାଷ୍ଟିକ ବୋତଲ, ପଲିଥିନ, ବିଲାତି ଦଳ ସମେତ ବିଭିନ୍ନ ପ୍ରକାରର ଆବର୍ଜନା ଭାସୁଥିବା ଦେଖିବାକୁ ମିଳୁଛି। ବନ୍ଧ କଡ଼ରେ ମଇଳା ଜମି ରହିଥିବାରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ସ୍ଥାନୀୟ



ଲୋକ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏକଦା ଏହି ପୋଖରୀ କାର୍ଯ୍ୟାଳୟ ପରିସରର ସୌନ୍ଦର୍ଯ୍ୟ ବଢ଼ାଇବା ସହ ପ୍ରମୁଖ ଆକର୍ଷଣୀୟ ଥିଲା। କିନ୍ତୁ ରକ୍ଷଣାବେକ୍ଷଣର ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ବର୍ତ୍ତମାନ ଏହା ଅପରିଚ୍ଛନ୍ନତାର କେନ୍ଦ୍ର ପାଲଟିଯାଇଛି। ସବୁଠାରୁ ବଡ଼ କଥା ହେଉଛି, ଏହି ପୋଖରୀ ପାଖଦେଇ ପ୍ରତିଦିନ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ବିଭିନ୍ନ ନେତା ଓ ମନ୍ତ୍ରୀମାନେ ଯାତାୟାତ କରୁଥିବା ସତ୍ତ୍ୱେ ଏହି ସମସ୍ୟା ପ୍ରତି କାହାରି ଦୃଷ୍ଟି ଆକର୍ଷିତ ହେଉନାହିଁ। ଅଧିକ ଆଶ୍ଚର୍ଯ୍ୟର ବିଷୟ ହେଉଛି, ପୋଖରୀ ନିକଟରେ 'ସ୍ୱଚ୍ଛତା ହିଁ ସେବା'ର ପ୍ରଚାର ଫଳକ ଲାଗିଥିବା ସତ୍ତ୍ୱେ ତାହାର ଚାରିପାଖରେ ଅପରିଚ୍ଛନ୍ନ ପରିବେଶ ଦେଖିବାକୁ ମିଳୁଛି। ଏଥିରୁ ସାଧାରଣରେ ଚର୍ଚ୍ଚା ହେଉଛି ଯେ, ସ୍ୱଚ୍ଛତା ଅଭିଯାନ କେବଳ ବ୍ୟାନର ଓ ପ୍ରଚାରରେ ସୀମିତ ରହିଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ପ୍ରଶାସନକୁ ତୁରନ୍ତ ପୋଖରୀର ସଫେଇ, ଆବର୍ଜନା ଅପସାରଣ, ନିୟମିତ ରକ୍ଷଣାବେକ୍ଷଣ ଏବଂ ସୌନ୍ଦର୍ଯ୍ୟାକରଣ ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୩।୭ (ନିପ୍ର):ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିହିଡି ସ୍ଥିତ ଦହପାଣିଆ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡ଼ କାଳିପଦ ଦାସ ମଞ୍ଚ ସଂଚାଳନା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଅଂଶୁମାନ ଦ୍ୱିବେଦୀ, ତିହିଡି ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ, ସୌମ୍ୟା ସୁଚରିତା ମହାନ୍ତି, ସାମାଜିକ କର୍ମୀ, ଭଦ୍ରକ, ଶ୍ରୀ ରମ ଚନ୍ଦ୍ର ନାୟକ, ପ୍ରତିପକ୍ଷ ପ୍ରତିପକ୍ଷ ଅଧୀବକ୍ତା, ବହ୍ନିଶିଖା ବିଶ୍ୱାଳ, ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଉତ୍ପୀଡ଼ନ ସୁରକ୍ଷା (ପୋକ୍ସ) ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଏବଂ ଏସ୍.ସି. ଏବଂ ଏସ୍.ଟି.ଙ୍କ ନିମନ୍ତେ ଥିବା ଯୋଜନା ଆଇନ ଉପରେ ପିଲାମାନଙ୍କୁ ସଚେତନ କରାଇବା। ଏହି ପରିପ୍ରେକ୍ଷିରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

# ଡାକ୍ତରଙ୍କ ଆନ୍ଦୋଳନ: କଳାହାଣ୍ଡିରେ ସ୍ୱାସ୍ଥ୍ୟ ସେବା ଠପ୍,ରୋଗୀ ହନ୍ତସନ୍ତ

ଭବାନୀପାଟଣା, ୩/୭ (ନି.ପ୍ର)- ଜାତୀୟ ଡାକ୍ତର ଦିବସରେ ଡାକ୍ତରଙ୍କ ଆନ୍ଦୋଳନ। ବୁଧବାର ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା)ର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ରାଜ୍ୟ ସମେତ କଳାହାଣ୍ଡି ଜିଲାର ସମସ୍ତ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓମସା ଆହ୍ୱନ କମିଟିର ଆହ୍ୱାନ କ୍ରମେ ତଥା କଳାହାଣ୍ଡି ଏସୋସିଏସନର ସଭାପତି ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲାର ସମସ୍ତ ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ୧୦ ଦଫା ଦାବି ନେଇଁ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି । ଜିଲାରେ ୬ ଶହ ଡାକ୍ତର ଅନୁମୋଦନ ପଦବୀ ରହିଥିବାବେଳେ ଏବେ ମାତ୍ର ୨ ଶହ ଡାକ୍ତର ରହିଛନ୍ତି। କମ ସଂଖ୍ୟକ ଡାକ୍ତର ଯୋଗୁଁ ଜିଲାରେ ସ୍ୱାସ୍ଥ୍ୟ ସେବା ପରିଚାଳନାରେ ବାଧା ଉପୁଜିଛି। ତେଣୁ ଖାଲି ପଡିଥିବା ଡାକ୍ତର ପଦବୀକୁ ଶୀଘ୍ର ପୂରଣ କରିବାକୁ ଦାବି କରିଛନ୍ତି। ସବୁଠାରୁ ଚିନ୍ତାଜନକ



ବିଷୟ ହେଉଛି, ଏହି ଆନ୍ଦୋଳନ ସମୟରେ ସାଧାରଣ ଚିକିତ୍ସା ସେବା ସହିତ ଜରୁରୀକାଳୀନ ସେବାକୁ ମଧ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଉଦ୍ ବେଗ ଓ ଆତଙ୍କ ସୃଷ୍ଟି ହୋଇଛି। ଓମସା ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଡାକ୍ତରମାନଙ୍କର ଦୀର୍ଘଦିନର ନ୍ୟାୟସଙ୍ଗତ ଓ ବୈଧ ଦାବି ପ୍ରତି ସରକାର ଏବଂ ପ୍ରଶାସନ କ୍ରମାଗତ ଭାବେ ଅବହେଳା କରିଆସୁଛନ୍ତି। ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇ ନଥିବାରୁ ବାଧ ହୋଇ ସଂଘ ଏହି ଚରମ ନିଷ୍ପତ୍ତି ନେଇଥିବା କହିଛି। ସଂଘର କହିବା ଅନୁସାରେ, ଡାକ୍ତରମାନଙ୍କ ପାଇଁ ଉତ୍ତମ କାର୍ଯ୍ୟ ପରିବେଶ, ସମ୍ମାନଜନକ କାର୍ଯ୍ୟ ପରିସ୍ଥିତି ଏବଂ ରୋଗୀଙ୍କୁ ସୁରକ୍ଷିତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଲକ୍ଷ୍ୟରେ ଏହି ଆନ୍ଦୋଳନ ଜାରି ରହିବ।ଆନ୍ଦୋଳନ ଯୋଗୁଁ ଜିଲାର ସମସ୍ତ ସରକାରୀ ଚିକିତ୍ସା ପ୍ରତିଷ୍ଠାନରେ ଓପିଡି (ବାହ୍ୟ ରୋଗୀ ବିଭାଗ), ଆଇପିଡି (ଆନ୍ତଃରୋଗୀ ବିଭାଗ), ନିର୍ଦ୍ଧାରିତ ଅସ୍ତ୍ରୋପଚାର, ବିଭିନ୍ନ ନିଦାନମୂଳକ ସେବା (ଯଥା ରକ୍ତ ପରୀକ୍ଷା, ଏକ୍ସ-ରେ, ସ୍କାନିଂ ଆଦି) ଏବଂ ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଓମସା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଆନ୍ଦୋଳନ ଯୋଗୁଁ ଜନସାଧାରଣ ଓ ରୋଗୀମାନଙ୍କୁ ହେଉଥିବା ଅସୁବିଧା ପାଇଁ ଓମସା ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ସେହିପରି ନିଜର ନ୍ୟାୟସଙ୍ଗତ ଦାବି ଏବଂ ସ୍ୱାସ୍ଥ୍ୟସେବାର ମାନ ରକ୍ଷା ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ରାଜ୍ୟବାସୀଙ୍କୁ ସଂଘ ନିବେଦନ କରିଛି। କଳାହାଣ୍ଡି ଜିଲାର ଦୂରଦୂରାନ୍ତ ଓ ଗ୍ରାମାଞ୍ଚଳରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ଶତାଧିକ ଗରିବ ରୋଗୀ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ବିଶେଷକରି ଜରୁରୀକାଳୀନ ସେବା ବନ୍ଦ ରହିଥିବାରୁ ପରିସ୍ଥିତି ଅଧିକ ସଙ୍କଟଜନକ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ ସରକାର ଓମସା ସହ ଆଲୋଚନା କରି କେବେ ଓ କିପରି ସମସ୍ୟାର ସମାଧାନ କରୁଛନ୍ତି, ସେଥିପ୍ରତି ରୋଗୀ, ସାଧାରଣ ଜନତା ଏବଂ ସ୍ୱାସ୍ଥ୍ୟ ମହଲର ନଜର ରହିଛି।

# ଚର୍ଚ୍ଚାରେ ଜୁନାଗଡ଼ ବ୍ଲକ: ଦିନରେ କୁମ୍ଭୀର, ରାତିରେ ହାତୀ ଆତଙ୍କ

ଭବାନୀପାଟଣା,୩।୭ (ନିପ୍ର): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଏବେ ଚର୍ଚ୍ଚାରେ ରହିଛି। ଏଠାରେ ଏବେ ଦିନ ବେଳା କୁମ୍ଭୀର ଓ ରାତିରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଗତ କିଛି ଦିନ ହେଲା ଜୁନାଗଡ଼ ବ୍ଲକର ବକ୍କି ତୁଳସୀପାଲି ଓ ଦେଦର ପଞ୍ଚାୟତରେ ଏକ ଦନ୍ତା ହାତୀର ଉପଦ୍ରବ ଜାରି ରହିଛି। ଏହି ଅଞ୍ଚଳରେ ଥିବା ମଣ୍ଡି ଗୁଡିକରେ ଧାନ ଥିବାରୁ ତାହାକୁ ଖାଇବା ପାଇଁ ବିଭିନ୍ନ ସମୟରେ ହାତୀଟି ଚାଲି ଆସୁଛି। ଗୋଟିଏ ମଣ୍ଡିରୁ ଧାନ ଉଠୁ ନ ଥିବାବେଳେ ହାତୀଟି ବେପିକର ଭାବେ ଆସି ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନକୁ ଖାଇ ଦେଉଛି। ଯାହାର ଫୋଟୋ, ଭିଡିଓ ମଧ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଘଟଣା କୁ ନେଇଁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ଚିନ୍ତାର କାରଣ ପାଲଟିଛି। ସୋମବାର ରାତିରେ ହାତୀଟି ଏକନାଗୁଡା ମଣ୍ଡିକୁ ଆସି କିଛି ଚାଷୀଙ୍କ ଧାନ ଖାଉ ଥିବାବେଳେ ଚାଷୀ ମାନେ ତାକୁ ଘଉଡାଇ ବାକୁ ଯାଇ ନାକେଦମ ହୋଇଥିଲେ। ଏହି ହାତୀର ନାମ 'ଗଣେଶ' ହୋଇଥିବାବେଳେ ଏହା ପ୍ରାୟ ସମୟରେ କର୍ଲାପାଟ ଅଭୟାରଣ୍ୟ ଭିତରେ ଥିବା ଫୁର୍ଲିଝରନ ଜଳ ପ୍ରପାତ ନିକଟରେ ଚଳ ପ୍ରଚଳ କରିଥାଏ। ତେବେ ଜୁନାଗଡ଼ ବ୍ଲକ ଅଞ୍ଚଳରେ ଏବେ ରବି ଧାନ ମଣ୍ଡି ଚାଲୁଥିବା ଓ ଭତ୍ରାଡ୍ୟାମରେ ପାଣି ଥିବାରୁ ଜଙ୍ଗଲ ପାର ହୋଇ ଏପଟକୁ ହାତୀଟି ଚାଲି ଆସିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ,ଗତ ୨ ଦିନ ହେଲା ସ୍ଥାନୀୟ ହାତୀ ନଦୀରେ ଏକ କୁମ୍ଭୀର ଚଳ ପ୍ରଚଳ କରୁଥିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଜୁନାଗଡ଼ ବ୍ଲକ ପଲାସ ଗାଁ ହାତୀ ନଦୀ ଘାଟରେ ମଙ୍ଗଳବାର କିଛି ଲୋକ ମାଛ ଧରିବା ବେଳେ ଜାଲରେ ଏକ କୁମ୍ଭୀର ପଡିଥିଲା। ଏହା ଦେଖି ମାଛ ଧରାଳି ଭୟଭୀତ ହୋଇ ସେଠାରୁ ଚାଲି ଯାଇଥିବାବେଳେ କୁମ୍ଭୀରଟି ଜାଲ ଛିଣ୍ଡାଇ ନଦୀକୁ ଚାଲିଯାଇଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ନଦୀରେ ପାଣି କମି ଯାଇଥିବାରୁ କୁମ୍ଭୀରଟି ଅନ୍ୟ ଆଡ଼କୁ ଯାଇ ପାରୁ ନାହିଁ। ଯାହାଫଳରେ ନଦୀ ଉପରେ ନିର୍ଭର କରୁଥିବା ପଲାସ ସମେତ ଅନ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଏବେ ଆତଙ୍କ ଦେଖିବାକୁ ମିଳିଛି। ଖବର ପାଇ ସ୍ଥାନୀୟ ବନ ବିଭାଗ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



ହେଲେ କୁମ୍ଭୀର ର କୌଣସି ଗତିବିଧି ସେମାନେ ଜାଣି ପାରି ନ ଥିବା ବେଳେ ଏ ନେଇଁ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ସମୁଦ୍ର କୂଳ ଲଙ୍ଘିବା : ୮ରେ ଜିଲ୍ଲାପାଳ ଅଫିସ ଘେରାଉ କରିବେ ଅଞ୍ଚଳବାସୀ

ରମ୍ଭା,୩।୭ (ନିପ୍ର): ଗଞ୍ଜାମ ଜିଲ୍ଲାର ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଣ ପୁରୁଣାବନ୍ଧ ଠାରୁ ପ୍ରୟାଗି ପର୍ଯ୍ୟନ୍ତ ଗତ କିଛି ମାସ ହେଲା ବେଳାଭୂମି ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି । ବିଶେଷ କରି ଗୋଖରକୁଦା ଠାରୁ ବଟେଶ୍ୱର ମନ୍ଦିର ବେଳାଭୂମି ପର୍ଯ୍ୟନ୍ତ ବେଳାଭୂମି ଅବକ୍ଷୟ ହେଉଥିବା ଦେଖିବାକୁ ମିଳିଛି। ଫଳରେ ବେଳାଭୂମି ନଷ୍ଟ ହେବା ସହ ବଟେଶ୍ୱର ଠାରୁ ସମୁଦ୍ର କୂଳକୁ ସଂଯୋଗ ରାସ୍ତାବି ଉଚ୍ଚ ଜୁଆର ମାଡ଼ ରେ ଭାଙ୍ଗି ଗଲାଣି । ଏଥିପାଇଁ ସମୁଦ୍ର ଉପକୂଳ ତଟବର୍ତ୍ତୀ ଅଂଚଳରେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବତା ବରଣ ସୃଷ୍ଟି ହୋଇଛି। ଏଥିପାଇଁ ଆନ୍ଦୋଳନ ପାଇଁ ସଜବାଜ ହେଲେଣି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ବାସୀ । ଏନେଇ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ତଥା ତିନି ଗ୍ରାମବାସୀ କଣ୍ଟିଆଗଡ଼, ନୀଳାଦ୍ରିପୁର ଓ ଖଟୁଆକୁଦା ଗ୍ରାମବାସୀ ବଟେଶ୍ୱର ପୀଠ ପ୍ରାଙ୍ଗଣରେ ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରଶାସନ



ପକ୍ଷରୁ ତୁରିତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆସନ୍ତା ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ପ୍ରତିବାଦ ଓ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇ ଥିବା ଜଣା ପଡିଛି। ଆନ୍ଦୋଳନ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି ।

କଣ୍ଟିଆଗଡ଼ର ଶିବରାମ ପଲାଇ, ପୀତାମ୍ବର ସ୍ୱାଇଁ, ରଞ୍ଜିତ ପଲାଇ, ନାରାୟଣ ପ୍ରଧାନ,ସମୟ ସ୍ୱାଇଁ, ରଞ୍ଜନ ପ୍ରଧାନ ଓ କିଶୋର ପ୍ରଧାନ, ଖଟୁଆ କୁଦା ପୁର ଗ୍ରାମର ବୃନ୍ଦାବନ ପ୍ରଧାନ, ଶବର କୁମାର ତରାଇ, ଅଜୟ ପ୍ରଧାନ, ପ୍ରଦୀପ ସାହୁ, ପିଣ୍ଟୁ ସାହୁ,ଅଭିରାମ ଗୌଡ଼ ଏବଂ ନୀଳାଦ୍ରି ପୁର ଗ୍ରାମର ଦିଲ୍ଲୀପ ଛୋଟରାଏ, ଧର୍ମରାଜ ସ୍ୱାଇଁ,ତ୍ରିଲୋଚନ ପ୍ରଧାନ, ସତୀଶ ସ୍ୱାଇଁ,ବିଦ୍ୟାଧର ପ୍ରଧାନ,ଶ୍ରୀଧର ସ୍ୱାଇଁ ଓ ପିତାମ୍ବର ପ୍ରଧାନ ପ୍ରମୁଖଙ୍କୁ ନେଇ ୧୭ ଜଣିଆ କମିଟି ଗଠନ କରାଯାଇଛି । ଏଥିସହ ପ୍ରତ୍ୟେକ ଗ୍ରାମର ଜଣେ ପୁରୁଷ ଓ ଜଣେ ମହିଳା ଆନ୍ଦୋଳନରେ ସାମିଲ ହେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି । ପାଳିବନ୍ଧ ପଞ୍ଚାୟତ ସମସ୍ତ ଗ୍ରାମରେ ଡାକବାଜି ଯନ୍ତ୍ର ତଥା ମାଇକରେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନତା କରାଯିବ ବୋଲି ଶିବରାମ ପଲାଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପୋଡମ ପେଟା ଗ୍ରାମର ଚାରି ଭାଗରୁ ତିନି ଭାଗ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଲାଣି ଆଉ କିଛି ମାସ ପରେ ସମ୍ପୂର୍ଣ ଅନ୍ୟ ଗ୍ରାମ ଗୁଡିକରେ ସମୁଦ୍ର ଲହଡି ମାରିବ ବୋଲି ସେ କହିଛନ୍ତି ।

# ରଥଯାତ୍ରା ପାଇଁ ପ୍ରସ୍ତୁତି

ଧର୍ମଗଡ଼,୩।୭(ନିପ୍ର):ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ଆୟୋଜନ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟ ମାନେ ଯତ୍ନବାନ ହେବା ସହିତ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଉପ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ।ବୈଠକରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ,ଉପଖଣ୍ଡ ପୋଲିସ ଅଧିକାରୀ ଭର୍ଷିତା ଅଡେପୁ ସହ ଜିଲ୍ଲାପାଳ ସୋନମ ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ,ନଗରପାଳ ଅଶୋକ କୁମାର ମହାନ୍ତି, ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଥାନା ଅଧିକାରୀ ସୁଦର୍ଶନ ନାଏକ,ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ,ଶ୍ରୀ ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଷି, ସଂପାଦକ ନିରଞ୍ଜନ ମହାପାତ୍ର, ସାମ୍ବାଦିକ ବିଘ୍ନେଶ୍ୱର ନାୟକ(ପିଙ୍କୁ), ବିରଞ୍ଚି ଜାଲ, ବିଦ୍ୟାଧର ସାହୁ,ଚନ୍ଦ୍ର ଲହଜଳ ଓ ଲୋକସଂପର୍କ ଅଧିକାରୀ ରମେଶ ସିଂ ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ନୂଆପଡ଼ା ରେଞ୍ଜର ଚାରା ବିକ୍ରୟ କେନ୍ଦ୍ର ଖୋଲିଲା

କୃଷ୍ଣପ୍ରସାଦ,୩।୭(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ନୂଆପଡ଼ା ତରଫରୁ ଗୁରୁବାଇ ଠାରେ ଥିବା ୬ ମାସିଆ ଚାରା ବିକ୍ରୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି ଚାରା ବିକ୍ରୟ କେନ୍ଦ୍ରକୁ ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଉତ୍ସବରେ ବନପାଳ ଗୌରାଙ୍ଗ ପ୍ରଧାନ, ରଶ୍ମିରଞ୍ଜନ ନାୟକ,ଅର୍ଜୁନ ପ୍ରଧାନ, ବନରକ୍ଷୀ ଲକ୍ଷ୍ମଣ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଚାରା ବିକ୍ରୟ କେନ୍ଦ୍ରରେ କଦମ୍ବ, ଅର୍ଜୁନ,କରଞ୍ଜ, ଅଁଳା, ଶିଶୁ, ନିମ୍ବ,ପିଜୁଳି, ସୀତାଫଳ ଆଦି ଚାରା ପିଛା ୧ ଟଙ୍କା ଦରରେ ବିକ୍ରୀ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି ।

## ବିଶ୍ୱକୁ ରକ୍ଷା କରିବା ମାଧ୍ୟମ ବ୍ୟାପକ ବୃକ୍ଷ ରୋପଣ

ବୁଗୁଡ଼ା,୩।୭ (ନିପ୍ର):ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ଶ୍ରୀ ଗୋପୀନାଥ ବିଦ୍ୟାପୀଠ ଠାରେ ୭୭ତମ ବନ ମହୋତ୍ସବ ସପ୍ତାହ ପାଳିତ ହେଇଯାଇଛି। ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତମ୍ ସ୍ୱାଗତମ୍ ଗୀତ ପରିବେଷଣ କରାଯାଇଥିଲା,ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ଦାସ ସଭାପତିତ୍ୱ କରିଥିବା ବେଳେ,ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବନାଞ୍ଚଳର ବନଖଣ୍ଡ ଅଧିକାରୀ ମାନସ କୁମାର ସାହୁ, ମୁଖ୍ୟବକ୍ତା ଗୋପାଳ ପାତ୍ର,ସମ୍ମାନିତ ଅତିଥି ଭାବେ ବିଦେଶୀ ସାହୁ, କାଶୀନାଥ ସାହୁ, ସୁଶାନ୍ତ କୁମାର ସେଠୀ (ସି ଆର୍ ସି ସି) ମୋଟାବାଡି ପଞ୍ଚାୟତ ର ସରପଞ୍ଚ ପିଣ୍ଟୁ କୁମାର ସେଠୀ, ସମିତି ସଭ୍ୟ ଶିବଶଙ୍କର ପ୍ରଧାନ, ବିଦ୍ୟାଳୟର ସଭାପତି ଶିବଶଙ୍କର ମହାରଣା,(ପିଟିଏ)ବୁଗୁଡ଼ା ବନପାଳ ସୁଧିର ପଟ୍ଟନାୟକ,ବାଲିପଦର ବନପାଳ ଅଭିରାମ ଖିଲ, ବୁଗୁଡ଼ା ବନରକ୍ଷୀ ପ୍ରିୟଙ୍କା ବେହେରା ଦଳେଇ, ଯଶସ୍ୱିନୀ ସାହୁ ଏବଂ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଲୁମୁନି ଗ୍ରୁପ ସଭାପତି ବାବୁଲି ମହାରଣା,ଏବଂ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷ ରୋପଣର ମାହାତ୍ମ୍ୟ ବୁଝାଇଥିଲେ । ସାରା ବିଶ୍ୱକୁ ରକ୍ଷା କରିବାର ଏକ ମାଧ୍ୟମ ହେଉଛି ବ୍ୟାପକ ବୃକ୍ଷ ରୋପଣ ଏହି ମତ ପ୍ରକାଶ ପାଇଥିଲା।

# ଅମିତ୍ ଶାହଙ୍କୁ ମିଳିପାରେ ଉପ ପ୍ରଧାନମନ୍ତ୍ରୀ ପଦ

**କ୍ୟାବିନେଟ୍ ଅଦଳବଦଳ**

ନୂଆଦିଲ୍ଲୀ, ୩/୭: ଆସନ୍ତା ବର୍ଷ ଉତ୍ତର ପ୍ରଦେଶ ଓ ପଞ୍ଜାବ ପରି ୭ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଛି ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି କୁହାଯାଉଛି। କ୍ୟାବିନେଟରେ



ଗୃହମନ୍ତ୍ରୀ ଅମିତ ଶାହଙ୍କ ଗୋଷ୍ଠୀର ଅଧିକ ନେତାଙ୍କୁ ସ୍ଥାନ ମିଳିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କ୍ୟାବିନେଟରୁ ଇସ୍ତଫା ଦେଇପାରନ୍ତି। ଆହୁରି ଜାଣିବାକୁ ମିଳିଛି ଯେ, ଆସନ୍ତାବର୍ଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ରାଜନାଥ ସିଂହଙ୍କୁ ବିଜେପି ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ କରିପାରେ। ଅନ୍ୟପକ୍ଷରେ ଅମିତ ଶାହଙ୍କୁ ପଦୋନ୍ନତି ଭାବେ ଉପପ୍ରଧାନମନ୍ତ୍ରୀ ପଦବୀ ମିଳିପାରେ ବୋଲି କୁହାଯାଉଛି। ବିଜେପି ନିଜର ପୂରାପୂରି ପ୍ରସ୍ତୁତ କରିସାରିଛି। ଏବେ ସମସ୍ତଙ୍କେ ନଜର ସମ୍ଭାବ୍ୟ କ୍ୟାବିନେଟ ସମ୍ପ୍ରସାରଣ ଓ ବିଭାଗ ବଣ୍ଟନ ଉପରେ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ସମେତ କେତେକ କେନ୍ଦ୍ରମନ୍ତ୍ରୀଙ୍କ ବିଭାଗ ଅଦଳବଦଳ କରି ନୂଆ ଦାୟିତ୍ୱ ଦିଆଯାଇପାରେ। ରାଜନାଥ ସିଂହଙ୍କୁ ବିଜେପିର ଜଣେ ଅନୁଭବ ସମ୍ପନ୍ନ ଓ ସବୁ ମହଲରେ ଗ୍ରହଣୀୟ ନେତା ଭାବେ ବିଚାର କରାଯାଏ। ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀଠାରୁ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ, କେନ୍ଦ୍ର ଗୃହମନ୍ତ୍ରୀ ଓ ବର୍ତ୍ତମାନ ପ୍ରତିରକ୍ଷା ମନ୍ତ୍ରୀ ପଦବୀ ପର୍ଯ୍ୟନ୍ତ ତାଙ୍କ ରାଜନୈତିକ ଯାତ୍ରା ତାଙ୍କୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପାଇଁ ସବୁଠୁ ମଜଭୁତ ଦାବିଦାର ଭାବେ ଉପସ୍ଥାପନ କରିବ। ଯଦି ରାଜନାଥ ସିଂହ ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀ ଭାବେ ମନୋନୀତ ହୁଅନ୍ତି ତେବେ ତାଙ୍କ ପାରମ୍ପରିକ ଲକ୍ଷ୍ନୌ ଆସନ ଖାଲି ପଡ଼ିପାରେ। ରାଜନାଥଙ୍କ ପୁଅ ନିରଜ ସିଂହଙ୍କ ଏହି ଆସନରୁ ନିର୍ବାଚନ ଲଢ଼ିବାର ସମ୍ଭାବନା ଉପରେ ଚର୍ଚ୍ଚା ହେଉଛି।

## ମୁମ୍ବାଇରେ ପ୍ରବଳ ବର୍ଷା..
## ୩ ଦିନରେ ୬ ଜଣଙ୍କ ମୃତ୍ୟୁ

ମୁମ୍ବାଇ, ୩/୭: ମୁମ୍ବାଇ ଏବଂ ପୁନେରେ ଗତ ୩ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଛି। ମୁମ୍ବାଇ ସହରର ବିଭିନ୍ନ ଅଂଶ ଗତ ୨୪ ଘଣ୍ଟା ମଧ୍ୟରେ ୧୦୦ ମିମିରୁ ଅଧିକ ବର୍ଷାଜଳ ଗ୍ରହଣ କରିଛି। ତେବେ ୩ ଦିନର ଲଗାଣ ବର୍ଷା ଯୋଗୁ ଗତ ୩ ଦିନ ମଧ୍ୟରେ ମୁମ୍ବାଇ, ଥାନେ ଏବଂ ପୁଣେରେ ୬ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଜୁନ୍ ୩୦ ତାରିଖରେ ଚେମ୍ବୁର ପୂର୍ବରେ ଜଣେ ୧୧ ବର୍ଷୀୟ ବାଳକଙ୍କର ଗଛ ପଡ଼ି ମୃତ୍ୟୁ ହୋଇଗଲା। ସେ ଯାଉଥିବା ସ୍କୁଲ ବସ୍ ଉପରେ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହାର ଠିକ୍ ୨ ଦିନ ପରେ ଅନ୍ୟ ଏକ ବର୍ଷା ଜନିତ କାରଣ ପାଇଁ ମୁମ୍ବାଇରେ ଜଣେ ୫୫ ବର୍ଷୀୟ ବ୍ୟକ୍ତି ଅସଲମ ଇସାଫ ଶେଖ୍‌ଙ୍କର ଏକ ଖୋଲା ମ୍ୟାନହୋଲ୍‌ରେ ପଡ଼ି ମୃତ୍ୟୁ ହୋଇଯାଇଛି। ସେହିପରି ଥାନେରେ ମଧ୍ୟ ଗତକାଲି ୨ ଜଣଙ୍କର ବର୍ଷା ଜନିତ କାରଣ ପାଇଁ ମୃତ୍ୟୁ ହୋଇଥିଲା। ଜଳମଗ୍ନ ରାସ୍ତାରେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳା ଏବଂ ଜଣେ କିଶୋରୀଙ୍କର ମୃତ୍ୟୁ ହୋଇଯାଇଛି। ଆଜି ମୀରା ଭୟନ୍ଦରରେ ପ୍ରବଳ ବର୍ଷା ଏବଂ ପବନ ଯୋଗୁ ଜଣେ ପୂର୍ବତନ ଉପ ମେୟରଙ୍କ ପୁଅଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ନାଁ ରାହୁଲ ଅଶୋକ ପାଟିଲ (୩୫)। ସଦାନନ୍ଦ ନଗରରେ ସେ ତାଙ୍କ ମୋଟରସାଇକେଲ୍ ଚଲାଉଥିବା ବେଳେ ଏକ ନଡ଼ିଆ ଗଛ ହଠାତ୍ ଉପୁଡ଼ି ତାଙ୍କ ଉପରେ ପଡ଼ି ଯାଇଥିଲା।

## ଜୁଲାଇ ୧୦ରେ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ ମୋଦୀ



ନୂଆଦିଲ୍ଲୀ, ୩/୭: ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୧୦ ତାରିଖରେ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ମୋଦୀ ପ୍ରଥମ ଥର ନ୍ୟୁଜିଲାଣ୍ଡ ଗସ୍ତ କରିବେ। ଗତ ୪୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ନ୍ୟୁଜିଲାଣ୍ଡ ଗସ୍ତ ହେବ। ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ ଶୁକ୍ରବାର ଘୋଷଣା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତା ସପ୍ତାହରେ ତାଙ୍କର ପ୍ରଥମ ସରକାରୀ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରିବେ। ଲକ୍ସନ କହିଛନ୍ତି ଯେ, ନ୍ୟୁଜିଲାଣ୍ଡ-ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସହିତ ଦୁଇ ଦେଶ ସେମାନଙ୍କ ସମ୍ପର୍କକୁ ପରବର୍ତ୍ତୀ ସ୍ତରକୁ ନେଇଯିବେ। ଏହାଦ୍ୱାରା ନ୍ୟୁଜିଲାଣ୍ଡରେ ଅଧିକ ନିଯୁକ୍ତି, ଅଧିକ ରପ୍ତାନୀ ଓ ଅଧିକ ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି ହେବ ବୋଲି କହିଛନ୍ତି। ଲକ୍ସନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୧୦ ତାରିଖରେ ଅକଲାଣ୍ଡରେ ପହଞ୍ଚିବେ ଓ ତା'ପର ଦିନ ଭାରତ ଫେରିବେ। ଭାରତ ଓ ନ୍ୟୁଜିଲାଣ୍ଡ ଚଳିତ ବର୍ଷ ଏପ୍ରିଲ ୨୭ ତାରିଖରେ ନୂଆଦିଲ୍ଲୀଠାରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ।

## ଖାଇକୁ ଖସିଲା ଯାତ୍ରୀବାହୀ ବସ୍, ୪୦ ମୃତ

ଇସଲାମାବାଦ, ୩/୭: ଦକ୍ଷିଣ- ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଶୁକ୍ରବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୪୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଯାତ୍ରୀମାନଙ୍କୁ ନେଇ ଯାଉଥିବା ବସ୍‌ଟି ଗଭୀର ଖାଇକୁ ଖସି ପଡ଼ିଥିଲା। ବସ୍‌ରେ କ୍ଷମତାଠାରୁ ଅଧିକ ଯାତ୍ରୀ ଥିବା କୁହାଯାଉଛି। ବସ୍‌ଟି କ୍ୱେଟାରୁ ଇସଲାମାବାଦ ଯାଉଥିଲା। ବସ୍‌ରେ ମୋଟ ୪୮ ଜଣ ଯାତ୍ରୀ ଥିବା ଜଣାପଡ଼ିଛି। ବଲୁଚିସ୍ତାନ ସରକାରଙ୍କ ମୁଖପାତ୍ର ସହିଦ ରିନ୍ଦ କହିଛନ୍ତି ଯେ, ବଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱା ପ୍ରଦେଶ ସୀମା ନିକଟରେ ଥିବା ଏକ ଦୁର୍ଗମ ଅଞ୍ଚଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଏକ ଘାଟିରେ ଖସି ପଡ଼ିଥିଲା। ବସ୍‌ଟି କ୍ୱେଟାରୁ ୩୬ ଯାତ୍ରୀଙ୍କୁ ନେଇ ଆସୁଥିବାବେଳେ ରାସ୍ତାରେ ଖରାପ ହୋଇଯାଇଥିବା ଅନ୍ୟ ଏକ ବସ୍‌ର ଯାତ୍ରୀ ଏହି ଗାଡ଼ିକୁ ଚାଲି ଆସିବା ଯୋଗୁ ଗାଡ଼ି ଭିତରେ ଅଧିକ ଗହଳି ହୋଇଯାଇଥିଲା। ରିନ୍ଦ କହିଛନ୍ତି, ଉଦ୍ଧାରକାରୀ ଦଳ ମୃତକଙ୍କୁ ଚିହ୍ନଟ କରୁଛି। ପାକିସ୍ତାନରେ ରାସ୍ତାଘାଟ ଖରାପ ହୋଇଥିବାରୁ ସଡ଼କ ଦୁର୍ଘଟଣା ସାଧାରଣ କଥା ହୋଇଥାଏ। ମେ ମାସରେ ଉତ୍ତର ପଶ୍ଚିମ ପାକିସ୍ତାନରେ ରାସ୍ତାରେ ଛିଡା ହୋଇଥିବା ଏକ ବସ୍ ସହିତ ମିନିବସ୍ ଧକ୍କାରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ଅନ୍ୟ ପାଞ୍ଚ ଜଣ ଆହତ ହୋଇଥିଲେ।

### ବିଜୟଙ୍କ ନାଁରେ ଆପତ୍ତିଜନକ ମନ୍ତବ୍ୟ
## ଡିଏମକେ ବିଧାୟକ ଗିରଫ

ଚେନ୍ନାଇ, ୩/୭: ଟିଭିକେ ଅଧ୍ୟକ୍ଷ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଡିଏମକେ ବିଧାୟକ ଅନିତା ଆର ରାଧାକୃଷ୍ଣନଙ୍କ ଆଗୁଆ ଜାମିନ ଆବେଦନ ଖାରଜ କରିବା



ପରେ ତାମିଲନାଡୁ ପୁଲିସ ତାଙ୍କୁ ଗିରଫ କରିଛି। ଅଭିଯୋଗ ହୋଇଛି ଯେ, ବିଧାୟକ ସାର୍ବଜନୀନ ମଞ୍ଚରୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଆପତ୍ତିଜନକ ଓ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଜୁନ୍ ୨୦ ତାରିଖରେ ଅଥୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଷଣ ଦେବାସମୟରେ ରାଧାକ୍ରିଷନ୍ ବିଜୟଙ୍କ ନାଁରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଗିରଫ ହେବା ଆଶଙ୍କା କରି ରାଧାକ୍ରିଷ୍ଣନ ମାଡ୍ରାସ ହାଇକୋର୍ଟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ତେବେ କୋର୍ଟ ଶୁକ୍ରବାର ତାଙ୍କ ଆବେଦନ ଖାରଜ କରିଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ବିଧାୟକ ବିକାଶ କାର୍ଯ୍ୟ ଯାଞ୍ଚ କରିବାକୁ ସରକାରୀ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା। ପୁଲିସ ତାଙ୍କୁ ଗିରଫ କରିବା ସମୟରେ ଡିଏମକେ କର୍ମୀମାନେ ପୁଲିସ କର୍ମଚାରୀଙ୍କୁ ଘେରି ଯାଇଥିଲେ ଏବଂ ତାଙ୍କୁ ପୁଲିସ ଗାଡ଼ିରେ ନେଇଯିବାରୁ ବାରଣ କରିବାକୁ ଚେଷ୍ଟା କରିଥିଲେ।

### ହାଜତ ମୃତ୍ୟୁ ଆତ୍ମହତ୍ୟା
## ରାଜ୍ୟ ସରକାର ଦାୟୀ: ଦିଲ୍ଲୀ ହାଇକୋର୍ଟ



ନୂଆଦିଲ୍ଲୀ, ୩/୭: ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ବିଚାର କରି ଗୁରୁତ୍ୱପୂର୍ଣ୍ଣ ରାୟରେ ହାଜତ ମୃତ୍ୟୁ ଆତ୍ମହତ୍ୟା ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ ବୋଲି କହି କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ରେ ପୁଲିସ ହେପାଜତରେ ଆତ୍ମହତ୍ୟା କରିଥିବା ଜଣେ ୧୯ ବର୍ଷୀୟ ଯୁବକଙ୍କ ପିତାଙ୍କୁ ୧୮.୪୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହିତ କହିଛନ୍ତି, ଯଦିଓ ମୃତ୍ୟୁ ଆତ୍ମହତ୍ୟା ଯୋଗୁ ହୋଇଥାଏ ତଥାପି ରାଜ୍ୟ ହାଜତ ମୃତ୍ୟୁ ପାଇଁ ଦାୟିତ୍ୱରୁ ଖସି ଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଜଷ୍ଟିସ ସଚିନ ଦତ୍ତ ଜୁଲାଇ ୧ ତାରିଖରେ ଦେଇଥିବା ତାଙ୍କ ରାୟରେ କହିଥିଲେ ଯେ, ହାଜତ ମୃତ୍ୟୁ କେବଳ ଏକ ବ୍ୟକ୍ତିଗତ ଦୁଃଖଦ ଘଟଣା ନୁହେଁ ବରଂ ଏକ ବ୍ୟବସ୍ଥିତ ଚିନ୍ତା ଯାହା ଆଇନର ଶାସନର ମୂଳଦୁଆକୁ ଆଘାତ କରେ। କୋର୍ଟ ତାଙ୍କ ରାୟରେ କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତିର ସ୍ୱାଧୀନତା ଛଡ଼ାଇ ନିଆଯାଇ ତାଙ୍କୁ ପୁଲିସ ହେପାଜତରେ ରଖାଯାଏ ସେତେବେଳେ ତାଙ୍କ ଜୀବନ ଓ ସମ୍ମାନର ସୁରକ୍ଷା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ବିଚାରପତି ଗୁରୁତ୍ୱାରୋପ କରିଥିଲେ ଯେ, ହାଜତରେ ଯେକୌଣସି ମୃତ୍ୟୁ, ତାହା ହିଂସା, ଅବହେଳା, ଅବ୍ୟକ୍ତ ପରିସ୍ଥିତି କିମ୍ବା ଆତ୍ମହତ୍ୟା କାରଣରୁ ହୋଇଥାଉ ନା କାହିଁକି ଏହାର ନ୍ୟାୟିକ ଯାଞ୍ଚ ଆବଶ୍ୟକ, କାରଣ ଏହା ବ୍ୟକ୍ତିଗତ ମର୍ଯ୍ୟାଦାର ସୁରକ୍ଷା ଓ ନ୍ୟାୟିକ ବ୍ୟବସ୍ଥାର ବିଶ୍ୱସନୀୟତା ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରେ। ପୁଲିସ ହେପାଜତରେ ଥିଲେ ବ୍ୟକ୍ତି ଜଣକ ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ତାଙ୍କ ମୌଳିକ ଅଧିକାର ହରାଇବେ ନାହିଁ। ତାଙ୍କ ଜୀବନ ଓ ସମ୍ମାନର ସୁରକ୍ଷା ପ୍ରମୁଖ କର୍ତ୍ତବ୍ୟ ହୋଇଥାଏ।

# ଭାରତର ଅର୍ଥନୀତିକୁ ପ୍ରଶଂସା କଲେ ଟ୍ରମ୍ପ

ନୂଆଦିଲ୍ଲୀ, ୩/୭ : ଭାରତର ଅର୍ଥନୀତିକୁ ପ୍ରଶଂସା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ ବୋଲି ସେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଆମେରିକା ମୁଦ୍ରାସ୍ଫୀତି ଏବଂ ସୁଧ ହାର ଚିନ୍ତା ଦ୍ୱାରା ଆବଦ୍ଧ ହେବା ପରିବର୍ତ୍ତେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ଉଚିତ। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ସହିତ ଏକ ସାକ୍ଷାତକାରରେ, ରାଷ୍ଟ୍ରପତି ଟ୍ରମ୍ପ ଭାରତର ଅର୍ଥନୈତିକ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି ଏବଂ ମୁଦ୍ରାନୀତି ପ୍ରତି ଅତ୍ୟଧିକ ସତର୍କତା ପାଇଁ ଆମେରିକା ଫେଡେରାଲ ରିଜର୍ଭକୁ ସମାଲୋଚନା କରିଛନ୍ତି ।ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି କି,'ଆମ ପାଖରେ କିଛି ଦେଶ ଅଛନ୍ତି, ଭାରତ ସେମାନଙ୍କ ମଧ୍ୟରୁ ଗୋଟିଏ, ଯେଉଁମାନେ ବହୁତ ଭଲ କରୁଛନ୍ତି, କିନ୍ତୁ ଭାରତ ୭-୮% ରେ ଅଛି। ଆମକୁ ଅଧିକ ବୃଦ୍ଧି କରିବାକୁ ଅନୁମତି ନାହିଁ। ଯଦି ଆମେ ଆହୁରି ଅଧିକ ଯାଏ, ତେବେ ସେମାନେ ଏହାକୁ ମାରିବାକୁ ଚାହିଁବେ।' ଟ୍ରମ୍ପ ଯୁକ୍ତି ଦେଇଛନ୍ତି ଯେ ଆମେରିକା ବହୁତ ଦ୍ରୁତ ଆର୍ଥିକ ପ୍ରସାର ପାଇଁ ଲକ୍ଷ୍ୟ ରଖିବା ଉଚିତ। ସେ କହିଛନ୍ତି, 'ଆମେ ୪% ରେ ଅଟକି ରହିବାର କୌଣସି କାରଣ ନାହିଁ। ଆମେ ୧୨ ଏବଂ ୧୩% ଜିଡ଼ିପି ରେ ରହିବା ଉଚିତ।' ସୁଧ ହାର ବିଷୟରେ ଆଲୋଚନା କରିବା ସମୟରେ ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଥିଲେ। ସେ କହିଛନ୍ତି ଯେ, ଆର୍ଥିକ



ବଜାର ଗୁଡ଼ିକ ବର୍ତ୍ତମାନ 'ମୁଦ୍ରାସ୍ଫୀତି ବିରୋଧାଭାସ' (ସିଣ୍ଡ୍ରୋମ୍) ସହିତ ଜଡ଼ିତ ହେଉଛି। ଏହି କାରଣରୁ, ଆର୍ଥିକ ତଥ୍ୟ ଭଲ ଥିଲେ ମଧ୍ୟ, ନିବେଶକ ମାନେ ପ୍ରାୟତଃ ସୁଧ ହାର ବୃଦ୍ଧି ସମ୍ଭାବନାରେ ଭୟଭୀତ ହୁଅନ୍ତି। ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ, 'ମୁଁ ଇଚ୍ଛା କରୁଛି ମୁଁ ଏହାକୁ ପୁରୁଣା ଧାରାରେ ପରିବର୍ତ୍ତନ କରିପାରିବି।' ସେ ସେହି ସମୟକୁ ମନେ ପକାଇଲେ ଯେତେବେଳେ ଶକ୍ତିଶାଳୀ ଆର୍ଥିକ ତଥ୍ୟ ସାଧାରଣତଃ ଆର୍ଥିକ ବଜାରକୁ ବୃଦ୍ଧି କରିଥିଲା। ଟ୍ରମ୍ପ ଯୁକ୍ତି ଦେଇଥିଲେ ଯେ ଆର୍ଥିକ ଅଭିବୃଦ୍ଧିକୁ ସ୍ୱୟଂଚାଳିତ ଭାବରେ ମୁଦ୍ରାସ୍ଫୀତିମୂଳକ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ। ଟ୍ରମ୍ପ ତାଙ୍କ ପ୍ରଶାସନ ଅଧୀନରେ ଆମେରିକୀୟ ଅର୍ଥନୀତିର ଏକ ସକାରାତ୍ମକ ଚିତ୍ର ମଧ୍ୟ ଆଙ୍କିଥିଲେ, ଦେଶକୁ ଏକ ସୁବର୍ଣ୍ଣ ଯୁଗ ଭାବରେ ବର୍ଣ୍ଣନା କରି କହିଥିଲେ,'ଆଜି ଆମେ ପୂର୍ବ ଅପେକ୍ଷା ଅଧିକ କାରଖାନା ନିର୍ମାଣ କରୁଛୁ। ଆଜି, ଆମ ଦେଶର ଇତିହାସରେ ପୂର୍ବ ଅପେକ୍ଷା ଅଧିକ ଲୋକ କାମ କରୁଛନ୍ତି।

## ଅଲ୍ଲୀ ଖେମିନିଙ୍କ ଛଅଦିନିଆ ଅନ୍ତ୍ୟେଷ୍ଟି ପାଇଁ ଦେଶବ୍ୟାପୀ ସୁରକ୍ଷା ବ୍ୟବସ୍ଥା



ତେହେରାନ, ୩/୭: ଇରାନରେ ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଛଅଦିନିଆ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟି ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ଇରାନ ସରକାର ଦେଶବ୍ୟାପୀ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨ କୋଟି ଶୋକାକୁଳ ଲୋକ ଯୋଗଦେଉଥିବା ଅନୁମାନ କରାଯାଉଛି, ଯାହା ଇତିହାସର ଏକ ବଡ଼ ସାର୍ବଜନୀନ ସମାବେଶ ଭାବେ ଗଣ୍ୟ ହେଉଛି। ଏହା ସହିତ ଭାରତ ସମେତ ୩୦ଟି ଦେଶର ପ୍ରତିନିଧି, ଉଚ୍ଚସ୍ତରୀୟ ନେତା ଓ ଅନ୍ତର୍ଜାତୀୟ ଅତିଥିମାନେ ମଧ୍ୟ ଏହି ଶୋକ ଅନୁଷ୍ଠାନରେ ଅଂଶଗ୍ରହଣ କରୁଛନ୍ତି। ସରକାରୀ ସୂଚନା ଅନୁଯାୟୀ, ଏହି ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ଛଅ ଦିନ ଧରି ଚାଲିବ। ପ୍ରଥମ ଦିନରେ ତେହେରାନର ମୁଖ୍ୟ ଧାର୍ମିକ କେନ୍ଦ୍ରରେ ସାର୍ବଜନୀନ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପରବର୍ତ୍ତୀ ଦିନଗୁଡ଼ିକରେ ଶୋଭାଯାତ୍ରା ମାଧ୍ୟମରେ ତାଙ୍କ ମୃତଦେହକୁ ବିଭିନ୍ନ ସହର ଦେଇ ଶେଷ ସମାଧିସ୍ଥଳକୁ ନିଆଯିବ। ଶେଷ ଦିନରେ ଧାର୍ମିକ ରୀତିନୀତି ସହ ଦଫନ (ଶବ ପୋତିବା) କାର୍ଯ୍ୟ ସମ୍ପନ୍ନ ହେବ। ତେହେରାନ ସହର ସମେତ ଦେଶର ପ୍ରମୁଖ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବଳକୁ ଉଚ୍ଚ ସତର୍କତାରେ ରଖାଯାଇଛି। ପୁଲିସ, ସେନା ଓ ରିଭଲ୍ୟୁସନାରୀ ଗାର୍ଡ ମିଳିତ ଭାବେ ଶବଯାତ୍ରା ମାର୍ଗରେ ତିନିସ୍ତରୀୟ ସୁରକ୍ଷା ବଳୟ ଗଠନ କରିଛନ୍ତି। ଡ୍ରୋନ୍ ଓ ସିସିଟିଭି ନିରୀକ୍ଷଣ ସହ ଭିଡ଼ ନିୟନ୍ତ୍ରଣ ଟିମ୍‌ମାନେ ନିରନ୍ତର ନଜର ରଖୁଛନ୍ତି। ଭିଡ଼ ଅତ୍ୟଧିକ ହେବା ଆଶଙ୍କାରେ କିଛି ସହରରେ ଯାତାୟାତ ନିୟମ ମଧ୍ୟ କଡ଼ା କରାଯାଇଛି। ଶବଯାତ୍ରାରେ ଭାଗ ନେବାକୁ ଲୋକମାନେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଛନ୍ତି।

## କିଭ୍ ଉପରେ ପ୍ରଚଣ୍ଡ ଆକ୍ରମଣ ପରେ ମୃତ୍ୟୁ ସଂଖ୍ୟା ୩୦କୁ ବୃଦ୍ଧି

କିଵ୍, ୩/୭: ରୁଷ୍ ଦ୍ୱାରା ୟୁକ୍ରେନର ରାଜଧାନୀ କିଵ୍‌ରେ ବୁଧବାରରୁ ଗୁରୁବାର ରାତି ଯାଏ ହୋଇଥିବା ପ୍ରଚଣ୍ଡ ଆକ୍ରମଣ ପରେ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଛି ବୋଲି ସରକାରଙ୍କ ପକ୍ଷରୁ ଶୁକ୍ରବାର କୁହାଯାଇଛି। ନିରନ୍ତର ଆକ୍ରମଣ ଓ ବିସ୍ଫୋରଣରେ ସହରର ଅନେକ ଅଞ୍ଚଳ ଭାରି କ୍ଷତିଗ୍ରସ୍ତ ହୋଇଛି। ଧ୍ୱଂସସ୍ଥଳରେ ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି ଏବଂ ମୃତାହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ରୁଷ୍ ଆକ୍ରମଣର କଡ଼ାଗଣ୍ଡା ହିସାବ ନିଆଯିବ ଓ ତୁରନ୍ତ ସମାନୁପାତିକ ଜବାବ ଦିଆଯିବ ବୋଲି କହିଛନ୍ତି ।ରିପୋର୍ଟ ଅନୁସାରେ, ଏହି ଆକ୍ରମଣ ଏକାଧିକ ପର୍ଯ୍ୟାୟରେ ହୋଇଥିଲା ଏବଂ ଏଥିରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବ୍ୟବହାର କରାଯାଇଥିଲା। ସହରର ଆବାସିକ ଅଞ୍ଚଳ, ଭବନ ଓ କିଛି ଜନସାଧାରଣ ସୁବିଧା କେନ୍ଦ୍ର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର ଧ୍ୱଂସ ହୋଇଯାଇଥିବାରୁ ଲୋକମାନେ ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି ।ଆକ୍ରମଣ ପରେ ତୁରନ୍ତ ଜରୁରିକାଳୀନ ସେବା ଟିମ୍‌ଗୁଡ଼ିକୁ ସକ୍ରିୟ କରାଯାଇଛି। ଅଗ୍ନିଶମ ବିଭାଗ, ଚିକିତ୍ସା ଦଳ ଓ ଉଦ୍ଧାରକାରୀମାନେ ଧ୍ୱଂସାବଶେଷ ମଧ୍ୟରେ ଫସିଥିବା ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ଅନେକ ସ୍ଥାନରେ ନିଆଁ ଲାଗିଥିବାରୁ ଉଦ୍ଧାର କାର୍ଯ୍ୟ ଆହୁରି ଜଟିଳ ହୋଇପଡ଼ିଛି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲଗୁଡ଼ିକରେ ଭର୍ତ୍ତି କରାଯାଇଛି। କିଛି ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ଆଗକୁ ବଢ଼ିପାରେ ବୋଲି ଡାକ୍ତରମାନେ ସତର୍କ କରାଇଛନ୍ତି। ଏହି ଆକ୍ରମଣ ପରେ ସହରର ବିଦ୍ୟୁତ୍ ଓ ଯୋଗାଯୋଗ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। କିଛି ଅଞ୍ଚଳରେ ପାଣି ଯୋଗାଣ ମଧ୍ୟ ବିଚ୍ଛିନ୍ନ ହୋଇଛି। ଏହି ପରିସ୍ଥିତିରେ କିଵ୍‌ର ଲୋକମାନେ ଭୟ ଓ ଅନିଶ୍ଚିତତା ମଧ୍ୟରେ ରହୁଛନ୍ତି।

# ସୀମାପାର ଆତଙ୍କବାଦକୁ ନେଇ ଭାରତର କଡ଼ା ଆଭିମୁଖ୍ୟ

ନୂଆଦିଲ୍ଲୀ, ୩/୭: ପାକିସ୍ତାନ ପ୍ରାୟୋଜିତ ସୀମାପାର ଆତଙ୍କବାଦକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଭାରତ। ପାକିସ୍ତାନ ପକ୍ଷରୁ ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେବା ସମ୍ପୂର୍ଣ୍ଣ ବନ୍ଦ ନହେବା ଏବଂ ଏ ଦିଗରେ କୌଣସି ବିଶ୍ୱାସଯୋଗ୍ୟ ତଥା ସ୍ଥାୟୀ ପଦକ୍ଷେପ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ସ୍ଥଗିତ ରହିବ ବୋଲି କେନ୍ଦ୍ର ସରକାର ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସର୍ବଦା ସ୍ପଷ୍ଟ ଓ ସମାନ ରହିଛି। ପାକିସ୍ତାନ ଦ୍ୱାରା କ୍ରମାଗତ ଭାବେ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପ ଯୋଗୁଁ ହିଁ ଏହି ଚୁକ୍ତିକୁ ସ୍ଥଗିତ ରଖାଯାଇଛି। ପାକିସ୍ତାନକୁ ପ୍ରଥମେ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ ବୋଲି ଜୈସ୍ୱାଲ କହିଛନ୍ତି। ନିକଟରେ ପାକିସ୍ତାନର ମନ୍ତ୍ରୀ ମୁସାଦିକ ମଲିକଙ୍କ ଏକ ବିବାଦୀୟ ବୟାନ ପରେ ଭାରତ ପକ୍ଷରୁ ଏହି ପ୍ରତିକ୍ରିୟା



ପ୍ରକାଶ ପାଇଛି। ମଲିକ କହିଥିଲେ ଯେ, ସିନ୍ଧୁ ଜଳ ଚୁକ୍ତି ଅଧୀନରେ ପାକିସ୍ତାନ ଭାଗର ପାଣିକୁ ଯଦି କେହି ଛଡ଼ାଇବାକୁ ଚେଷ୍ଟା କରେ, ତେବେ ଇସଲାମାବାଦ ସେହି ହାତକୁ କାଟିଦେବ। ଅନ୍ୟପକ୍ଷରେ ପାକିସ୍ତାନର ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର ଦାବି କରିଥିଲେ ଯେ, ୧୯୬୦ ମସିହାରେ ବିଶ୍ୱ ବ୍ୟାଙ୍କ ମଧ୍ୟସ୍ଥତାରେ ହୋଇଥିବା ଏହି ଚୁକ୍ତି ଆଇନଗତ ଭାବେ ବାଧ୍ୟତାମୂଳକ ଏବଂ ଏହାକୁ ଏକପାଖିଆ ଭାବେ ସ୍ଥଗିତ କିମ୍ବା ସଂଶୋଧନ କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ, ପ୍ରାୟ ୯ ବର୍ଷର ଆଲୋଚନା ପରେ ୧୯୬୦ ସେପ୍ଟେମ୍ବର ୧୯ରେ ଦୁଇ ଦେଶ ମଧ୍ୟରେ ନଦୀ ଜଳ ବଣ୍ଟନକୁ ନେଇ ଏହି ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ମାତ୍ର ୨୦୨୫ ଏପ୍ରିଲ ୨୨ରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଏହି ଚୁକ୍ତିକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା ।ବାଂଲାଦେଶର ତିସ୍ତା ନଦୀ ପ୍ରକଳ୍ପ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର କହିଛନ୍ତି ଯେ, ବାଂଲାଦେଶକୁ ଭାରତର ବିକାଶମୂଳକ ସହାୟତା ଏକ ପାରସ୍ପରିକ ସହମତି ଭିତ୍ତିକ ରୋଡମ୍ୟାପ୍ ଅନୁଯାୟୀ ପରିଚାଳିତ ହେଉଛି ଏବଂ ଏହାର ନିୟମିତ ସମୀକ୍ଷା କରାଯାଉଛି। ଭାରତ ଏହି ପ୍ରକଳ୍ପ ବାବଦରେ ବାଂଲାଦେଶ ସରକାରଙ୍କୁ ନିଜର ମତାମତ ଜଣାଇ ସାରିଛି ଏବଂ ଆଗାମୀ ଦିନରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାରକୁ ନେଇ ଏ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

## ୩ ସନ୍ତାନଙ୍କୁ ହତ୍ୟା କରି ଜୀବନ ହାରିଦେଲା ମହିଳା

ମନସା, ୩/୭: ପଞ୍ଜାବର ମନସା ଜିଲ୍ଲାରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ଏଠାରେ ଜଣେ ୩୬ ବର୍ଷୀୟା ମହିଳା ତାଙ୍କର ୩ ସନ୍ତାନଙ୍କୁ ହତ୍ୟା ପ୍ରଥମେ ହତ୍ୟା କରିବା ପରେ ଜୀବନ ହାରି ଦେଇଥିବା ଅଭିଯୋଗ ମିଳିଛି। ଘଟଣା ଏକ ଭଡ଼ା ଘରରେ ଘଟିଥିଲା ବୋଲି ପୁଲିସ ସୂଚନା ଦେଇଛି। ପୁଲିସ ଅନୁସାରେ, ମୃତ ମହିଳା ତାଙ୍କର ଦୁଇଟି ଝିଅ (୧୨ ଓ ୮ ବର୍ଷ) ଏବଂ ଜଣେ ୧୮ ମାସର ପୁଅକୁ ପ୍ରଥମେ ହତ୍ୟା କରିଥିବା ସନ୍ଦେହ ରହିଛି। ପରେ ସେ ନିଜ ଜୀବନ ଶେଷ କରିଦେଇଛନ୍ତି। ଏହି ଘଟଣା ଗୁରୁବାର ରାତିରେ ଜଣାପଡ଼ିଥିଲା। ଜଣେ ଆତ୍ମୀୟ ଘରକୁ ଆସି ଭୟାବହ ଦୃଶ୍ୟ ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ମେ' ୧୧ରେ ହାତଗଣ୍ଠି, ମେ' ୨୩ରେ ହତ୍ୟା: ୧୨ ଦିନରେ ଅସଲ ରୂପ ଦେଖାଇଦେଲା ପିଶାଚୀ ପତ୍ନୀ, ହାତରେ ପଡ଼ିଲା ହାତକଡ଼ି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପରିବାରଟି ଗଭୀର ଆର୍ଥିକ ସଂକଟରେ ଥିଲା।

## ଚମ୍ପତ ରାୟ ଜେଲ୍ ଯାଇପାରନ୍ତି: କଟିୟାର

ଅଯୋଧ୍ୟା, ୩/୭: ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପାଣ୍ଠି ହେରଫେର ବିବାଦ ଏବେ ତୀବ୍ର ହେବାରେ ଲାଗିଛି ଏବଂ ଏହାକୁ ନେଇ ଦେଶର ରାଜନୀତି ସରଗରମ ହୋଇଉଠିଛି। ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଖୁବଶୀଘ୍ର ଜେଲ୍ ଯାଇପାରନ୍ତି ବୋଲି ପୂର୍ବତନ ବିଜେପି ସାଂସଦ ବିନୟ କଟିୟାର ଏକ ଚାଞ୍ଚଲ୍ୟକର ଦାବି କରିଛନ୍ତି। ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ଏହି ଗମ୍ଭୀର ମାମଲା ସମ୍ପର୍କରେ ତାଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସିଧାସଳଖ ଆଲୋଚନା ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ମାଗିଥିଲେ ବୋଲି କଟିୟାର ପ୍ରକାଶ କରିଛନ୍ତି। କଟିୟାରଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ହୋଇଥିବା ତଦନ୍ତରୁ ମନ୍ଦିର ପାଣ୍ଠିର ବ୍ୟାପକ ଅର୍ଥ ଆତ୍ମସାତ କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଦୁର୍ନୀତି ମାମଲାରେ ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ସମେତ ଅନିଲ ମିଶ୍ର ଏବଂ ବିନୋଦ ରାଓଙ୍କ ସଂପୃକ୍ତି ଥିବା ସାମ୍ନାକୁ ଆସିଛି। ଦାନ ଅର୍ଥର ଏଭଳି ଗମ୍ଭୀର ଚୋରି ମାମଲା ସାରା ବିଶ୍ୱର କୋଟି କୋଟି ରାମଭକ୍ତଙ୍କ ବିଶ୍ୱାସକୁ ଗଭୀର ଆଘାତ ପହଞ୍ଚାଇଛି। ଏହା ରାମ ମନ୍ଦିର ଆନ୍ଦୋଳନ ସମୟରେ ଅଗଣିତ ଶ୍ରଦ୍ଧାଳୁ ଦେଇଥିବା ବଳିଦାନ ପ୍ରତି ଏକ ବଡ଼ ବିଶ୍ୱାସଘାତକତା ବୋଲି ସେ ଅଭିହିତ କରିଛନ୍ତି।

# ଭୟଙ୍କର ହେବ 'ଏଲ୍ ନିନୋ', ବଢ଼ିବ ପ୍ରାକୃତିକ ବିପର୍ଯ୍ୟୟ

ନୂଆଦିଲ୍ଲୀ, ୩/୭: ଆଗାମୀ ମାସଗୁଡ଼ିକରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ 'ଏଲ୍ ନିନୋ' ପ୍ରକ୍ରିୟା ଅତି ଦ୍ରୁତ ଗତିରେ ସକ୍ରିୟ ହେବାକୁ ଯାଉଛି। ଏହାର ପ୍ରଭାବରେ ସାରା ବିଶ୍ୱରେ ମାରାତ୍ମକ ଗ୍ରୀଷ୍ମ ପ୍ରବାହ, ମରୁଡ଼ି ଏବଂ ଅତ୍ୟଧିକ ବୃଷ୍ଟିପାତ ଭଳି ଚରମ ପାଣିପାଗ ବିର୍ଯ୍ୟୟ ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଶୁକ୍ରବାର ଚେତାବନୀ ଦିଆଯାଇଛି। ବିଶେଷ କରି ଭାରତରେ ଏହାର ନକାରାତ୍ମକ ପ୍ରଭାବ ଯୋଗୁଁ ଚଳିତ ବର୍ଷ ମୌସୁମୀ ଋତୁ ଗମ୍ଭୀର ଭାବେ ପ୍ରଭାବିତ ହେବା ସହ ବିଭିନ୍ନ ପ୍ରାକୃତିକ ବିର୍ଯ୍ୟୟ ଦେଖାଦେଇପାରେ। ଡବ୍ଲ୍ୟୁଏମ୍‌ଓର ମାସିକ ଋତୁକାଳୀନ ଜଳବାୟୁ ସୂଚନା ଅନୁଯାୟୀ, ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଏଲ୍ ନିନୋ ଏକ ଶକ୍ତିଶାଳୀ ରୂପ ଧାରଣ କରିବାର ସ୍ପଷ୍ଟ ସଂକେତ ମିଳିଛି। ବିଶ୍ୱର ପ୍ରମୁଖ ପାଣିପାଗ କେନ୍ଦ୍ରଗୁଡ଼ିକର ଆକଳନ ଅନୁସାରେ, କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର ତାପମାତ୍ରା ସ୍ୱାଭାବିକ ଅପେକ୍ଷା ୨ ଡିଗ୍ରି ସେଲସିୟସରୁ ଅଧିକ ବୃଦ୍ଧି ପାଇବ। ଏହି ପୂର୍ବାନୁମାନକୁ ନେଇ ପାଣିପାଗ ବିଜ୍ଞାନୀମାନେ ସମ୍ପୂର୍ଣ୍ଣ ନିଶ୍ଚିତ ଅଛନ୍ତି। ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଜଳବାୟୁ ପ୍ରକ୍ରିୟା, ଯାହା ପ୍ରଶାନ୍ତ ମହାସାଗରର ପୃଷ୍ଠଭାଗ ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇବା ଯୋଗୁଁ ସୃଷ୍ଟି ହୋଇଥାଏ। ଡବ୍ଲ୍ୟୁଏମ୍‌ଓ ମହାନିର୍ଦ୍ଦେଶକ ସେଲେଷ୍ଟେ ସାଉଲୋ କହିଛନ୍ତି ଯେ, ଏଲ୍ ନିନୋ ସ୍ଥିତି ଆରମ୍ଭ ହୋଇସାରିଛି ଏବଂ ଏହା ଆଗକୁ ଦ୍ରୁତ ଗତିରେ ଅଧିକ ସକ୍ରିୟ ହେବ। ଏହା ଦ୍ୱାରା ବିଶ୍ୱର ବିଭିନ୍ନ ଅଞ୍ଚଳରେ ମରୁଡ଼ି, ପ୍ରବଳ



ବର୍ଷା ଏବଂ ସାମୁଦ୍ରିକ ଉଷ୍ମତା ବୃଦ୍ଧି ପାଇବା ଆଶଙ୍କା ରହିଛି। ଜନଜୀବନ ଏବଂ ଅର୍ଥନୀତି ଉପରେ ପଡ଼ିବାକୁ ଥିବା ପ୍ରଭାବକୁ ହ୍ରାସ କରିବା ପାଇଁ ଜାତିସଂଘ ଏବଂ ଆଞ୍ଚଳିକ ସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। କୃଷି, ସ୍ୱାସ୍ଥ୍ୟ ଏବଂ ମାନବୀୟ ସହାୟତା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ପୂର୍ବ ପ୍ରସ୍ତୁତି ନିମନ୍ତେ ପାଣିପାଗ ସୂଚନା ଯୋଗାଇ ଦିଆଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମଧ୍ୟ ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସକ୍ରିୟ ହେବା ନେଇ ସ୍ପଷ୍ଟ କରାଯାଇଛି। ଚଳିତ ବର୍ଷ ଭାରତୀୟ ମହାସାଗରୀୟ ଦ୍ୱିମେରୁ ବ୍ୟବସ୍ଥା (ଆଇଓଡି) ନିରପେକ୍ଷ ରହିଥିବାରୁ, ଏହା ଏଲ୍‌ନିନୋର ପ୍ରଭାବକୁ ହ୍ରାସ କରିବାରେ ସଫଳ ହେବନାହିଁ। ଭାରତରେ ଜୁନ୍ ମାସରେ ମୌସୁମୀ ବୃଷ୍ଟିପାତରେ ପ୍ରାୟ ୪୦ ପ୍ରତିଶତ ହ୍ରାସ ଘଟିଛି, ଯାହା ୧୯୦୧ ମସିହା ପରଠାରୁ ପଞ୍ଚମ ସବୁଠାରୁ ଶୁଖିଲା ଜୁନ୍ ମାସ ଭାବେ ରେକର୍ଡ କରାଯାଇଛି। ଆଇଏମ୍‌ଡିର ଆକଳନ ଅନୁଯାୟୀ, ଜୁଲାଇ ମାସରେ ମଧ୍ୟ ସ୍ୱାଭାବିକ ସୀମା ଠାରୁ କମ୍ ବୃଷ୍ଟିପାତ ହେବ, ଯାହା ଦୀର୍ଘ ଅବଧିର ହାରାହାରି (ଏଲ୍‌ପିଏ) ୨୮୦.୪ ମିମି ତୁଳନାରେ ୯୪ ପ୍ରତିଶତ କମ୍ ରହିବ। ସେହିପରି ସାମଗ୍ରିକ ଭାବେ ଚଳିତ ବର୍ଷ ମୌସୁମୀ ବୃଷ୍ଟିପାତ ଏଲ୍‌ପିଏର ମାତ୍ର ୯୦ ପ୍ରତିଶତ ରହିବ ବୋଲି ଆଶଙ୍କା କରାଯାଉଛି, ଯାହା ଦେଶର କୃଷି କ୍ଷେତ୍ର ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିପାରେ।

### ଭିଡ ହିଂସାରେ ସୌମ୍ୟ ହତ୍ୟା ମାମଲା

# ଓମଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ ସରିଲା

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ଘଟଣାର ଖୋଳତାଡ଼ ଜୋରଦାର ହୋଇଛି । କ୍ରାଇମବ୍ରାଞ୍ଚ ସୌମ୍ୟଙ୍କ ସାଙ୍ଗ ଓମ୍ ପ୍ରକାଶ ରାଉତଙ୍କର ଶୁକ୍ରବାର ଲାଏ ଡିଟେକ୍ସନ୍ ଟେଷ୍ଟ୍ କରିଛି । ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଅପରାଧ ବିଧି ବିଜ୍ଞାନଗାର (ଏସଏଫଏସଏଲ)ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଓମଙ୍କ ଏହି ମିଛଧରା (ପଲିଗ୍ରାଫ୍) ପରୀକ୍ଷା କରାଯାଇଛି । ହତ୍ୟା ଘଟଣାର ପ୍ରାୟ ୨ ମାସ ପରେ ଓମ୍ ପ୍ରକାଶଙ୍କୁ ନେଇ ଏସଏଫଏସ୍ଏଲରେ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଥିଲା । ଦୀର୍ଘ ୩ ଘଣ୍ଟା ଧରି ମିଛ ଧରା ପରୀକ୍ଷା ଚାଲିଥିଲା । ସୌମ୍ୟଙ୍କ ସାଙ୍ଗ ଓମ୍ ପ୍ରକାଶ କ୍ରାଇମବ୍ରାଞ୍ଚର ୭୦ ପ୍ରଶ୍ନର ଉତ୍ତର ରଖିଥିଲେ । କ୍ରାଇମବ୍ରାଞ୍ଚର ସାଇଣ୍ଟିଫିକ୍ ଟିମ୍ ଓମର ଲାଏ ଡିଟେକ୍ସନ ଟେଷ୍ଟ କରିଥିଲା । ତଦନ୍ତକାରୀ ଅଧିକାରୀ ଏବଂ ଜଣେ ଡାକ୍ତର ଏହି ସମୟରେ ଉପସ୍ଥିତ ଥିଲେ । କିଛି ଦିନ ପରେ ଏହି ରିପୋର୍ଟ ଆସିବା ପରେ ଓମ୍ ସତ କହୁଛନ୍ତି ନା ମିଛ, ତା ଉପରୁ ପରଦା ଉଠିବ ବୋଲି କ୍ରାଇମବ୍ରାଞ୍ଚ କହିଛି ।

## ରିମାଣ୍ଡ ସରିଲା: ଝାରପଡା ଜେଲ୍ ଫେରିଲେ

ଗୋଟିଏ ପଟେ କ୍ରାଇମବ୍ରାଞ୍ଚ ସୌମ୍ୟର ସାଙ୍ଗ ଓମର ଲାଏ ଡିଟେକ୍ସନ ଟେଷ୍ଟ କରିଥିବାବେଳେ ଅନ୍ୟପଟେ ଏହି ମାମଲାରେ ୨ ଦିନିଆ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଯାଇଥିବା ୩ ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ବଡ଼ଜେନା ଓରଫ କାଳିଆ, ସ୍କାଏଲାବ୍ ପତି ଓ ବିସ୍ମୟ ମହାନ୍ତି ଝାରପଡ଼ା ଜେଲ୍ ଫେରିଛନ୍ତି । ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିବାବେଳେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି । ଏହି ତଥ୍ୟକୁ ଆଧାର କରି କ୍ରାଇମବ୍ରାଞ୍ଚ ଅଧିକ ଖୋଳତାଡ଼ କରିବ ବୋଲି ଏଡିଜି କହିଛନ୍ତି । ଜୁଲାଇ ୧ ତାରିଖରେ ଘଟଣାର ୩ ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଜେରା ଚଳାଇଥିଲା । ସାକ୍ଷୀଙ୍କ ସହ ମୁହାଁମୁହିଁ କରାଯାଇ ପଚରାଉଚରା କରାଯାଇଥିଲା ।

ସୂଚନାଥାଉ କି, ଓମ୍ ପ୍ରକାଶଙ୍କ ଉପରେ ସୌମ୍ୟଙ୍କ ପରିବାର ଲୋକ ସନ୍ଦେହ କରିଆସୁଛନ୍ତି । ଏପରିକି ସୌମ୍ୟଙ୍କୁ ଆକ୍ରମଣ ପଛରେ ଓମ୍ ପ୍ରକାଶଙ୍କ ହାତ ଥିବା ମଧ୍ୟ ସେମାନେ ଅଭିଯୋଗ କରିଥିଲେ । ସେପଟେ କ୍ରାଇମବ୍ରାଞ୍ଚ ପଚରାଉଚରା ବେଳେ ଓମ୍ ପ୍ରକାଶଙ୍କ ବୟାନରେ ତାଳମେଳ ରହିନଥିଲା । ଓମ୍ ପ୍ରକାଶ ଅନ୍ୟ କଥା କହୁଥିବା ବେଳେ ପୀଡ଼ିତା ଓ ତାଙ୍କ ସାଙ୍ଗ ଭିନ୍ନ କଥା କହିଥିଲେ । କେଉଁ କାରଣ ପାଇଁ ମେ' ୭ରେ ସ୍ପଷ୍ଟ ଦିବାଲୋକରେ ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଥିଲା, ତାହା ଏଯାଏ ସ୍ପଷ୍ଟ ହୋଇପାରୁ ନାହିଁ । ଫଳରେ ଓମଙ୍କ କ୍ରାଇମବ୍ରାଞ୍ଚ ଟିମ୍ ପଲିଗ୍ରାଫ୍ ଟେଷ୍ଟ୍ କରିଛି । ଏପରିକି ଏହି ଟେଷ୍ଟ୍ ପାଇଁ କୋର୍ଟଙ୍କଠାରୁ ଅନୁମତି ଲୋଡ଼ା ଯାଇଥିବା କଥା କ୍ରାଇମବ୍ରାଞ୍ଚ ଏଡିଜି କହିଛନ୍ତି । ଏହି ଘଟଣାରେ ଏଯାଏ ମୋଟ୍ ୨୦ ଜଣ ଅଭିଯୁକ୍ତ ଗିରଫ୍ ହୋଇଛନ୍ତି । ବାଲିଅନ୍ତା ଥାନା ପୋଲିସ ୧୧ ଜଣଙ୍କୁ ଏବଂ ପରେ ତଦନ୍ତ ଭାର ନେଇ କ୍ରାଇମବ୍ରାଞ୍ଚ ୯ ଜଣଙ୍କୁ ଗିରଫ କରିଛି । ଏହି ଘଟଣାରେ ଆହୁରି ୨୦ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ରହିଛନ୍ତି । ସେମାନଙ୍କ ମଧ୍ୟରୁ କ୍ରାଇମବ୍ରାଞ୍ଚ ପ୍ରାୟ ୧୦ରୁ ୧୨ ଜଣଙ୍କୁ ଚିହ୍ନଟ କରିଛି । ୨୯ ତାରିଖ ଦିନ ମାମଲାର ୨୦ ନମ୍ବର ଅଭିଯୁକ୍ତ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଗ୍ରାମର ରବି ଓରଫ ସୁବାସ ଭୋଇଙ୍କୁ କ୍ରାଇମବ୍ରାଞ୍ଚ ଗିରଫ୍ କରିଥିଲା ।

## କାର୍ଯ୍ୟରତ ମହିଳାଙ୍କୁ ଆକ୍ରମଣ: ଅଭ୍ୟାସଗତ ଅପରାଧୀ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ କାର୍ଯ୍ୟରତ ମହିଳା ହସ୍ପିଟାଲରୁ ଫେରୁଥିବା ବେଳେ ତାଙ୍କୁ ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଫୋନ ଭାଙ୍ଗିଦେବା ଅଭିଯୋଗରେ ଭରତପୁର ଥାନା ପୋଲିସ ଶୁକ୍ରବାର ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ଦୁଶାସନ ନାଏକ ଓରଫ ଧୁସା (୨୨) ଓ ତାଙ୍କ ଘର ହାରବାଡି ବସ୍ତିରେ ବୋଲି ଜଣାପଡିଛି । ଏନେଇ ଲିକିତା ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଗଡସାହି ଅଞ୍ଚଳରେ ରୁହନ୍ତି । ଘଟଣା ଦିନ ସେ ସମ ହସ୍ପିଟାଲରେ କାର୍ଯ୍ୟ ସମାପ୍ତ କରି ସ୍ୱାମୀଙ୍କ ସହ ସ୍କୁଟରରେ ଘରକୁ ଫେରୁଥିଲେ । କଳିଙ୍ଗ ଷ୍ଟୁଡିଓ ଛକ ନିକଟସ୍ଥ ତାରିଣୀ ବଜାରରେ ପହଞ୍ଚିବାବେଳେ, ହରପାର୍ବତୀ ବସ୍ତିର ଧୁସା ନାଏକ ଓ ତାଙ୍କର ତିନିଜଣ ସହଯୋଗୀ ଏକ ବୁଲେଟ୍ ମୋଟରସାଇକେଲରେ ଭୁଲ ପାର୍ଶ୍ୱରୁ ଆସି ଜୋରରେ ହର୍ଣ୍ଣ ବଜାଇ ଜାଣିଶୁଣି ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲେ । ଏହାପରେ ସେମାନେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କ ହେଲମେଟ୍‌କୁ ଆଘାତ କରି ଗାଡ଼ି ଘୁଞ୍ଚାଇବାକୁ ବାଧ କରିଥିଲେ ଏବଂ ଉଭୟଙ୍କୁ ଅଶ୍ଳୀଳ ଓ ଆପତ୍ତିଜନକ ଭାଷାରେ ଗାଳିଗୁଲଜ କରିଥିଲେ । ପରବର୍ତ୍ତୀ ସମୟରେ ସେମାନେ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କୁ ଶାରୀରିକ ଆକ୍ରମଣ କରିଥିଲେ । ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ତାଙ୍କ ଚୁଟି ଧରି ଟାଣିବା ସହ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ । ଏହି ଘଟଣାରେ ଉଭୟ ସ୍ୱାମୀ-ସ୍ତ୍ରୀ ଆହତ ହୋଇ ଡାକ୍ତରୀ ଚିକିତ୍ସା ଗ୍ରହଣ କରିଥିଲେ । ପରେ ସେମାନେ ଥାନାରେ ଉପସ୍ଥିତ ହୋଇ ଘଟଣା ସମ୍ପର୍କରେ ରିପୋର୍ଟ ଦାଖଲ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ ।

## ଚୋରା ମଦ ଜବତ ୬ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ ଓ ଡେରାବିଶ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ବଡହାଟ ଗ୍ରାମର ହରେକୃଷ୍ଣ ବେହେରା (୪୨)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଳିକ (୪୬)ଙ୍କ ଠାରୁ ୧୯ ଲିଟର ଦେଶୀ ମଦ ଓ ଜଳଧର ସେଠୀ (୩୮)ଙ୍କ ଠାରୁ ୧୦ ଲିଟର ଦେଶୀ ରନ୍ଧା ମଦ, ଠାକୁରହାଟ ଗ୍ରାମର ଅମର ସେଠୀ (୩୯)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ବେଲାରପୁର ଗ୍ରାମର କାହ୍ନୁ ଚରଣ ବେହେରା (୬୯)ଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ ଏବଂ ବେଲାରପୁର ଗ୍ରାମର ଆଦୀପ୍ତ କର (୩୧)ଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୨୬ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନୀରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ନାଜିଆ ଇଲାହୀ ଖାନଙ୍କ ବିରୋଧରେ ସାଇବର ଥାନାରେ ଏତଲା



କେନ୍ଦ୍ରାପଡ଼ା(ନିପ୍ର): ସୋସିଆଲ ମିଡିଆରେ ପ୍ରସାରିତ ଏକ ପଡକାଷ୍ଟ ଭିଡିଓକୁ କେନ୍ଦ୍ରକରି ବିବାଦ ଜାରି ରହିଛି । ଏହି ପ୍ରସଙ୍ଗରେ କେନ୍ଦ୍ରାପଡ଼ା ମୁସଲିମ ସଂଗଠନ ପକ୍ଷରୁ ନାଜିଆ ଇଲାହୀ ଖାନଙ୍କ ବିରୋଧରେ କେନ୍ଦ୍ରାପଡ଼ା ସାଇବର ଥାନାରେ ଏକ ଏତଲା ଦିଆଯାଇଛି । ଏତଲାରେ ଅଭିଯୋଗ କରାଯାଇଛି ଯେ, ଉକ୍ତ ପଡକାଷ୍ଟରେ ଇସଲାମ ଧର୍ମ, ହଜରତ ମହମ୍ମଦ (ସ.) ଓ ଆୟେଶା (ରା.)ଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟ ଦିଆଯାଇଥିବାରୁ ମୁସଲିମ ସମ୍ପ୍ରଦାୟର ଧାର୍ମିକ ଭାବନାରେ ଆଘାତ ଲାଗିଛି । ସଂଗଠନର କହିବା ଅନୁଯାୟୀ, ଏହି ଘଟଣାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ପ୍ରତିବାଦ ହୋଇଥିବା ବେଳେ ମହାରାଷ୍ଟ୍ରର ଭିୱାଣ୍ଡି ଓ ମୁମ୍ବାଇ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ତାଙ୍କ ବିରୋଧରେ ଏଫଆଇଆର ଦାଖଲ ହୋଇଛି । କେନ୍ଦ୍ରାପଡ଼ା ମୁସଲିମ ସଂଗଠନ ଉକ୍ତ ମନ୍ତବ୍ୟକୁ ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ସାମ୍ପ୍ରଦାୟିକ ସଦଭାବ ବଜାୟ ରଖିବାକୁ ପ୍ରଶାସନ ନିକଟରେ ଦାବି କରିଛି । ଅନ୍ୟପକ୍ଷରେ, ସାଇବର ପୋଲିସ ଏତଲା ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି । ତଦନ୍ତ ପରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

## ଘର ତାଲା ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଓ ବାଇକ୍ ଚୋରି

ପିପିଲି(ନିପ୍ର): ଘରେ କେହି ନଥିବା ସୁଯୋଗରେ ବଳଙ୍ଗା ଥାନା ଅନ୍ତର୍ଗତ କୋହ୍ଲଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା, ସୁନା ଅଳଙ୍କାର ସହ ଗୋଟିଏ ବାଇକ ଚୋରିକରି ନେଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ୨୦୨/୨୬ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ବିଦୁଲତାଙ୍କ ପରିବାର ଘର ତାଲା ପକାଇ ପୁରୀରେ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ । ଶୁକ୍ରବାର ସକାଳେ ଘରକୁ ଫେରିବାରେ ଘର ତାଲା ଗୁଡିକ ଭଙ୍ଗା ଯାଇଥିବା ଦେଖିଥିଲେ । ଘର ଭିତରକୁ ଯିବାରେ ଘରେ ଥିବା ଆଟାଚ ଭଙ୍ଗା ଯିବା ସହ ସେଥିରେ ଥିବା ସୁନା ମୁଦି, କାନ ଫୁଲ, ୧୦ହଜାର ଟଙ୍କା ସହ ଘରେ ଥିବା ମଟର ସାଇକେଲ ନଥିବା ଦେଖିଥିଲେ । ପୂର୍ବରୁ ବିଦୁଲତାଙ୍କ ଘରୁ ସେହି ଗ୍ରାମର ସିଲୁ ଭୋଇ ନାମକ ଜଣେ ଯୁବକ ୨ଥର ଚୋରି ଉଦ୍ୟମ କରି ଧରାପଡ଼ିଥିଲା ବେଳେ ସେ ଚୋରି କରିଥିବା ନେଇ ବିଦୁଲତା ଅଭିଯୋଗ କରିଛନ୍ତି । ସେହିଭଳି ସିଲୁ ଚୋରି ହୋଇଥିବା ବାଇକ୍ ଚଳାଇ ଯାଇଥିବା ନେଇ ଗ୍ରାମର କେତେକ ଲୋକ ଦେଖିଥିବା ନେଇ ବିଦୁଲତାଙ୍କୁ ଜଣାଇ ଥିଲେ । ପରେ ବିଦୁଲତା ସିଲୁଙ୍କ ଘରେ ପହଞ୍ଚି ତାର ପରିବାର ଲୋକଙ୍କୁ ସମସ୍ତ ଘଟଣା କହିବାରେ ସେମାନେ ଥାନାରେ ଅଭିଯୋଗ କରିବାକୁ କହିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ମୋବାଇଲ ଦୋକାନରୁ ଫୋନ ଚୋରି, ୨ ଗିରଫ

ଭୁବନେଶ୍ୱର(ନି.ପ୍ର): ସହିଦନଗର ଥାନା ଅନ୍ତର୍ଗତ ଏକ ମୋବାଇଲ ଦୋକାନରେ ପଶି ଫୋନ ଚୋରି କରି ନେଇ ଫେରାର ହୋଇଯାଇଥିବା ଦୁଇଜଣ ମୋବାଇଲ ଚୋରଙ୍କୁ ଗିରଫ କରିଛି ପୋଲିସ । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ପ୍ଲଟ ନଂ ଇବି/୯୧୧ର ସୌମ୍ୟ ରଞ୍ଜନ ନାୟକ ଓରଫ ସୁଜଳ (୧୯) ଓ ସାଇ ଶଙ୍କର ନାୟକ (୧୯) । ଗିରଫ ଦୁଇ ଚୋରଙ୍କ ଠାରୁ ଚୋରିରେ ବ୍ୟବହୃତ ବାଇକ ଓ ମୋବାଇଲ ଫୋନକୁ ପୋଲିସ ଜବତ କରିଛି । ଏନେଇ ମୋବାଇଲ ଦୋକାନୀ ଚିରଞ୍ଜୀବ ଭୂୟାଁ ଲିଖିତ ଅଭିଯୋଗ କରିଥିଲେ ।

## ଚିକିତ୍ସା ବାହାନାରେ ୧୫ ଲକ୍ଷ ଠକେଇ ଠକକୁ ଭରତପୁର ପୋଲିସ ବାନ୍ଧିଲା

ଭୁବନେଶ୍ୱର(ନି.ପ୍ର): ହୃଦରୋଗର ଚିକିତ୍ସା ବାହାନା ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ୨୦୨୧ ମସିହାରେ ୧୫ ଲକ୍ଷ ଟଙ୍କା ଋଣ ନେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ବାରମ୍ବାର ଚୁକ୍ତି ଖିଲାପ କରିବା ପରେ ଋଣ ଟଙ୍କା ପରିଶୋଧ ନ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଠକଙ୍କୁ ଗିରଫ କରିଛି । ଗିରଫ ଠକର ନାମ ମନୋଜ କୁମାର ସାହୁ (୬୦) ଓ ତାଙ୍କ ଘର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପ୍ଲଟ ନଂ ୨୭୭ରେ ବୋଲି ଜଣାପଡିଛି । ଏନେଇ ନାରାୟଣ ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବରମୁଣ୍ଡା ହାଉସିଂବୋର୍ଡ କଲୋନୀରେ ରୁହନ୍ତି । ଗତ ୨୦୨୧ ମସିହାରେ ଅଭିଯୁକ୍ତ ମନୋଜ କୁମାର ସାହୁ, ତାଙ୍କ ଜ୍ୱାଇଁ ବିନାୟକ ଦ୍ୱିବେଦୀ ଓ ସଞ୍ଜୟ କୁମାର ଖିଲାରଙ୍କ ମାଧ୍ୟମରେ ଏସବିଆଇ ମର୍ଟଗେଜ୍ ଋଣ ଏବଂ ହୃଦରୋଗ ଚିକିତ୍ସା ଖର୍ଚ୍ଚ ପାଇଁ ୧୫ ଲକ୍ଷ ଟଙ୍କା ଋଣ ଆକାରରେ ମାଗିଥିଲେ । ଛଅ ମାସ ମଧ୍ୟରେ ଋଣ ପରିଶୋଧ କରି ନପାରିଲେ ତାବଦଳରେ ତାଳଚେରର ଏମସିଏଲ ନିକଟସ୍ଥ ଜମି ଅଭିଯୋଗକାରୀଙ୍କ ନାମରେ କରିଦେବେ ବୋଲି ପ୍ରତିଶୃତି ଦେଇ ଚୁକ୍ତିନାମା/ମର୍ଟଗେଜ୍ ଡକ୍ୟୁମେଣ୍ଟ ସମ୍ପାଦନ ପରେ ଉକ୍ତ ଅର୍ଥ ଗ୍ରହଣ କରିଥିଲେ । କିନ୍ତୁ ଅଭିଯୁକ୍ତ ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରିନଥିଲେ । ପରେ ୨୦୨୨ ମସିହା ସେପ୍ଟେମ୍ବର ୧୦ ତାରିଖରେ ପୁନର୍ବାର ଏକ ଚୁକ୍ତିନାମା କରି ଆଇସିଆଇସିଆଇ ବ୍ୟାଙ୍କ, ଜୟଦେବ ବିହାର ଶାଖାର ତିନୋଟି ଚେକ୍ ପ୍ରଦାନ କରିଥିଲେ ଏବଂ ବିଫଳ ହେଲେ ପତ୍ନୀ ଅନୁରାଧା ସାହୁଙ୍କ ନାମରେ ଥିବା ସମ୍ପତ୍ତି ବିକ୍ରୟ କରି ଟଙ୍କା ପରିଶୋଧ କରିବେ ବୋଲି ଆଶ୍ୱାସନ ଦେଇଥିଲେ । କିନ୍ତୁ ଚେକଗୁଡ଼ିକ ବ୍ୟାଙ୍କରେ ଉପସ୍ଥାପନ କରାଯିବା ପରେ ଅମାନ୍ୟ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ସେ ପୁଣି ଦୁଇଟି ପରବର୍ତ୍ତୀ ତାରିଖର ଚେକ୍ ଦେଇ ଆଇନଗତ ପଦକ୍ଷେପ ନ ନେବାକୁ ଅଭିଯୋଗକାରୀଙ୍କୁ ଅନୁରୋଧ କରିଥିଲେ ।

## ୬୨ ଗ୍ରାମ ବ୍ରାଉନ ସୁଗାର ଓ ମୋଟର ସାଇକେଲ ଜବତ : ଜଣେ ଗିରଫ



କଟକ(ନିପ୍ର): କଟକ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇ ୬୨ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ବାସୁଦେବପୁରର ଆନନ୍ଦ ପୂଜାରୀ(୨୬) । ମିଳିଥିବା ସୂଚନା ମୁତାବକ ବେଆଇନ ନିଶା କାରବାର ସମ୍ପର୍କରେ ଖବର ପାଇ ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଅବକାରୀ ନିରୀକ୍ଷକ ଭକ୍ତ ବତ୍ସଳ ବର୍ମାଙ୍କ ନେତୃତ୍ୱରେ ଜଗତପୁର ଥାନା ଅନ୍ତର୍ଗତ ନିମପୁର ଷ୍ଟାଡିଅମ ପାଖରେ ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉ ସମୟରେ ଆନନ୍ଦ ପୂଜାରୀ ନାମକ ଜଣେ ବ୍ୟକ୍ତି ଗୋଟିଏ ନାଲି ରଙ୍ଗର ଟିଭିଏସ ଆପାଚି ମୋଟର ସାଇକେଲରେ ବ୍ରାଉନ ସୁଗାର ଚାଲାଣ କରୁଥିବା ବେଳେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ହାତରେ ଧରା ପଡିଥିଲା । ତା' ନିକଟରୁ ୬୨ ଗ୍ରାମ ବ୍ରାଉନ ସୁଗାର ଓ ଆପାଚି ମୋଟର ସାଇକେଲ ଜବତ କରାଯାଇଛି । ଜବତ ସାମଗ୍ରୀର ମୂଲ୍ୟ ୭ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଟିମରେ ଏସଆଇ ଅକ୍ଷୟ କୁମାର ଜେନା, ଏଏସଆଇ ଜୟ ପ୍ରକାଶ ବେହୁରିଆ, ଅଜୟ କୁମାର ଜେନା, ଦେବବ୍ରତ ଓଝା, ଶଙ୍କର ସିଂହ, ପୂର୍ଣ୍ଣ ଚନ୍ଦ୍ର ସାହୁ, ମୋନାଲିସା କର, ଦମୟନ୍ତୀ ରଥ ସାମିଲ ହୋଇଥିଲେ।

## ଦହିବରା ବୋଝେଇ ଏକ୍ସଏଲକୁ ଚାପିଦେଲା ଅଟୋ



ହିଞ୍ଜିଳିକାଟୁ: ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ସମ୍ମୁଖରେ ଦହିବରା ବୋଝେଇ ଟିଭିଏସ ଏକ୍ସଏଲ (ଓଡି୩୨ ଜେ ୫୩୮୯)କୁ ଏକ ବ୍ୟାଟେରୀ ଚାଳିତ ମାଲ ପରିବହନକାରୀ ଅଟୋ (ଓଡି୦୭ବିସି ୪୨୨୨) ଧକ୍କା ଦେଇଛି । ଦୁର୍ଘଟଣାରେ ଦହିବରା ବ୍ୟବସାୟ କରୁଥିବା ଯୁବକ ଜଣଙ୍କ ସାମାନ୍ୟ ଆହତ ହୋଇଥିବା ବେଳେ ଗାଡି ସହ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି । ମିଳିଥିବା ସୂଚନା ପ୍ରକାରେ, ପ୍ରତିଦିନ ପରି ଶୁକ୍ରବାର ଯୁବକ ଜଣଙ୍କ ନିଜ ଏକ୍ସଏଲ ଗାଡି ଯୋଗେ ଦହିବରା ବୋଝେଇ କରି ଆସି ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ସମ୍ମୁଖରେ ବ୍ୟବସାୟ କରୁଥିଲେ । ସେହି ସମୟରେ ଏକ ବ୍ୟାଟେରୀ ଚାଳିତ ମାଲ ପରିବହନକାରୀ ଅଟୋ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଦହିବରା ବୋଝେଇ ଟିଭିଏସ ଏକ୍ସଏଲକୁ ଧକ୍କା ଦେଇଥିଲା । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ ।

### ସୁଧୀର ପାତ୍ର ହତ୍ୟା ମାମଲା

## ଗୋପାଳପୁର ପୋଲିସର ସିନ ରିକ୍ରିଏସନ



ବୁଗୁଡ଼ା(ନିପ୍ର): ବହୁ ଚର୍ଚିତ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଆଉ ଦୁଇ ଅଭିଯୁକ୍ତକୁ ବୁଗୁଡ଼ା ନିକଟ କିରିଆମ୍ବା ଜଙ୍ଗଲ ରାମ ପାଦଠାରେ ଦୁଇ ଦିନିଆ ରିମାଣ୍ଡରେ ଆଣି ଘଟଣା ସ୍ଥଳରେ ସିନ ରିକ୍ରିଏସନ କରିଛି ପୁଲିସ । ଗୁଜରାଟର ସରୋଜ ପଣ୍ଡା ଏବଂ ବଡ଼ଗଡ଼ ଥାନା ନୂଆଗାଁର ରଞ୍ଜନ ମଲ୍ଲିକକୁ ଗୋପାଳପୁର ପୁଲିସର ଏକ ଟିମ କୋର୍ଟ ନିର୍ଦ୍ଦେଶ ପ୍ରକାରେ ରିମାଣ୍ଡରେ ଆଣି ଘଟଣା ସ୍ଥଳକୁ ନେଇ ସିନ ରିକ୍ରିଏସନ କରାଇଛି । ପୂର୍ବରୁ ଏହି ଦୁଇ ଜଣ ଅଭିଯୁକ୍ତକୁ ଏନ୍‌କାଉଣ୍ଟର କରି ପୋଲିସ କାବୁ କରିଥିବା ବେଳେ ହତ୍ୟାକାଣ୍ଡ ପଛର ଗୋଟି ଗୋଟି କରି ତଥ୍ୟ ସଂଗ୍ରହ କରିବା ସହ ଘଟଣାରେ ଭିଡିଓ କଲ ପାଇଁ ବ୍ୟବହୃତ ମୋବାଇଲ ଫୋନକୁ ଫୋପାଡ଼ିଥିବା ଜାଗାରେ ଖୋଜାଖୋଜି କରିବା ପରେ ଅଧିକ ତଥ୍ୟ ପାଇଁ ଦୁଇ ଅଭିଯୁକ୍ତକୁ ସୋରଡ଼ା ନିକଟ ଗୋଛା ଜଙ୍ଗଲକୁ ନେଇଥିବା ଜଣାପଡିଛି ।

## ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି ଘଟଣା: ପାଚିକା କାର୍ଯ୍ୟରୁ ଅନ୍ତର

### ସୋମବାର ବସିବ ନୂତନ ନିଯୁକ୍ତି ପାଇଁ ବୈଠକ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଅଚ୍ୟୁତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରି ହେଉଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି । ସ୍କୁଲ ପିଲାଙ୍କ ପାଇଁ ଆସୁଥିବା ଚାଉଳ ଓ ଡାଲି ଆଦି ସାମଗ୍ରୀ ଚୋରି କରି ଦୁଇ ଜଣ ପାଚିକା ରଙ୍ଗେହାତ ଧରାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଏହି ଘଟଣାରେ ସମ୍ପୃକ୍ତ ପାଚିକାମାନଙ୍କ ବିରୋଧରେ ଶୁକ୍ରବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ସୂଚନା ଅନୁଯାୟୀ, ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ସାରିବା ପରେ ଦାୟିତ୍ୱରେ ଥିବା କିଛି ପାଚିକା ବଳକା ଖାଦ୍ୟ ସାମଗ୍ରୀକୁ ଚୋରି କରି ନେଉଥିବା ନେଇ ଦୀର୍ଘ ଦିନ ହେବ ସନ୍ଦେହ ପ୍ରକାଶ ପାଇଥିଲା । ଏହି ସନ୍ଦେହ ଆଧାରରେ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀ ମିଳିତ ଭାବେ ରୋଷେଇ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ରୋଷେଇ ଘର ଭିତରେ ମାଟି ଖୋଳି ପୋତି ରଖାଯାଇଥିବା ଅବସ୍ଥାରେ ପ୍ରଚୁର ପରିମାଣର ଚାଉଳ, ଡାଲି, ତେଲ, ଲୁଣ ଓ ହଳଦୀ ଗୁଣ୍ଡ ଆଦି ସାମଗ୍ରୀ ଜବତ କରାଯାଇଛି । ବିଦ୍ୟାଳୟରେ କାର୍ଯ୍ୟରତ ତିନି ଜଣ ପାଚିକାଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଘଟଣାସ୍ଥଳରେ ଧରାଯାଇଥିବା ବେଳେ ସେମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି । ତେବେ ଏହି ଚୋରି ଘଟଣାର ଅନ୍ୟ ଜଣେ ପାଚିକା ସେଠାରୁ ଫେରାର ହୋଇଯାଇଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାର ସମାଧାନ ପାଇଁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଏକ ଜରୁରୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଭିଭାବକ ଓ ଶିକ୍ଷକ ସଂଘ, ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟ ଜନପ୍ରତିନିଧିମାନେ ଉପସ୍ଥିତ ରହି ଉକ୍ତ ପାଚିକା ମାନଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୂଚନା ଅନୁଯାୟୀ, ମଧ୍ୟାହ୍ନ ଭୋଜନର ସୁପରିଚାଳନା ପାଇଁ ନୂତନ ପାଚିକା ନିଯୁକ୍ତି ନିମନ୍ତେ ଆସନ୍ତା ସୋମବାର ଦିନ ପୁନର୍ବାର ପରିଚାଳନା କମିଟିର ଏକ ବୈଠକ ବସି ପରବର୍ତ୍ତୀ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି ।

### ଓଏଏସ୍ ବରିଷ୍ଠତା ବିବାଦ

# ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା କାର୍ଯ୍ୟକାରିତା ଉପରେ ରୋକ୍



କଟକ(ନିପ୍ର): ଓଡ଼ିଶା ପ୍ରଶାସନିକ ସେବା(ଓଏଏସ) ଗ୍ରୁପ୍-ଏ (ଜେବି) ଅଧିକାରୀଙ୍କ ମଧ୍ୟରେ ବହୁ ଦିନରୁ ଲାଗି ରହିଥିବା ବରିଷ୍ଠତା ବିବାଦ ମାମଲାରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି । କୋର୍ଟ ଏହି ମାମଲାରେ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକା କାର୍ଯ୍ୟକାରୀ କରିବା ଉପରେ ରୋକ୍ ଲଗାଇଛନ୍ତି । ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକାଧିକ ରିଟ୍ ଆବେଦନର ଶୁଣାଣି କରି ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୧୧ ମସିହାରେ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ପରୀକ୍ଷା ମାଧ୍ୟମରେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ ବିଭିନ୍ନ ଆଇନଗତ ବିବାଦ କାରଣରୁ ୨୦୧୬ ମସିହାରେ ନିଯୁକ୍ତି ମିଳିଥିଲା । କିନ୍ତୁ ଏହି ମଧ୍ୟବର୍ତ୍ତୀ ସମୟରେ, ଅର୍ଥାତ୍ ୨୦୧୫ ମସିହାରେ ବିଭାଗୀୟ ପଦୋନ୍ନତି ମାଧ୍ୟମରେ କିଛି ଅଧିକାରୀ ଓଏଏସ୍ (ଗ୍ରୁପ୍-ଏ, ଜେବି) ପଦକୁ ପଦୋନ୍ନତି ପାଇଥିଲେ । ପରବର୍ତ୍ତୀ ସମୟରେ ସିଧାସଳଖ ନିଯୁକ୍ତିପ୍ରାପ୍ତ ଓ ପଦୋନ୍ନତିପ୍ରାପ୍ତ ଅଧିକାରୀଙ୍କ ମଧ୍ୟରେ କାହାକୁ ବରିଷ୍ଠତାରେ ଆଗରେ ରଖାଯିବ, ତାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ସରକାର ପ୍ରକାଶ କରିଥିବା ଚୂଡ଼ାନ୍ତ ଗ୍ରେଡେସନ ତାଲିକାରେ ୨୦୧୬ରେ ନିଯୁକ୍ତି ପାଇଥିବା ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀମାନଙ୍କୁ ୨୦୧୫ରେ ପଦୋନ୍ନତି ପାଇଥିବା ଅଧିକାରୀଙ୍କଠାରୁ ଉପରେ ସ୍ଥାନ ଦିଆଯାଇ ଥିଲା । ଏହାକୁ ପଦୋନ୍ନତି ପ୍ରାପ୍ତ ଅଧିକାରୀ ମାନେ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ । ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଜଣକିଆ ବିଚାରପତି ଗ୍ରେଡେସନ ତାଲିକାକୁ ପୁନଃବିଚାର କରି ପଦୋନ୍ନତିପ୍ରାପ୍ତ ଅଧିକାରୀ ମାନଙ୍କୁ ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀଙ୍କଠାରୁ ଉପରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ସିଧାସଳଖ ନିଯୁକ୍ତିପ୍ରାପ୍ତ ଅଧିକାରୀମାନେ ହାଇକୋର୍ଟରେ ରିଟ୍ ଅପିଲ୍ ଦାଖଲ କରିଛନ୍ତି । ଖଣ୍ଡପୀଠ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ ମୁଖ୍ୟ ପ୍ରଶ୍ନ ହେଉଛି 'ନିଯୁକ୍ତି ବର୍ଷ' (ରିକ୍ରୁଟ୍‌ମେଣ୍ଟ ଇୟର)ର ବ୍ୟାଖ୍ୟା । ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଲେ ଅଧିକାରୀଙ୍କୁ ନିଯୁକ୍ତି ବିଜ୍ଞପ୍ତି ବର୍ଷରୁ କ୍ୟାଡରରେ ଗଣନା କରାଯିବ କି ପ୍ରକୃତ ନିଯୁକ୍ତି ତାରିଖରୁ, ସେହି ପ୍ରସଙ୍ଗର ଆଇନଗତ ବ୍ୟାଖ୍ୟା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଅଦାଲତ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକାର କାର୍ଯ୍ୟକାରିତା ଉପରେ ରୋକ ଲଗାଇଛନ୍ତି । ଏହି ସମୟ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆଯାଇଥାଏ ତାହାର କାର୍ଯ୍ୟକାରିତା ଏହି ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୭ରେ ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି । ଏହି ମାମଲାରେ ଆବେଦନକାରୀ ହେମବନ୍ତୀ ପାତ୍ର, ସିଦ୍ଧାର୍ଥ ଶଙ୍କରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ଓ କର୍ଣ୍ଣଦେବ ସମାଦାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି ।

## ଚୌଦ୍ୱାର ମଣ୍ଡଳ କାରାଗାରରେ ଏଡ୍ସ ଆକ୍ରାନ୍ତ ଚିହ୍ନଟ

### ୫ କଏଦୀ ଏଚଆଇଭି ପଜିଟିଭ

କଟକ(ନିପ୍ର): ଝାରପଡା ଜେଲ୍ ପରେ ଚୌଦ୍ୱାର ମଣ୍ଡଳ କାରାଗାରରେ ଏଡ଼ସ୍ ଆକ୍ରାନ୍ତ ଚିହ୍ନଟ । ୫ ଜଣ କଏଦୀ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥି ମଧ୍ୟରୁ ୨ ଜଣ ସଜା କାଟୁଥିବା ବେଳେ ୩ ଜଣ ବିଚାରାଧୀନ କଏଦୀ ବୋଲି ଜଣାପଡିଛି । ପୂର୍ବରୁ ଝାରପଡ଼ା ଜେଲ୍‌ରେ ୮ ଜଣ କଏଦୀ ଏଚ୍‌ଆଇଭି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ସୂଚନା ଅନୁଯାୟୀ, ଚୌଦ୍ୱାର ମଣ୍ଡଳ କାରାଗାରରେ ଚିହ୍ନଟ ହୋଇଥିବା ଏଚ୍‌ଆଇଭି ଆକ୍ରାନ୍ତ କଏଦୀମାନଙ୍କୁ ଜେଲ୍ ଭିତରେ ଥିବା ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି । ସେଠାରେ ତାଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି । ଜେଲରେ ଥିବା ଜଣେ ଡ଼ାକ୍ତର ଓ ଦୁଇ ଜଣ ଫାର୍ମାସିଷ୍ଟ ନିୟମିତ ଭାବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି । ତେବେ ଏଚଆଇଭି ପଜିଟିଭ ଚିହ୍ନଟ ହେବା ପରେ ଅନ୍ୟ କଏଦୀମାନଙ୍କ ମଧ୍ୟରେ ଭୟର ସଂଚାର ହୋଇଛି କ୍ଷ ଅନ୍ୟ କଏଦୀମାନେ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ଅନ୍ୟମାନଙ୍କ ପାଇଁ କୌଣସି ଅସୁବିଧା ନାହିଁ ବୋଲି ଜେଲ କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଛନ୍ତି ।

## ଆଜି ଦ୍ୱିତୀୟ ଟି-ଟ୍ୱେଣ୍ଟି

# ସାମ୍‌ସନ୍ ଓ ସୂର୍ଯ୍ୟବଂଶୀଙ୍କୁ ନେଇ ଦ୍ୱନ୍ଦ୍ୱରେ ଭାରତ




**ସମ୍ଭାବ୍ୟ ଭାରତୀୟ ଦଳ:**
ସଞ୍ଜୁ ସାମ୍‌ସନ୍/ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରିନ୍ସ ଯାଦବ/ରବି ବିଷ୍ଣୋଇ, ବରୁଣ ଚକ୍ରବର୍ତ୍ତୀ ।

**ସମ୍ଭାବ୍ୟ ଇଂଲଣ୍ଡ ଦଳ:**
ଫିଲ ସଲ୍ଟ, ଜୋସ ବଟଲର (ୱିକେଟରକ୍ଷକ), ହାରି ବ୍ରୁକ୍ (ଅଧିନାୟକ), ଜାକବ ବେଥେଲ, ଟମ୍ ବାଣ୍ଟନ, ୱିଲ ଜ୍ୟାକ୍ସ, ସାମ୍ କରନ, ୱିଲ୍ ଜାକ୍ସ, ଲିଆମ ଡସନ୍, ଲୁକେ ଉଡ୍/ଜୋଫ୍ରା ଆର୍ଚର, ସକିବ ମହମୁଦ, ଆଦିଲ ରସିଦ ।

ନୂଆଦିଲ୍ଲୀ, ୩/୭: ଆୟର୍ଲାଣ୍ଡଠୁ ୦-୨ରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିବା ପରେ ଭାରତୀୟ କ୍ରିକେଟ୍ ଦଳ ସଂପ୍ରତି ଇଂଲଣ୍ଡ ଗସ୍ତରେ ଅଛି । ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଅଧାରୁ ବାତିଲ ହୋଇଯାଇଥିଲା । ଡରହାମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଅଭିଷେକ ଶର୍ମା ଓ ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୧୮୯/୭ କରିଥିଲା । ଶନିବାର ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ମାଞ୍ଚେଷ୍ଟରରେ ଖେଳାଯିବ । ଭାରତ ଏହି ମ୍ୟାଚ୍‌ରେ ଚୂଡ଼ାନ୍ତ ଏକାଦଶକୁ ନେଇ ଏବେ ଦ୍ୱନ୍ଦ୍ୱରେ ରହିଛି । ଏହି ୟୁକେ ଗସ୍ତର ୩ଟି ଯାକ ମ୍ୟାଚ୍‌ରେ ସଞ୍ଜୁ ସାମ୍‌ସନ୍ ବିଫଳ ହୋଇଛନ୍ତି । ଅନ୍ୟପଟେ ଆଇପିଏଲ୍‌ରେ ଚମତ୍କାରିତା ଦେଖାଇଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିନି । ତେଣୁ ସାମ୍‌ସନ୍ କି ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେବ ଭାରତ ଚିନ୍ତାରେ ରହିଛି । ପ୍ରତିଭାଶାଳୀ ତିଳକ ବର୍ମା ମଧ୍ୟ ମଧ୍ୟଭାଗରେ ସେପରି କିଛି କରି ପାରୁନାହାନ୍ତି । ଚଳିତ ବର୍ଷ ୧୨ ଟ୍ୱେଣ୍ଟି-୨୦ ଖେଳିଥିଲା ବେଳେ ମାତ୍ର ୧୨ ଛକା ମାରି ପାରିଛନ୍ତି । ତେବେ ଶିବମ ଦୁବେ ଗତ ମ୍ୟାଚ୍‌ରେ ବିସ୍ଫୋରକ ପାଳି ଖେଳି ଫର୍ମ ଫେରିବାର ସଙ୍କେତ ଦେଇଛନ୍ତି । ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଟ୍ରାକ୍ ଗ୍ରିପ୍ ଓ ରିଷ୍ଟ ସ୍ପିନରଙ୍କୁ ସୁହାଇବ । ତେଣୁ ଭାରତୀୟ ସ୍ପିନ୍ ବୋଲିଂ ବାହିନୀରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ପ୍ରାୟ ନାହିଁ । ଅନ୍ୟପକ୍ଷରେ ଇଂଲଣ୍ଡର ବ୍ୟାଟିଂ ଲାଇନ୍ ଅତି ଚମତ୍କାର ରହିଛି । ଭାରତୀୟ ବୋଲିଂକୁ ସାମ୍ନା କରିବାକୁ ଅଧିନାୟକ ହ୍ୟାରି ବ୍ରୁକ୍, ଫିଲ୍ ସଲ୍ଟ ଓ ଟମ୍ ବାଣ୍ଟନ ରହିଛନ୍ତି । ଗତ ମ୍ୟାଚ୍‌ରେ ବିଶ୍ରାମ ନେଇଥିବା ଜୋଫ୍ରା ଅର୍ଚରଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ଖେଳାଇବାକୁ ଦଳ ଚିନ୍ତା କରିଛି ।

## ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମୀକ୍ଷା

ପୁରୀ, ୩/୭(ନିପ୍ର): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ । ପୁରୀ ମହାନଗର ନିଗମ ବହୁ ପୂର୍ବରୁ ଚଳିତ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ସମସ୍ତଙ୍କ ସହଯୋଗ ଓ ସମ୍ମିଳିତ ଭାବେ କାର୍ଯ୍ୟକରି, ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରାକୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ । ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅପରାହ୍ଣରେ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଥିଲା ।ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ । ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା, ଶୌଚାଳୟ ବ୍ୟବସ୍ଥା କରିବା, ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ସହରର ସମସ୍ତ ନଳାକୁ ସଫା କରାଯାଇଛି ।ବଡଦାଣ୍ଡ ର ଉଭୟ ପାର୍ଶ୍ୱ ଡ୍ରେନ ଗୁଡିକ ଜାଗୃତି ଓ୍ୱେଲଫେୟାର ସଂସ୍ଥା ଦ୍ୱାରା ସଫା ସରିଛି ।୨୪ ଗୋଟି ପାର୍କିଂ ସ୍ଥଳ ପାଇଁ ବ୍ୟବସ୍ଥା କରାଯାଇଛି,ସହରର ସମସ୍ତ ସାହି,ଗଳି ରାସ୍ତା ମରାମତି କାମ ଓ ପଟ ହୋଲ ମରାମତି କାମ ସମ୍ପୂର୍ଣ୍ଣ ହୋଇଛି, ବୁଲା ଗାଈଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ କାଞ୍ଜିଆହୁଦା ର ବ୍ୟବସ୍ଥା କରାଯାଇଛି,ବର୍ଷା କୁ ଆଖି ଆଗରେ ରଖି ୩୦ ଟି ଖାଲୁଆ ଅଞ୍ଚଳ ଚିହ୍ନଟ କରାଯାଇ ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ସେଟ ରଖାଯାଇଛି, ଏନଫୋର୍ସମେଣ୍ଟ କାର୍ଯ୍ୟ ନିୟମିତ କରାଯାଇଉଛି । ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକମାନଙ୍କୁ ସଚେତନ କରାଯିବ । କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ ବୋଲି ସ୍ଥିର ହୋଇଛି । ଚଳିତ ରଥଯାତ୍ରା ରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ । ଶୁଖିଲା ଖାଦ୍ୟ ବଣ୍ଟା ଯାଇ ପାରିବ ।ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକଙ୍କୁ ସୂଚିତ କରାଯିବ ବୋଲି ସ୍ଥିର ହୋଇଛି । ସମୀକ୍ଷା ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ,ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ମହାନଗର ନିଗମର ଅଧିକାରୀମାନେ ଯୋଗ ଦେଇଥିଲେ ।

## କୃଷି ବିଭାଗ ପକ୍ଷରୁ ୪ ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୩/୭(ନିପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୪ଟି ନିଗମ, ଓଡ଼ିଶା କୃଷି ଶିଳ୍ପ ନିଗମ (ଓଏଆଇସି), ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ (ଆପିକଲ), ଓଡ଼ିଶା ରାଜ୍ୟ ବିହନ ନିଗମ (ଓଏସଏସସି) ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ (ଓଏସସିଡିସିଏଲ) ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ବିଭାଗ ସହ ସମନ୍ୱୟ ରକ୍ଷା କରି ଏକାଠି କାମ କରିବା ପାଇଁ ନିଗମଗୁଡିକୁ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଏବଂ ନିଗମଗୁଡ଼ିକର ଅଧ୍ୟକ୍ଷ ସଚିନ ରାମଚନ୍ଦ୍ର ଜାଧବଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ବୁଝାମଣା ପତ୍ର ଗୁଡ଼ିକରେ ନିଗମଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଏବଂ କୃଷି ବିଭାଗର ପ୍ରତିନିଧି ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ନିଗମ ଗୁଡିକର ପୂର୍ବ ବର୍ଷଗୁଡିକର ସଫଳତା ଏବଂ ଆଗାମୀ ଟାର୍ଗେଟ୍ ନେଇ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି । ଚୁକ୍ତିନାମା ଅନୁଯାୟୀ, ଚଳିତ ବର୍ଷ ଓଏଆଇସି ପକ୍ଷରୁ ୫୪,୦୦୦ ଟନ୍ ସାର, ୮,୪୦୦ ଟ୍ରାକ୍ଟର, ୧,୨୦୦ ପାୱାର୍ ଟିଲର୍ ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ମଙ୍ଗଳାଙ୍କ ପୀଠରେ ଆଧ୍ୟାତ୍ମିକ ମହୋତ୍ସବ

**କାକଟପୁର,୩।୭(ନିପ୍ର):** କାକଟପୁରସ୍ଥିତ ଅଧିଷ୍ଠାତ୍ରୀ ଦେବୀ 'ମା' ମଙ୍ଗଳା ବେଢ଼ା ପ୍ରାଙ୍ଗଣରେ ବୈକୁଣ୍ଠ ନାଥ ପ୍ରଚାର ପ୍ରସାର ସମିତି ଆନୁକୂଲ୍ୟରେ ଆୟୋଜିତ ପବିତ୍ର ଶ୍ରୀମଦ୍ ଭାଗବତ ସପ୍ତାହ ଓ ଗୀତା ଜ୍ଞାନଯଜ୍ଞର ଆଜି ଥିଲା ତୃତୀୟ ସନ୍ଧ୍ୟା । ଆଧ୍ୟାତ୍ମିକ ପ୍ରବଚକ ବାବା ସତ୍ୟାନନ୍ଦ ବାବାଙ୍କ ଦ୍ୱାରା ଭଗବାନ ଶ୍ରୀକୃଷ୍ଣଙ୍କ ବିଭିନ୍ନ ମହିମା ଏବଂ ଶ୍ରୀମଦ୍ ଭାଗବତର ଗୂଢ଼ ରହସ୍ୟ ସମ୍ପର୍କରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଉଛି । ଶ୍ରୀକୃଷ୍ଣଙ୍କ ଲୀଳା, ଦିବ୍ୟ ଗ୍ରନ୍ଥ ଭାଗବତର ପ୍ରେତ୍ୟକ ସ୍କନ୍ଦକୁ ବାବା ସତ୍ୟାନନ୍ଦ ଉପାଖ୍ୟାନ ମାଧ୍ୟମରେ ବ୍ୟାଖ୍ୟା କରିବାବେଳେ ଉପସ୍ଥିତ ଭଗବତପ୍ରେମୀ ଓ ଶ୍ରଦ୍ଧାଳୁ ବିଭୋର ହୋଇ ଶୁଣୁଥିବା ଦେଖିବାକୁ ମିଳୁଛି । ରାତ୍ରିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ରସାମୃତର ଭାବବିହ୍ୱଳ ପରିବେଶରେ ମନ୍ଦିର ବେଢ଼ା ପ୍ରକମ୍ପିତ ହେଉଛି । କାର୍ଯ୍ୟକ୍ରମ ଶେଷରେ ମହାଆଳତି ପରେ ଅୟୋଜକ କମିଟି ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।

## ତହସିଲଦାରଙ୍କ ବିରୋଧରେ ଅଭିଯୋଗ

**ନବରଙ୍ଗପୁର, ୩/୭(ନିପ୍ର):** ଝରୀଗାଁ ତହସିଲଦାରଙ୍କ ବିରୋଧରେ ଥାନରେ ଲିଖିତ ଅଭିଯୋଗ ଦେଇଛନ୍ତି ଜନଜାତି ସୁରକ୍ଷା ମଞ୍ଚର ମାଝୀ ଏବଂ ପୂଜାରୀ ପରିବାର । ସୂଚନା ପ୍ରକାରେ ଝରୀଗାଁ ତହସିଲ ଅଧିନ କାନାକୋଟି ପଞ୍ଚାୟତ ଅନ୍ତର୍ଗତ ବୁଆଲିବେଡା ଗ୍ରାମର ଜମିଜମା ସମ୍ବନ୍ଧୀୟ ଓଡିଶା ହାଇକୋର୍ଟଙ୍କ ଅର୍ଡ଼ର ଏବଂ ଦରଖାସ୍ତ ନେଇ ଉଭୟ ମାଝୀ ପରିବାର ଏବଂ ପୂଜାର ପରିବାର ତରଫରୁ ନୁରେନ ମାଝୀ ଏବଂ ବୁଦୁରୁ ପୂଜାରୀ ତାଙ୍କ ସହଯୋଗୀମାନଙ୍କ ସହ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ । କିନ୍ତୁ ତହସିଲଦାର ତାଙ୍କ ଆପ୍ଲିକେସନେ ଏବଂ କର୍ଟଅଡ଼ରକୁ ଦେଖିବା ପରେ ଫୋପାଡି ଦେଇଥିବା ଏବଂ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିବା ଅଭିଯୋଗ ଆଣି ଉଭୟ ପରିବାର ଥାନାରେ ଏକ ଲିଖିତପତ୍ର ଦାଖଲ କରିଛନ୍ତି ।

## ଲଘୁଚାପ :୨ ଦିନରେ ହୋଇପାରେ ଅଧିକ ଘନୀଭୂତ !

ଭୁବନେଶ୍ୱର, ୩।୭(ନିପ୍ର) ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତ୍ତୀ ଉତ୍ତର ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳ ଉପରେ ଥିବା ଲଘୁଚାପ କ୍ଷେତ୍ର ଏବେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଖାପାଖି ଅଞ୍ଚଳ ଉପରେ ରହିଛି । ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ୭.୬ କି.ମି. ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଦକ୍ଷିଣ-ପଶ୍ଚିମ ଦିଗକୁ ଉଚ୍ଚତା ସହିତ ଢଳି ରହିଛି । ଆଗାମୀ ୨ ଦିନ ମଧ୍ୟରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।ଲଘୁଚାପ ଆଗାମୀ ୨ ଦିନ ମଧ୍ୟରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି ।

## ସ୍କୁଲ ଖୋଲିବା ପାଇଁ ଲୋଡ଼ା ପଡ଼ିବନି: ଏସେନ୍ସିଆଲିଟି ସାର୍ଟିଫିକେଟ

ଭୁବନେଶ୍ୱର,୩।୭(ନିପ୍ର): ଓଡ଼ିଶାରେ ଘରୋଇ ବିଦ୍ୟାଳୟ ଖୋଲିବା ନିୟମରେ ବଡ଼ ପରିବର୍ତ୍ତନ ଅଣାଯାଇଛି । ଏଣିକି ସ୍କୁଲ ଖୋଲିବା ପାଇଁ ଆଉ ଦରକାର ପଡ଼ିବ ନାହିଁ 'ଏସେନ୍ସିଆଲିଟି ସାର୍ଟିଫିକେଟ' । ସ୍କୁଲ ଓ ଗଣଶିକ୍ଷା ବିଭାଗ ଜାରି କରିଛି ନୂଆ ନିର୍ଦ୍ଦେଶାବଳୀ । ହେଲେ ନିୟମ ସରଳ ହୋଇଥିଲେ ମଧ୍ୟ ମାନଦଣ୍ଡରେ କୌଣସି କୋହଳ ନାହିଁ । ସରକାରଙ୍କ ଓପନିଂ ପରମିସନ, ସ୍ୱୀକୃତି ପ୍ରମାଣପତ୍ର, ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ଆରଟିଇ ନିୟମ ପାଳନ ଏବେ ବି ବାଧ୍ୟତାମୂଳକ ରହିବ ।

## ଜୁଲାଇ ୭ରେ ମେଗା ନିଯୁକ୍ତି ମେଳା : ବିଭିନ୍ନ ବେସରକାରୀ ସଂସ୍ଥାରେ ରୋଜଗାରର ସୁଯୋଗ

ଝାରସୁଗୁଡ଼ା, ୩/୭: ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ଆସନ୍ତା ୭ ଜୁଲାଇ (ମଙ୍ଗଳବାର) ସକାଳ ୧୦ଟା ୩୦ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଡିଏମଏଫ୍ ଅଡିଟୋରିୟମ୍ ଠାରେ ଏକ ମେଗା ଜବ୍ ଡ୍ରାଇଭ୍ (ନିଯୁକ୍ତି ମେଳା) ଆୟୋଜିତ ହେବ । ଏହି ନିଯୁକ୍ତି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ଅଂଶଗ୍ରହଣ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତିର ସୁଯୋଗ ପ୍ରଦାନ କରିବେ । ଏହି ନିଯୁକ୍ତି ଅଭିଯାନରେ ଏଲ୍ ଆଣ୍ଡ ଟି ଫାଇନାନ୍ସ, ବ୍ଲୁ ଡାର୍ଟ, ଡିଗାଲ ସଲ୍ୟୁସନ ପ୍ରମୁଖ ସଂସ୍ଥା ଅଂଶଗ୍ରହଣ କରିବେ । ଏଥିରେ ଫିଲ୍ଡ ଅଫିସର, ପିକ୍-ଅପ୍ ଓ ଡେଲିଭରି କର୍ମଚାରୀ, ସିକ୍ୟୁରିଟି ଗାର୍ଡ ସମେତ ବିଭିନ୍ନ ପଦବୀରେ ନିଯୁକ୍ତି କରାଯିବ । ପଦବୀ ଅନୁଯାୟୀ ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା ଏବଂ ବେତନ ନିର୍ଦ୍ଧାରଣ କରାଯାଇଛି । ଆଗ୍ରହୀ ପ୍ରାର୍ଥୀମାନେ ନିଜର ବାୟୋଡାଟା, ଆଧାର କାର୍ଡ, ଶିକ୍ଷାଗତ ପ୍ରମାଣପତ୍ର, ପାସପୋର୍ଟ ସାଇଜ ଫଟୋ ସହ ଆବଶ୍ୟକ ଦଲିଲପତ୍ର ନେଇ ନିର୍ଦ୍ଧାରିତ ସମୟରେ ଉକ୍ତ ନିଯୁକ୍ତି ମେଳାରେ ଉପସ୍ଥିତ ରହିବେ ।

## ୧୦ ଆଇଏଏସ୍ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ



ଭୁବନେଶ୍ୱର, ୩/୭(ନିପ୍ର): ଓଡ଼ିଶାର ୧୦ ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ 'ଭୋଟର ତାଲିକା ପର୍ଯ୍ୟବେକ୍ଷକ' ଭାବେ ନିଯୁକ୍ତ କରାଯାଇଛି । ଏହି ସଂଶୋଧନ ପ୍ରକ୍ରିୟା ପାଇଁ ୦୧.୦୭.୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ-ତଥା-ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜେଶ ପ୍ରଭାକର ପାଟିଲ,(କମିଶନର ତଥା ସମବାୟ ବିଭାଗ ସଚିବ)ଙ୍କୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାର ପର୍ଯ୍ୟବେକ୍ଷକ, ଅରବିନ୍ଦ ଅଗ୍ରୱାଲ (କମିଶନର ତଥା ଉଚ୍ଚଶିକ୍ଷା ବିଭାଗ ସଚିବ)ଙ୍କୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ, ବଳବନ୍ତ ସିଂହ (କମିଶନର ତଥା ପର୍ଯ୍ୟଟନ ବିଭାଗ ସଚିବ) ଙ୍କୁ କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ବି. ପରମେଶ୍ୱରନ (କମିଶନର ତଥା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ସଚିବ)ଙ୍କୁ ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ,ଡ. ବିଜୟ କେତନ ଉପାଧ୍ୟାୟ(ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ)ଙ୍କୁ ଦେବଗଡ଼, ସମ୍ବଲପୁର, ବରଗଡ଼, ଡି. ପ୍ରସନ୍ନ କୁମାର ରେଡ୍ଡୀ (ପ୍ରବନ୍ଧ ନିର୍ଦ୍ଦେଶକ, ଇଡକୋ)ଙ୍କୁ ଗଞ୍ଜାମ, ଗଜପତି, ରାୟଗଡ଼ା, ସୁଧାଂଶୁ ମୋହନ ସାମଲ(ଆରଡିସି, କେନ୍ଦ୍ରାଂଚଳ)ଙ୍କୁ କଟକ, ଢେଙ୍କାନାଳ, ଅନୁଗୋଳ, ରଶ୍ମିତା ପଣ୍ଡା(କମିଶନର ତଥା ଏମଏସଏମଇ ବିଭାଗ ସଚିବ) ଙ୍କୁ ପୁରୀ, ଖୋରଧା ,ନୟାଗଡ଼, ଭୁବନେଶ୍ୱର,ମହମ୍ମଦ ସାଦିକ ଆଲମ (କମିଶନର ତଥା ସାଧାରଣ ଉଦ୍ୟୋଗ ବିଭାଗ ସଚିବ)ଙ୍କୁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ସଂଗ୍ରାମ କେଶରୀ ମହାପାତ୍ର (ଆରଡିସି, ଉତରାଞ୍ଚଳ/ଦକ୍ଷିଣାଂଚଳ)ଙ୍କୁ କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ।

## ଓପିଏଚଡବ୍ଲୁସି ପକ୍ଷରୁ ୨୧.୨୮ କୋଟି ଟଙ୍କାର ଲାଭାଂଶ ପ୍ରଦାନ

ଭୁବନେଶ୍ୱର, ୩ /୭(ନିପ୍ର): ଗୃହ ବିଭାଗ, ଓଡ଼ିଶା ସରକାର ଅଧୀନସ୍ଥ ରାଜ୍ୟ ସରକାରୀ ଉଦ୍ୟୋଗ, ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ (ଓପିଏଚଡବ୍ଲୁସି) ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଓଡ଼ିଶା ସରକାରଙ୍କୁ ୨୧.୨୮ କୋଟି ଟଙ୍କା ଲାଭାଂଶ ପ୍ରଦାନ କରାଯାଇଛି । ଶୁକ୍ରବାର ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମର ଅଧ୍ୟକ୍ଷ-ଏବଂ-ପରିଚାଳନା ନିର୍ଦ୍ଦେଶକ, ସୌମ୍ୟେନ୍ଦ୍ର କୁମାର ପ୍ରିୟଦର୍ଶୀ, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଲାଭାଂଶର ଚେକ୍ ପ୍ରଦାନ କରିଥିଲେ । ଏହି ଅବସରରେ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରାଧା କିଶନ୍ ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଆର୍ଥିକ ବର୍ଷ ୨୦୨୫-୨୬ରେ ନିଗମ ପ୍ରାୟ ୧,୫୨୦ କୋଟି ଟଙ୍କାର କାରବାର କରିଥିବା ବେଳେ, ଏହା ପୂର୍ବ ବର୍ଷର ୧,୩୬୬ କୋଟି ଟଙ୍କା କାରବାର ତୁଳନାରେ ପ୍ରାୟ ୧୧ ଶତକଡା ବୃଦ୍ଧି ଯାହାକି ନିଗମର ଇତିହାସରେ ସର୍ବାଧିକ କାରବାର ।ଏକ ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସରକାରୀ ଉଦ୍ୟୋଗ ଭାବେ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଏବଂ କଲ୍ୟାଣ ନିଗମ ନିଜସ୍ୱ ସମ୍ବଳରେ ସମସ୍ତ ଆର୍ଥିକ ଦାୟିତ୍ୱ ସମାପନ କରିବା ସହିତ ଆର୍ଥିକ ବର୍ଷ ୨୦୧୪-୧୫ ଠାରୁ ନିୟମିତ ଭାବେ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରିଆସୁଛି । ଚଳିତ ବର୍ଷର ଲାଭାଂଶ ସହିତ ରାଜ୍ୟ ସରକାରଙ୍କୁ ନିଗମ ମୋଟ ଲାଭାଂଶ ପ୍ରଦାନ ୮୬.୦୫ କୋଟି ଟଙ୍କାରେ ପହଞ୍ଚିଛି ।

## ୩୦୦ ଶଯ୍ୟା ବିଶିଷ୍ଟ ଗ୍ରୀନଫିଲଡ଼ି ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ

ଭୁବନେଶ୍ୱର,୩।୭: ଫୋର୍ଟିସ୍ ହେଲ୍ଥକେୟାର ଲିମିଟେଡ୍ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, କଟକର ତ୍ରିଶୁଳିଆର ଡିଅନ୍ ରିଭରସାଇଡ୍ ଟାଉନସିପ୍‌ରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ଗ୍ରୀନଫିଲଡ୍ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ୍ ବିକାଶ ପାଇଁ ଫୋର୍ଟିସ୍ ହେଲ୍ଥକେୟାର ଲିମିଟେଡ୍ ଓଡ଼ିଶା ସ୍ଥିତ ଡିଅନ୍ ଗ୍ରୁପ୍ ସହିତ ଏକ ଅପରେସନ୍ସ ଆଣ୍ଡ୍ ମ୍ୟାନେଜମେଣ୍ଟ ଚୁକ୍ତିନାମା ସ୍ୱାକ୍ଷର କରିଛି । ଦ୍ରୁତ ଗତିରେ ବିକାଶଶୀଳ କଟକ-ଭୁବନେଶ୍ୱର କରିଡର ପାର୍ଶ୍ୱରେ ରଣନୈତିକ ଭାବରେ ଅବସ୍ଥିତ ଏହି ପ୍ରସ୍ତାବିତ ହସ୍ପିଟାଲ୍ ଉନ୍ନତ ଚିକିତ୍ସା ଏବଂ ବିଶେଷଜ୍ଞ କ୍ଲିନିକାଲ୍ ସେବା ପ୍ରଦାନ କରି ଓଡ଼ିଶା ଏବଂ ପଡ଼ୋଶୀ ଅଞ୍ଚଳ ପାଇଁ ଏକ ପ୍ରମୁଖ ତୃତୀୟକାଳୀନ ଚିକିତ୍ସା ଗନ୍ତବ୍ୟସ୍ଥଳ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି ।

## ୬ରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ପୁରୀ, ୩/୭(ନିପ୍ର): ଆସନ୍ତା ୬ ତାରିଖରେ ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ୬ ତାରିଖ ପୂର୍ବାହ୍ଣ ୧୦ଟା ୧୫ ମିନିଟ୍ ରେ ମୁଖ୍ୟମନ୍ତ୍ରୀ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା କରିବେ । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ପାଇଁ ହୋଇଥିବା ବ୍ୟବସ୍ଥାର ସମୀକ୍ଷା କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି ।

## ପୌର ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ହିଞ୍ଜିଳିକାଟୁ,୩/୭(ନିପ୍ର):** ସହରରେ ବେଆଇନ ଜବର ଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ଗୁରୁତର ହୋଇଛି । ବିଭିନ୍ନ ସମୟରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି । ସମସ୍ୟା ପ୍ରତି ସମସ୍ତେ ସଚେତନ ଥିଲେ ମଧ୍ୟ ଏହା ଉପରେ ଜବର ଦଖଲକାରୀଙ୍କ କୌଣସି ନିଘା ନାହିଁ । ଗତ ଦୁଇ ଦିନ ତଳେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୌର ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶୁକ୍ରବାର ପୌର ପ୍ରସାଶନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଦକ୍ଷିଣ ବ୍ଲକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଆବଣ୍ଟିତ ହୋଇଥିବା ବ୍ୟବସାୟିକ ଦୋକାନ ଗୃହ ସମ୍ମୁଖରେ ହୋଇଥିବା ଜବର ଦଖଲକୁ ହଟାଇ ଦିଆଯାଇଛି । ପୌର ପରିଷଦ ପକ୍ଷରୁ ଆବଣ୍ଟିତ ହୋଇଥିବା ବ୍ୟବସାୟିକ ଦୋକାନ ଗୁଡିକର ନିର୍ଦ୍ଦିଷ୍ଟ ପରିସୀମା ପରେ ଏବଂ ଡ୍ରେନ ଅତିକ୍ରମ କରି ବ୍ୟବସାୟୀ ମାନେ ଜବର ଦଖଲ କରି ବ୍ୟବସାୟ ଚଳାଇ ଆସୁଥିଲେ । ଏହାକୁ ଦୃଷ୍ଟିରେ ରଖି ପୌର ପରିଷଦ ପାଇଁ ତାଲିମରେ ଯୋଗ ଦେଇଥିବା ପ୍ରୋବେସନ ଆଇଏଏସ ସରାନ୍ୟା ଏସଙ୍କ ଉପସ୍ଥିତିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, କନିଷ୍ଠ ସ୍ୱଚ୍ଛତା ଅଧିକାରୀ ସମୀର ମହାନ୍ତି ଓ ପୁଲିସ ପ୍ରଶାସନ ଦକ୍ଷିଣ ବ୍ଲକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଜବର ଦଖଲ କରିଥିବା ବ୍ୟବସାୟୀଙ୍କ ଉପକରଣ ଗୁଡିକୁ ହଟାଇ ଦିଆଯାଇଛି । ଡ୍ରେନକୁ ଅତିକ୍ରମ ନ କରି ଦୋକାନ ଗୃହର ସୀମିତ ଜାଗାରେ ବ୍ୟବସାୟ କରିବା ନିମନ୍ତେ ବ୍ୟସାୟୀଙ୍କୁ ପରାମର୍ଶ ଦିଆଯାଇଛି । ଏହା ବ୍ୟତୀତ ବସଷ୍ଟାଣ୍ଡ ପରିସରରେ ଜାଗା ଅକ୍ତିଆର କରି ବିକ୍ରି କରୁଥିବା ଛୋଟ ବ୍ୟବସାୟୀଙ୍କୁ ମଧ୍ୟ ଉଚ୍ଛେଦ କରାଯାଇଛି ।

# ଶବକୁ ଶ୍ମଶାନ ମନା: ମିଳିଲା ନାହିଁ ସମ୍ମାନ



**ରାୟଗଡା, ୩/୭(ନିପ୍ର):** ଶବକୁ ମିଳିଲା ନାହିଁ ସମ୍ମାନ । ହିନ୍ଦୁରୁ ଅନ୍ୟ ଏକ ସଂଖ୍ୟା ଲଘୁ ପରିବର୍ତ୍ତନ କଲେ ବୋଲି ଜଣେ ଆଦିବାସୀ ବୃଦ୍ଧଙ୍କ ଶବ ଦୀର୍ଘ ୨୬ଘଣ୍ଟା ଧରି ଘରେ ପଡିରହିଲା । ଏଭଳି ଅଭାବନୀୟ ଘଟଣା ରାୟଗଡା ସଦର ବ୍ଲକ ଗାଜିଗାଁରେ ଦେଖିବାକୁ ମିଳିଛି । ଗ୍ରାମର ବୃଦ୍ଧ ଦାମ ଜାକାକା ବାର୍ଦ୍ଧକ୍ୟ ଜନିତ କାରଣରୁ ଗତକାଲି ସକାଳ ୮ଟା ବେଳେ ମତ୍ୟୁବରଣ କରିଥିଲେ । ତେବେ ଗ୍ରାମବାସୀ ନିଜ ଶ୍ମଶାନ ରେ କବର ନଦେଇ ଅନ୍ୟ ସ୍ଥାନକୁ ଶବ ନେବାକୁ କହିଥିଲେ । କିନ୍ତୁ ମୃତକଙ୍କ ପରିବାର ଲୋକେ ଗାଁ ମଶାଣିରେ କବର ଦେବାକୁ ଅଡିବସିଥିଲେ । ଯାହାକୁ ନେଇ ଗାଁରେ ବିବାଦ ହେବା ପରେ ୩୫ଘଣ୍ଟା ପରେ ଶବକୁ ଅନ୍ୟତ୍ର କବର ଦିଆଯାଇଥିଲା । ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି । ଶବକୁ ନେଇ ପରିବାର ଲୋକେ ହିନସ୍ତା । ଗାଁରେ ରହି ମଧ୍ୟ ମିଳିଲାନି ଶ୍ମଶାନ । ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ଶବକୁ ଶ୍ମଶାନ ମନା । ୨୬ଘଣ୍ଟା ଧରି ଘରେ ପଡିରହିଲା ଶବ । ଏଭଳି ଅଭାବନୀୟ ଘଟଣା ରାୟଗଡା ସଦର ବ୍ଲକ ଗାଜିଗାଁରେ ଦେଖିବାକୁ ମିଳିଛି । ଗ୍ରାମର ଆଦିବାସୀ ବୃଦ୍ଧ ଦାମ ଜାକାକା ବୟସାଧିକ କାରଣରୁ ଦୀର୍ଘ ଦିନ ହେବ ଶଯ୍ୟାଶାୟୀ ହୋଇପଡିଥିଲେ । ତେବେ ଗତକାଲି ସକାଳ ୮ଟା ସମୟରେ ସେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ପରେ ଆରମ୍ଭ ହୋଇଥିଲା ଟାହିଟାପରା । ଅନ୍ୟଧର୍ମ ଗ୍ରହଣ କରିଥିବା ହେତୁ ଲୋକେ ଗାଁ ଶ୍ମଶାନରେ ତାଙ୍କ କବର ଦେବାକୁ ମନା କରିଥିଲେ । ମୃତ ପରିବାର ଲୋକେ ଗ୍ରାମବାସୀଙ୍କୁ କାକୁତିମିନତି କରିଥିଲେ ହେଁ ଶ୍ମଶାନ ରେ ଜାଗା ମିଳିନଥିଲା । ଗାଁ ବୈଠକ ପରେ ଶବକୁ ଅନ୍ୟତ୍ର ସ୍ଥାନରେ କବର ଦେବା ପାଇଁ ଲୋକେ ପରାମର୍ଶ ଦେଇଥିଲେ ହେଁ କବର ଦେବା ପାଇଁ ସ୍ଥାନ ମିଳିନଥିଲା । ଗତକାଲି ଠାରୁ ଶବ ଗ୍ରାମରେ ରହିଥିବା ବେଳେ ୨୬ଘଣ୍ଟା ଧରି କାହା ଘରେ ଚୁଲି ଲାଗିନି । ଫଳରେ ଗ୍ରାମବାସୀ କାଲିଠାରୁ ଉପବାସରେ ରହିଛନ୍ତି । ଗାଁରେ ଏବେ ଏକ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । -ପୂର୍ବରୁ ମୃତ ଦାମଙ୍କ ପରିବାର ହିନ୍ଦୁ ଧର୍ମର ଥିଲେ । ହେଲେ ଗତ ୫ବର୍ଷ ତଳେ ତାଙ୍କ ପରିବାର ଲୋକେ ଧର୍ମ ପରିବର୍ତ୍ତନ କରି ଭିନ୍ନ ଧର୍ମରେ ସାମିଲ ହୋଇଥିଲେ । ଉକ୍ତ ଦିନ ଠାରୁ ହିଁ ଗାଜିଗାଁରେ ଏକ ପ୍ରକାର ମତଭେଦ ଆରମ୍ଭ ହୋଇଥିଲା । ତେବେ ଅନ୍ୟ ସ୍ଥାନରେ କବର ଦେବା ପାଇଁ ଲୋକେ ମୃତକଙ୍କ ପରିବାରକୁ ବୁଝାଇଥିଲେ ସୁଦ୍ଧା ସେମାନେ ଶୁଣିନଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଘଟଣା ଗଣମାଧ୍ୟମରେ ପ୍ରାକାଶ ପାଇବା ପରେ ମଧ୍ୟ ଲୋକଙ୍କୁ ସଚେତନତା ପାଇଁ ପ୍ରଶାସନ ପହଞ୍ଚି ନାହିଁ । ତେବେ କିଛି ଗଣମାଧ୍ୟମର ପ୍ରତିନିଧି ମୃତ ଦାମ ଜାକାକାଙ୍କ ପରିବାକୁ ବୁଝାଇବାରୁ ଗାଁରୁ ଶବ ଉଠିଥିବା ବେଳେ ନିଜ ଜମିରେ ଶବକୁ କବର ଦିଆଯାଇଥିଲା । ଏ ବିଷୟରେ ଦାମଙ୍କ ପୁଅ ସୁନ୍ଦରରାଓ ଯାକକାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବାପା ଦୀର୍ଘଦିନ ହେଲା ପୀଡ଼ିତ ଆଉ ସେ ଶଯ୍ୟାଶାଇ ଥିଲେ । ସେ ସକାଳ ୮ ଟା ସମୟରେ ଦେହ ତ୍ୟାଗ କରିଥିଲେ । ବାପାଙ୍କ ଦେହାନ୍ତ ପରେ ଆମେ ବହୁତ ଦୁଃଖିତ । ସାରା ପରିବାର ଦୁଃଖରେ ଭାଙ୍ଗି ପଡ଼ିଛୁ । ଗାଁ ଲୋକେ ସହାନୁଭୂତି ତ ଜଣାଇବା କଥା, କିନ୍ତୁ ସହଯୋଗ ମଧ୍ୟ କରିବା ପାଇଁ ନାରାଜ । ଆମେ କଣ କରିବୁ ଭାବି ପାରୁନୁ । ଧର୍ମ ପରିବର୍ତ୍ତନକୁ ନେଇ ଏପରି ଅବସ୍ଥା ଉପୁଜିଛି । ଏ ବିଷୟକୁ ନେଇ ସରପଞ୍ଚ ରଞ୍ଜିତ ହୁଇକା କହିଲେ ଯେ, ଗ୍ରାମ ବାସିନ୍ଦା ଶବକୁ ଅନ୍ୟତ୍ର ନେଇ ସଂସ୍କାର ବା କବର ଦେବାକୁ କହୁଛନ୍ତି, କିନ୍ତୁ ପରିବାର ଲୋକେ ଓ ସମ୍ପର୍କୀୟ ଗାଁ ଶ୍ମଶାନରେ ହିଁ କରିବୁ ବୋଲି ଜିଦ ଧରି ଆଡିବସିଛନ୍ତି । ଆମେ କିଛି ଗୋଟେ ସମାଧାନର ବାଟ ବାହାର କରିବା ପାଇଁ ପ୍ରୟାସ ଜାରୀ ରଖିଛୁ,ତାପରେ କିଛି ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବାରୁ, ଶବ ଉଠିଥିଲା । ଧର୍ମ ପରିବର୍ତ୍ତନକୁ ନେଇ ଏବେ ବି ଗାଜିଗାଁରେ ମନାନ୍ତର ମତାନ୍ତର ଲାଗିରହିଛି ।

10001/331/2627
NATIONAL HEALTH MISSION
OFFICE OF THE CDM&PHO CUM DISTRICT MISSION DIRECTOR, KANDHAMALA
District Programme Management Unit(DPMU), DHH, Kandhamal, Phulbani – 762001 (Orissa)
Phone : 06842- 253220, e-mail reportsnrhmkan@gmail.com

ZILLA SWASTHYA SAMITI, KANDHAMALA
(Under National Health Mission)
Office of the CDM&PHO-cum- District Mission Director, NHM, Kandhamal, Odisha, 762001

Adv. No. 6634 Date: 03//07//2026

Request for Proposal (RFP) for Selection of Agency to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District

Zilla Swasthya Samiti(ZSS), Kandhamala invite the proposals as per the prescribed RFP documents from eligible bidders for Techno Managerial Services to undertake Paramedics, Nursing & other Techno Managerial Services at Govt. Health Institutions of Kandhamala District. The detail term & conditions, eligibility & Selection criteria may be downloaded from the district website https://kandhamal.odisha.gov.in. The interested bidders fulfilling the eligibility criteria may submit their proposals with paper cost, EMD & required documents as set forth in the RFP to the CDM & PHO, Kandhamal, Phulbani, PIN- 762001 thrugh speedpost/ Regd. Post / courier on or before dtd. 30.07.2026 by 5.00 PM. The envelope containing the proposal should be superscrpted clearly as per the instruction mentioned in the RFP. The Pre-Bid discussion will be held on dated. 09.07.2026 at 11.00 AM & the technical bid will be opened on dated 31.07.2026 in the office champer of CDM & PHO, Kandhamala at 11.30 AM. The undersigned reserves the right to reject any of all the propsals without assgning any reason thereof.

OIPR-10001/10015/1/26-27/0001
C.D.M & P.H.O-cum- DMD, Kandhamala

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ